ବର୍ଷ-୨୬, ସଂଖ୍ୟା-୧୯୪
ଭୁବନେଶ୍ୱର
୨୦, ଜୁଲାଇ ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 194
Bhubaneswar
20 July, 2026, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଆଜିଠୁ ସଂସଦର ମୌସୁମୀ ଅଧିବେଶନ

## ଓଡିଶାର ଏକାଧିକ ପ୍ରସଙ୍ଗ ଉଠାଇବ ବିଜେଡି

ଭୁବନେଶ୍ୱର, ୧ ୯ା୭(ମହାଭାରତ): : ଜୁଲାଇ ୨୦ରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେଉଛି । ଏନେଇ ନୂଆଦିଲ୍ଲୀରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ମାନସ ମଙ୍ଗରାଜ ଉପସ୍ଥିତ ରହି ବିଜୁ ଜନତା ଦଳର ସଂସଦରେ କାର୍ଯ୍ୟକାରିତା ନେଇ ମତପ୍ରକାଶ କରିଛନ୍ତି ।

ସାଂସଦ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ, ଦିଲ୍ଲୀରେ ଆୟୋଜିତ ସର୍ବଦଳୀୟ ବୈଠକରେ ବିଜେଡି ପକ୍ଷରୁ ଯୋଗଦାନ କରି ବିଶେଷ ଦାବି ଉପସ୍ଥାପନ ନେଇ ଆଲୋଚନା କରାଯାଇଛି । ଦକ୍ଷିଣ ଏସିଆରେ ବର୍ତ୍ତମାନ ଜାରି ଥିବା ଯୁଦ୍ଧ ପରିସ୍ଥିତି, ଅହେତୁକ ଦରଦାମ ବୃଦ୍ଧି, ପେଟ୍ରୋଲରେ ଇଥାନାଲ ମିଶାଇବା ଦ୍ୱାରା ଗାଡି ମୋଟରରେ ସୃଷ୍ଟି ହୋଇଥିବା ସମସ୍ୟା ବାବଦରେ ଦାବି ଉପସ୍ଥାପନ ନେଇ ଆଲୋଚନା କରିଥିଲେ । ଏହାସହିତ ଓଡ଼ିଶାର ମାଳ ମାଳ ସମସ୍ୟା ପ୍ରସଙ୍ଗ ନେଇ ସଂସଦରେ କେନ୍ଦ୍ର ସରକାରଙ୍କୁ ବିଜେଡି ପକ୍ଷରୁ ପ୍ରଶ୍ନ ଉପସ୍ଥାପନ କରାଯିବ ବୋଲି କହିଛନ୍ତି ।

ଦୁଇ ବର୍ଷର ରାଜ୍ୟ ସରକାରଙ୍କ ବିଫଳତାକୁ ମୌସୁମୀ ଅଧିବେଶନରେ ମୁଖ୍ୟ ପ୍ରସଙ୍ଗ କରିବେ । ରାଜ୍ୟରେ ନୂତନ ଶିକ୍ଷା ନୀତି ଲାଗୁ କରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକ ପ୍ରକାଶ ପାଇଛି । ଯେଉଁଥିରେ କି ମାଳ ମାଳ ତ୍ରୁଟି ରହିଛି । ଯାହାକି ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଛି । ଉକ୍ତ ତ୍ରୁଟି ଯୋଗୁଁ ରାଜ୍ୟର ୪୦ଲକ୍ଷର ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଶିକ୍ଷା ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଛି । ଉକ୍ତ ଗମ୍ଭୀର ପ୍ରସଙ୍ଗକୁ ରାଜ୍ୟ ସରକାର ଅତି ହାଲୁକା ଭାବେ ନେଉଛନ୍ତି । ଯାହାକୁ ରାଜ୍ୟସଭାରେ ବିଜେଡି ପକ୍ଷରୁ ଆଲୋଚନା କରିବା ନେଇ ଉପସ୍ଥାପନ କରାଯାଇଛି ।



ଓଡ଼ିଶାରୁ ସର୍ବାଧିକ ପରିମାଣର କୋଇଲା ଉତ୍ତୋଳନ ହେଉଥିବା ବେଳେ କୋଇଲା ରୟାଲଟିରୁ ଓଡ଼ିଶା ବଞ୍ଚିତ ହେଉଛି । ଏହାସହିତ ଓଡ଼ିଶାରେ ଜାରି ଥିବା ବ୍ୟାପକ କୃଷକ ଅସାମଞ୍ଜସ୍ୟ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ସଂସଦରେ ସ୍ୱତନ୍ତ୍ର ଆଲୋଚନା ନେଇ ଦାବି କରିଥିଲେ । ସାଂସଦ ମାନଙ୍କ ହାତ ପାଣ୍ଠିକୁ ୫କୋଟିରୁ ବୃଦ୍ଧି କରିବା ନେଇ ସାଂସଦ ମାନେ ଦାବି ଉପସ୍ଥାପନ କରିଥିବା ବେଳେ ବର୍ତ୍ତମାନର ୫କୋଟି ହାତ ପାଣ୍ଠିର ସଠିକ୍ ଭାବେ ବିନିଯୋଗ କରିବା ନେଇ ସାଂସଦ ଶ୍ରୀ ମଙ୍ଗରାଜ ଆଲୋଚନା ନେଇ ଉପସ୍ଥାପନ କରିଛନ୍ତି ।

ଓଡିଶାରେ ବିଜେପି ସରକାର ଉକ୍ତ ପାଣ୍ଠିକୁ ସଠିକ୍ ଭାବରେ ବିନିଯୋଗ କରିବାରେ ବାଧା ସୃଷ୍ଟି କରୁଛନ୍ତି । ସାଂସଦ ମାନଙ୍କ ୫କୋଟି ଟଙ୍କାର ହାତ ପାଣ୍ଠିର ବିନିଯୋଗ କରିବାରେ ଓଡିଶାର ବିଜେପି ସରକାର ରୋକ ଲଗାଉଛନ୍ତି । ସାଂସଦ ମାନଙ୍କ ହାତ ପାଣ୍ଠିରେ ଉନ୍ନୟନମୂଳକ କାର୍ଯ୍ୟ କରିବାରେ ବିଜେପି ସରକାର ବାଧା ସୃଷ୍ଟି କରୁଛନ୍ତି । ସାଂସଦ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ, ଗତ ୨୦୨୪ ମସିହାରୁ ଓଡ଼ିଶାରେ ସାଂସଦ ପାଣ୍ଠି ଖର୍ଚ୍ଚ କରିବାରେ ରାଜ୍ୟ ସରକାର ଅନେକ ବାଧା ସୃଷ୍ଟି ହେଉଛି । ରାଜ୍ୟ ସରକାର ବିକାଶମୂଳକ କାର୍ଯ୍ୟ କରିବାକୁ ଦେଉନାହାନ୍ତି ।

ସେ ଚିଲିକା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ହାତ ପାଣ୍ଠିରୁ ଟଙ୍କା ଦେଉଥିବା ବେଳେ ତାହାର ସଠିକ୍ ଭାବେ ବିନିଯୋଗ ହେଉନାହିଁ । ସାଂସଦ ହାତ ପାଣ୍ଠିରୁ ଟଙ୍କା ଖର୍ଚ୍ଚ ହେବ କିନ୍ତୁ ମନ୍ତ୍ରୀଙ୍କ ନାମରେ ଫଳକ ଉନ୍ମୋଚନ ହେବ । ଓଡ଼ିଶାର ବିଜେପି ସରକାର ଜାଣିଶୁଣି ବିଜେଡ଼ିର ସାଂସଦ ମାନଙ୍କ ହାତ ପାଣ୍ଠିକୁ ଖର୍ଚ୍ଚ କରିବାକୁ ଦେଉନଥିବାର ମସୁଧା ଚଳାଇଛନ୍ତି । ରାଜ୍ୟ ସରକାର ନିର୍ଦ୍ଦେଶକ୍ରମେ ଅଧିକାରୀ ମାନେ ବିଜେଡି ସାଂସଦ ମାନଙ୍କ ହାତ ପାଣ୍ଠିକୁ ଖର୍ଚ୍ଚ କରିବାକୁ ନଦେଇ ତାହାକୁ ଗତ ଦୁଇ ବର୍ଷ ଧରି ପକାଇ ରଖିଛନ୍ତି । ଯାହା ଫଳରେ ବିଜେଡି ସାଂସଦ ମାନେ ଚାହିଁଲେ ମଧ୍ୟ ନିଜ ହାତ ପାଣ୍ଠିକୁ ବିନିଯୋଗ କରିପାରୁ ନାହାଁନ୍ତି । ଏନେଇ ସେ ପୂର୍ବରୁ ସଂସଦୀୟ ବିଭାଗୀୟ କମିଟିଙ୍କ ନିକଟରେ ନୋଟିସ ପ୍ରଦାନ କରିଥିଲେ । ସେ ବାବଦରେ ସର୍ବ ଦଳୀୟ ବୈଠକରେ ଆଲୋଚନା ହୋଇଥିବା ବେଳେ ଏନେଇ ସଂସଦରେ ପ୍ରଶ୍ନ ଉପସ୍ଥାପନ କରିବେ ବୋଲି କହିଛନ୍ତି । ଏନେଇ ସ୍ୱତନ୍ତ୍ର ଭାବେ ଆଲୋଚନା କରିବା ପାଇଁ ଶ୍ରୀ ମଙ୍ଗରାଜ ଦାବି ଉପସ୍ଥାପନ କରିଥିଲେ । ତେବେ ଏନେଇ ବିଭାଗୀୟ ମନ୍ତ୍ରୀ ଓ ଅନ୍ୟ ମାନଙ୍କ ଉପସ୍ଥିତିରେ ଆଲୋଚନା କରିଥିବା ବେଳେ ଉକ୍ତ ପ୍ରସଙ୍ଗକୁ ସଂସଦରେ ଉପସ୍ଥାପିତ କରିବା ନେଇ ସେ ସହମତି ପ୍ରକାଶ କରିଛନ୍ତି । ବିଜେଡି ଓଡ଼ିଶାର ସ୍ୱାର୍ଥ ସମ୍ବନ୍ଧୀୟ ମାଳ ମାଳ ପ୍ରସଙ୍ଗ ଥିବାରୁ ଗୃହରେ ତାହାକୁ ଉପସ୍ଥାପନ କରିବା ନେଇ ପ୍ରସ୍ତୁତ ହୋଇଛି । ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ଗୃହରେ ସହଯୋଗ କରି ବିଜେଡି ତାହାର ପ୍ରସଙ୍ଗ ନେଇ ପ୍ରଶ୍ନ ଉଠାଇବ ବୋଲି କହିଛନ୍ତି ।

# ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକ୍ଚର୍‌ରେ ସିବିଆଇ ଚଢ଼ଉ

ଭୁବନେଶ୍ୱର୯ା୭(ମହାଭାରତ):: ରାଷ୍ଟ୍ରାୟତ୍ତ କାନାରା ବ୍ୟାଙ୍କରେ ହୋଇଥିବା ୧୧୦୯ କୋଟି ଟଙ୍କାର ଏକ ଋଣ ଜାଲିଆତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକ୍ଚର୍ ଲିମିଟେଡ୍‌ର ବିଭିନ୍ନ ଠିକଣାରେ ଚଢ଼ଉ କରାଯାଇଛି । ଭୁବନେଶ୍ୱରର ସ୍ୱତନ୍ତ୍ର ସିବିଆଇ କୋର୍ଟ ଜାରି କରିଥିବା ଏକ ୱାରେଣ୍ଟ ଆଧାରରେ କମ୍ପାନିର ପଶ୍ଚିମବଙ୍ଗ, ଓଡିଶା, ତାମିଲନାଡୁ ଓ ଝାଡଖଣ୍ଡ ଠିକଣାରେ ଚଢ଼ଉ କରି ଖାନତଲାସୀ କରାଯାଇଥିଲା । କମ୍ପାନିର ଭୁବନେଶ୍ୱରରେ ଥିବା ଚାରି ଜଣ ଅଭିଯୁକ୍ତ ନିର୍ଦ୍ଦେଶକଙ୍କ ବାସଭବନ, କୋଲକାତାରେ କମ୍ପାନିର ଥିବା ପଞ୍ଜୀକୃତ କାର୍ଯ୍ୟାଳୟ, ଉତ୍ତରାଖଣ୍ଡର କାଶିପୁର, ତାମିଲନାଡୁର ତିରୁଭାଲୁର ଓ ଓଡିଶାର ଭୁବନେଶ୍ୱରରେ ଥିବା କାରଖାନାରେ ଚଢ଼ଉ ହୋଇଥିଲା । ଚଢ଼ଉ ବେଳେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି ଓ ତଦନ୍ତ ଜାରି ଥିବା ସିବିଆଇ କହିଛି ।

ସିବିଆଇ ଅଭିଯୋଗ କରିଛି ଯେ କମ୍ପାନି ନିଜର ଷ୍ଟକ୍ ମୂଲ୍ୟ ଓ ବ୍ୟବସାୟ ତଥ୍ୟକୁ ବାଢାଇ ଚାଢାଇ ଉପସ୍ଥାପନ କରିଥିଲା । ଆର୍ଥିକ ବିବରଣୀର ଭୁଲ ତଥ୍ୟ ଦେଇ କମ୍ପାନି ଋଣ ସୀମା ବାଢାଇଥିଲା । ବ୍ୟାଙ୍କରୁ ଆଣିଥିବା ଋଣକୁ କମ୍ପାନି ହଡପ କରିବା ସହ ଅନ୍ୟତ୍ର ସ୍ଥାନାନ୍ତର କରିଥିଲା । କମ୍ପାନିର ଏଭଳି ଜାଲିଆତି ପାଇଁ ବ୍ୟାଙ୍କକୁ ବିପୁଳ କ୍ଷତି ସହିବାକୁ ପଡିଥିଲା ।

ଉଲ୍ଲେଖଯୋଗ୍ୟ, ୨୦୨୫ରେ ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକ୍ଚର୍ ନେଇଥିବା ଋଣକୁ ଦୁଇଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ଠକେଇ ବର୍ଗରେ ସାମିଲ କରିଥିଲେ । ପିଏନ୍‌ବିକୁ କମ୍ପାନି ୨୭୦ କୋଟି ଟଙ୍କା ଓ ବିଓଆଇକୁ ୨୨୬ କୋଟି ଟଙ୍କା ପରିଶୋଧ କରି ନଥିବା ଅଭିଯୋଗ ହୋଇଥିଲା । କମ୍ପାନି ବିଭିନ୍ନ ବ୍ୟାଙ୍କକୁ ନେଇ ଗଠିତ କନ୍‌ସୋର୍ସିୟମଠାରୁ ୨୯୦୦ କୋଟି ଟଙ୍କାର ଋଣ ନେଇଥିଲା । ଋଣ ଖାତାକୁ ଠକେଇ ବର୍ଗରେ ସାମିଲ କରିଥିବା ବ୍ୟାଙ୍କଗୁଡିକ ସେ ବିଷୟରେ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ବି ଅବଗତ କରିଥିଲେ । ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକ୍ଚର୍ ବିରୋଧରେ ନ୍ୟାସନାଲ କମ୍ପାନି ଲ ଟ୍ରିବ୍ୟୁନାଲ (ଏନସିଏଲଟି)ରେ ମଧ୍ୟ ଆବେଦନ କରାଯାଇଥିଲା । କମ୍ପାନିର ବିଭିନ୍ନ ସମ୍ପତ୍ତି ନିଲାମ କରିବାକୁ କାନାରା ବ୍ୟାଙ୍କ ଗଣମାଧ୍ୟମରେ ସାର୍ବଜନୀନ ବିଜ୍ଞାପନ ଦେଇଥିଲା । କମ୍ପାନି କାନାରା ବ୍ୟାଙ୍କ, ୟୁନିୟନ୍ ବ୍ୟାଙ୍କ, ଇଣ୍ଡିଆନ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ଓ ଆଇଡିବିଆଇ ବ୍ୟାଙ୍କଠାରୁ କମ୍ପାନି ଏହି ଋଣ ନେଇଥିଲା । କାନାରା ବ୍ୟାଙ୍କରୁ ଋଣ ନେବା ବେଳେ ଏହାର ପରିଚାଳନା ନିର୍ଦ୍ଦେଶକ ମହେନ୍ଦ୍ର କୁମାର ଗୁପ୍ତା, ଅଭିଷେକ ଗୁପ୍ତା, ଜିତେନ୍ଦ୍ର ମୋହନ ଗୁପ୍ତା, କିରଣଦେବୀ ଗୁପ୍ତା ଓ ବିନୀତ ମୋହନ ଗୁପ୍ତା ଓ ମନମୋହନ ଗୁପ୍ତା ଗ୍ୟାରେଣ୍ଟର ଥିଲେ ।

# ୫୦ କୋଟି ଠକି ଗିରଫ ହେଲେ

ଭୁବନେଶ୍ୱର, ୯ା୭(ମହାଭାରତ):: ସମାଜସେବା ଅଳୁଆଳରେ ଠକେଇର ସାମ୍ରାଜ୍ୟ । ଭିନ୍ନ ଭିନ୍ନ ପରିଚୟ ଦେଇ ଲୋକଙ୍କ ଠାରୁ ଠକିଥିଲା କୋଟି କୋଟି ଟଙ୍କା । ଶେଷରେ ସେ ପୁଲିସ ହାତରେ ଧରାପଡିଛି ଓ ତାଙ୍କ ଖେଳ ଶେଷ ହୋଇଛି । ତାଙ୍କ ନାଁ ଶେଷଧର ପଣ୍ଡା । ତାଙ୍କ ଘର କଟକର ସିଡିଏ ଅଞ୍ଚଳରେ । ତାଙ୍କୁ ଗିରଫ କରିଛି କଟକ ମଙ୍ଗଳବାଗ ଥାନା ପୁଲିସ । କଟକ ସମେତ ବିଭିନ୍ନ ଜିଲ୍ଲାରୁ ଏକାଧିକ ଲୋକଙ୍କଠାରୁ ସେ ପାଖାପାଖି ୫୦ କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି ।

ଶେଷଧର ପଣ୍ଡା କେତେବେଳେ ନିଜକୁ ଜଣେ ଆଇନଜୀବୀ ତ ପୁଣି କେତେବେଳେ ନିଜକୁ କହୁଥିଲେ ବରିଷ୍ଠ ପୁଲିସ ଅଧିକାରୀ । ପୁଣି କେତେବେଳେ ସେ ଜଣେ ଶିଳ୍ପପତି ବୋଲି ପରିଚୟ ଦେଉଥିଲେ । ଭିନ୍ନ ଭିନ୍ନ ଲୋକଙ୍କୁ ସେ ନିଜର ଭିନ୍ନ ଭିନ୍ନ ପରିଚୟ ଦେଇ ଚଲାଇଥିଲା ଠକେଇର ବଡ ସାମ୍ରାଜ୍ୟ । କେବଳ ସେତିକି ନୁହେଁ, ନିଜକୁ ଜଣେ ସମାଜସେବୀ ଭାବେ ପରିଚୟ ଦେଇ ବିଭିନ୍ନ ସାହିତ୍ୟ ସଭା ଓ ସାମାଜିକ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ମଞ୍ଚରେ ଭାଷଣ ମଧ୍ୟ ଦେଉଥିଲେ ।

ପୁଲିସର ସୂଚନା ଅନୁଯାୟୀ ଲୋକମାନଙ୍କୁ ଭିନ୍ନ ଭିନ୍ନ ଉପାୟରେ ସେ ଠକେଇ କରୁଥିଲେ । ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ସେଠାରେ ଟଙ୍କା ଦେଇ ଲୋକଙ୍କ ବିଶ୍ୱାସ ଜିତୁଥିଲେ । ଏହାପରେ ସେ ବଡ ବଡ ଲୋକଙ୍କୁ ଟାର୍ଗେଟ କରୁଥିଲେ । କାହାକୁ କହୁଥିଲେ ଯେ ତାଙ୍କର ଇନକମ ଟ୍ୟାକ୍ସ ବାବଦ ଟଙ୍କା ଦେବାର ଅଛି, ଟଙ୍କା ଦେଇଥାନ୍ତୁ । ପୁଣି କାହାକୁ ଜମି ଦେବା ନାଁରେ ତ କାହାକୁ ଘର ଦେବା ନାଁରେ ଟଙ୍କା ମାଗି ଆଉ ଫେରସ୍ତ କରୁ ନଥିଲେ । କେବଳ ସେତିକି ନୁହେଁ, ଟଙ୍କା ଫେରସ୍ତ ସମୟରେ ଅଧିକ ଟଙ୍କା ଦେବେ ବୋଲି କହୁଥିଲେ ।ତାଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜଣେ ବ୍ୟକ୍ତି ହେଉଛନ୍ତି କଟକର କେଶବଚନ୍ଦ୍ର ରାଉତ । ତାଙ୍କ ବନ୍ଧୁତାର ବୁଢିଆଣୀ ଜାଲରେ କେଶବଚନ୍ଦ୍ର ଏମିତି ଫସିଗଲେ ଯେ ଅନ୍ୟଠୁ ଋଣ କରି ଦେଇଦେଇଥିଲେ ୪ କୋଟିରୁ ଅଧିକ ଟଙ୍କା ଓ ୧୦ ଭରି ସୁନା । କିନ୍ତୁ ପରେ ଯେତେ ମାଗିଲେ ମଧ୍ୟ ଆଉ ଶୁଣି ନଥିଲେ ଶେଷଧର । ଆଜି ନାହିଁ, କାଲି ଆସ କହି କେଶବଙ୍କୁ ସେ ଠକି ଚାଲିଥିଲେ ।

ସେହିପରି କଟକର ପ୍ରଫେସର ପଡା ଅଞ୍ଚଳରୁ ସେ ଜଣଙ୍କଠାରୁ ୩୫ ଲକ୍ଷ ଟଙ୍କା ନେଇ ଆଉ ଫେରାଉ ନଥିଲେ । ତେଣୁ ସେ ଗତ ମେ ୨୧ ତାରିଖରେ ମଙ୍ଗଳବାଗ ଥାନାରେ ଶେଷଧରଙ୍କ ବିରୋଧରେ ଅଭିଯୋଗ କରିଥିଲେ । ଏହା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଗତକାଲି ବାଲେଶ୍ୱର ଜିଲ୍ଲାରୁ ତାଙ୍କୁ ଗିରଫ କରିଛି ।

# ରାମମନ୍ଦିର ଦାନ ପାଣ୍ଠି ଚୋରି ନେଇ ପ୍ରଧାନମନ୍ତ୍ରୀଙ୍କୁ ରାହୁଲ ଗାନ୍ଧୀଙ୍କ ଚିଠି

ନୂଆଦିଲ୍ଲୀ, ୯ା୭(ମହାଭାରତ):: ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ପୂର୍ବରୁ ରାମ ମନ୍ଦିର ଚଢ଼ାଉ ଏବଂ କଥିତ ଆର୍ଥିକ ଅନିୟମିତତା ପ୍ରସଙ୍ଗ ପୁଣିଥରେ ରାଜନୈତିକ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆସିଛି । ଲୋକସଭାର ବିରୋଧୀ ଦଳନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟସଭାର ବିରୋଧୀ ଦଳନେତା ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମିଳିତ ଭାବେ ଏକ ପତ୍ର ଲେଖିଛନ୍ତି ।

ଏଥିରେ ରାମ ମନ୍ଦିର ଚାନ୍ଦା ସଂଗ୍ରହରେ କଥିତ ଅନିୟମିତତା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି । ଉଭୟ ନେତା ଏହି ସମଗ୍ର ଘଟଣାର ଏକ ସ୍ୱାଧୀନ ଓ ବ୍ୟାପକ ତଦନ୍ତ କରାଇବା ସହ ରାମ ମନ୍ଦିର ଟ୍ରଷ୍ଟର ସମସ୍ତ ଆର୍ଥିକ ରେକର୍ଡ ସାର୍ବଜନୀନ କରିବାକୁ ଦାବି କରିଛନ୍ତି ।ପ୍ରଧାନମନ୍ତ୍ରୀଙ୍କୁ ପଠାଯାଇଥିବା ପତ୍ରରେ ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ, କୋଟି କୋଟି ରାମ ଭକ୍ତଙ୍କ ଆସ୍ଥା ସହ ଜଡ଼ିତ ଏହି ପ୍ରସଙ୍ଗ ଅତ୍ୟନ୍ତ ଗମ୍ଭୀର । ଏଭଳି ସଙ୍ଗୀନ ଅଭିଯୋଗ ସତ୍ତ୍ୱେ ପ୍ରଧାନମନ୍ତ୍ରୀଙ୍କ ନୀରବତା ସମ୍ପୂର୍ଣ୍ଣ ଅଗ୍ରହଣୀୟ ବୋଲି ସେମାନେ ପତ୍ରରେ ଉଲ୍ଲେଖ କରିଛନ୍ତି । ସରକାରଙ୍କ ଦାୟିତ୍ୱ ହେଉଛି ଜବାବଦେହିତା ନିର୍ଦ୍ଧାରଣ କରି ଦେଶ ସମ୍ମୁଖରେ ସତ୍ୟକୁ ଉପସ୍ଥାପନ କରିବା ବୋଲି ସେମାନେ କହିଛନ୍ତି । କଂଗ୍ରେସ ନେତାମାନେ ପତ୍ରରେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ପୂର୍ବତନ ମହାସଚିବ ଚମ୍ପତ ରାୟଙ୍କ ଉଲ୍ଲେଖ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ, ଚମ୍ପତ ରାୟଙ୍କ ବିରୋଧରେ ଗୁରୁତର ପ୍ରଶ୍ନ ଉଠିଛି । ଏହାସହ ସେ ପ୍ରଧାନମନ୍ତ୍ରୀଙ୍କ ଘନିଷ୍ଠ ସହଯୋଗୀ ବୋଲି ମଧ୍ୟ ପତ୍ରରେ ଉଲ୍ଲେଖ କରାଯାଇଛି । ଏଭଳି ସ୍ଥିତିରେ ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ କରାଇବା ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱ ବୋଲି ସେମାନେ କହିଛନ୍ତି ।

# ବିଜେଡି ଛାଡ଼ିବେନି ବିକ୍ରମ

ଭୁବନେଶ୍ୱର, ୧ ୯ା୭(ମହାଭାରତ): ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଜେପିରେ ଯୋଗ ଦେବେ ବୋଲି ଚର୍ଚ୍ଚା ହେଉଥିବା ବେଳେ ରବିବାର ସନ୍ଧ୍ୟାରେ ସେ ଏନେଇ ରଖିଛନ୍ତି ପ୍ରତିକ୍ରିୟା । ଏହାକୁ ସେ ଗୁଜବ ଓ ମିଛ ଖବର ବୋଲି କହିଛନ୍ତି ।ଶ୍ରୀ ଆରୁଖ କହିଛନ୍ତି, ମୁଁ ବିଜେଡିରେ ଥିଲି, ଅଛି ଓ ରହିବି । ମୁଁ ବିଜେଡିର ପ୍ରତିଷ୍ଠାତା ସଦସ୍ୟ । ଦଳ ପ୍ରତିଷ୍ଠା ହେବା ଦିନ ଠାରୁ ଆନ୍ତରିକତା ସହ କାମ କରିଛି । ମୁଁ ଏବେ ବିଜେଡିର ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ଅଛି । ବ୍ୟକ୍ତିଗତ ଅସୁବିଧା ଯୋଗୁଁ ଗୋଟେ ଦୁଇଟି ବୈଠକରେ ଯୋଗ ଦେଇ ପାରିନି । ଏହାକୁ ନେଇ ଯଦି ଆଲୋଚନା ହୁଏ ଯେ ମୁଁ ଅନ୍ୟ ଦଳକୁ ଯିବି, ତାହା ଅମୂଳକ ।ବିଜେଡି ସଭାରୁ ଯିବା ପରଠାରୁ ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବେ ବିଜେଡି କାର୍ଯ୍ୟକ୍ରମରୁ ଦୂରେଇ ଦୂରେଇ ରହୁଛନ୍ତି । ଗତ କିଛି ମାସ ହେବ ଏ ଦୂରତା ଆହୁରି ବଢିଯାଇଛି । ନବୀନ ଗଢିଥିବା ବିଜେଡି ରାଜନୀତିକ ବ୍ୟାପାର କମିଟିର ସଦସ୍ୟ ଥାଇ ମଧ୍ୟ ବିକ୍ରମ ବୈଠକରେ ଅନୁପସ୍ଥିତ ରହୁଛନ୍ତି । ସେହିପରି ଗଞ୍ଜାମର ଦଳୀୟ କାର୍ଯ୍ୟକ୍ରମରେ ବି ଦେଖିବାକୁ ମିଳୁନାହିଁ । ବିଜେଡିରୁ ଖାପ ଛଡା ଦେଉଥିବା ବିକ୍ରମ ଏବେ ବିଜେପି ମୁହାଁ ବୋଲି ଚର୍ଚ୍ଚା ହେଉଛି ।

# ନାଗାଲାଣ୍ଡରେ ବଡଧରଣର ଭୂସ୍ଖଳନ, ୪ ମୃତ

ଗୁଆହାଟୀ/କୋହିମା, ୧ ୯ା୭(ମହାଭାରତ):ନାଗାଲାଣ୍ଡର ମୋନ୍ ଜିଲ୍ଲାରେ ରବିବାର ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଘଟି ଶିଶୁଙ୍କ ସମେତ ଆଠ ଜଣଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି । ବର୍ଷା ଯୋଗୁଁ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଚାରି ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ବୋଲି ଅଧିକାରୀମାନେ କହିଛନ୍ତି । ଆଠ ଜଣଙ୍କର ମୃତ୍ୟୁ ହେବାର ଆଶଙ୍କା କରାଯାଉଛି ।



ଭଗ୍ନାବଶେଷ ଭିତରୁ ଚାରି ଜଣଙ୍କ ମୃତଦେହ ଉଦ୍ଧାର କରିବାରେ ସକ୍ଷମ ହୋଇଥିବା ମୋନ୍ ଡେପୁଟି କମିଶନର ଓ୍ୱେନ୍‌ନେଇ କୋନ୍ୟାକ୍ କହିଛନ୍ତି । ଭୂସ୍ଖଳନ ଯୋଗୁଁ ଅନେକ ଘର ଭାସି ଯାଇଛି । ଉଦ୍ଧାରକାରୀ ଦଳ ଭଗ୍ନାବଶେଷ ତଳେ ଫସି ରହିଥିବା ଲୋକମାନଙ୍କୁ ସନ୍ଧାନ କରୁଛନ୍ତି । ଭୂସ୍ଖଳନ ପରେ ବିଭିନ୍ନ ଅଞ୍ଚଳରେ ପ୍ରବଳ ମାତ୍ରାରେ ପାଣି ପ୍ରବାହିତ ହେଉଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ସ୍ୱେଚ୍ଛାସେବୀ, ପୁଲିସ ଓ ସେନା ସହିତ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସ୍‌ଡିଆର୍‌ଏଫ୍) ଟିମ୍ ଘଟଣା ସ୍ଥଳରେ ପହଞ୍ଚିଛି । ନାଗାଲାଣ୍ଡ ସରକାର ଏକ ବିବୃତିରେ ଏହି ଦୁଃଖଦ ଭୂସ୍ଖଳନ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସରକାର କହିଛନ୍ତି ଯେ, ରାଜ୍ୟର ବିଭିନ୍ନ ଅଂଶକୁ ପ୍ରଭାବିତ କରୁଥିବା ପ୍ରତିକୂଳ ପାଣିପାଗ ସ୍ଥିତି ଉପରେ ନଜର ରଖାଯାଇଛି । ମୋନ୍ ଜିଲ୍ଲା ବ୍ୟତୀତ ମୋକୋକଚୁଙ୍ଗ ଜିଲ୍ଲାର ତୁଲି ଉପଖଣ୍ଡ ଓ ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳରେ ମଧ୍ୟ ଭୂସ୍ଖଳନ, ବନ୍ୟା, ରାସ୍ତା ଅବରୋଧ ଓ ସାର୍ବଜନୀନ ଭିତ୍ତିଭୂମି ଏବଂ ବ୍ୟକ୍ତିଗତ ସମ୍ପତ୍ତିର କ୍ଷତି ସମେତ ଗମ୍ଭୀର ପ୍ରଭାବ ଦେଖିବାକୁ ମିଳିଛି । ମୁଖ୍ୟମନ୍ତ୍ରୀ ନେଫ୍ୟୁ ରିଓ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁର ଅନୁକମ୍ପା ସହାୟତା ଘୋଷଣା କରିଛନ୍ତି । ଆହତଙ୍କ ପାଇଁ ୭୪,୦୦୦ ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି । ସରକାର ସମସ୍ତ ସମ୍ପୃକ୍ତ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଅପମାନଜନକ ଭାଷା ସବୁବେଳେ ଅଶ୍ଳୀଳ ନୁହେଁ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୧ ୯ା୭(ମହାଭାରତ): କେବଳ ଅପମାନଜନକ ଭାଷା ବ୍ୟବହାର କରାଯିବା ମାତ୍ରେ ତାହାକୁ ଆଇନ ଅନୁସାରେ 'ଅଶ୍ଳୀଳ' ବୋଲି କୁହାଯାଇପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଛନ୍ତି । ଅଦାଲତ କହିଛନ୍ତି, ଏଫ୍-ୱାର୍ଡ ପରି ଅପମାନଜନକ ଶବ୍ଦ ଅନ୍ୟମାନଙ୍କୁ ଆଘାତ ପହଞ୍ଚାଇପାରେ, କିନ୍ତୁ ସେଥିପାଇଁ ତାହା ସ୍ୱତଃସିଦ୍ଧ ଭାବେ ଅଶ୍ଳୀଳ ଭାଷା ଶ୍ରେଣୀରେ ଆସିଯାଏ ନାହିଁ ।ବିଚାରପତି ସଞ୍ଜୟ କାରୋଲ ଓ ବିପୁଲ ଏମ୍ ପଞ୍ଚୋଲିଙ୍କ ଖଣ୍ଡପୀଠ ଏକ ମାମଲାର ଶୁଣାଣି ସମୟରେ ଏହି ରାୟ ଦେଇଛନ୍ତି । ତାମିଲନାଡୁରେ ୨୦୧୭ ମସିହାରେ କୃଷିଜମିକୁ କେନ୍ଦ୍ର କରି ହୋଇଥିବା ବିବାଦରୁ ଏହି ମାମଲାର ଆରମ୍ଭ ହୋଇଥିଲା । ସେହି ଘଟଣାରେ ଜଣେ ୭୦ ବର୍ଷୀୟ ବ୍ୟକ୍ତିଙ୍କୁ ଅପମାନଜନକ ଶବ୍ଦ ବ୍ୟବହାର କରିବା ଅଭିଯୋଗରେ ଅଶ୍ଳୀଳତା ସମ୍ପର୍କିତ ଧାରାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା ।

ସୁପ୍ରିମ୍‌କୋର୍ଟ କହିଛନ୍ତି, ଆଇନ ଦୃଷ୍ଟିରୁ 'ଅଶ୍ଳୀଳତା' ଓ 'ଅଶାଳୀନତା' ଏକ କଥା ନୁହେଁ । କୌଣସି ଶବ୍ଦକୁ ଅଶ୍ଳୀଳ ବୋଲି ଧରାଯିବା ପାଇଁ ତାହା କାମୁକ ପ୍ରବୃତ୍ତିକୁ ଉସକାଇବା, ଯୌନ ଆକର୍ଷଣ ସୃଷ୍ଟି କରିବା କିମ୍ବା ଏହାକୁ ଶୁଣୁଥିବା ବ୍ୟକ୍ତିଙ୍କ ନୈତିକତାକୁ ବିପଥଗାମୀ କରିବାର ପ୍ରବୃତ୍ତି ଥିବା ଆବଶ୍ୟକ । କେବଳ ଅଶାଳୀନ, କଟୁ କିମ୍ବା ଗାଳିଗୁଲଜପୂର୍ଣ୍ଣ ଶବ୍ଦ ବ୍ୟବହାର କରାଗଲେ ସେଥିରେ ଅଶ୍ଳୀଳତାର ଅପରାଧ ହୁଏ ନାହିଁ । ତେବେ ଅଦାଲତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଗୁରୁତର ଆଘାତ ପହଞ୍ଚାଇବା ନେଇ ଦୋଷୀ ସାବ୍ୟସ୍ତ ରାୟକୁ ବଜାୟ ରଖିଛନ୍ତି । ମାମଲାରେ ଅଭିଯୁକ୍ତ ଆକ୍ରମଣ କରି ଅଭିଯୋଗକାରୀଙ୍କ ନାକର ହାଡ଼ ଭାଙ୍ଗିଦେଇଥିବା ପ୍ରମାଣିତ ହୋଇଥିଲା । କିନ୍ତୁ ତାଙ୍କ ବୟସ ଓ ସ୍ୱାସ୍ଥ୍ୟାବସ୍ଥାକୁ ବିଚାରକୁ ନେଇ ସୁପ୍ରିମ୍‌କୋର୍ଟ ଦଣ୍ଡରେ କିଛି କୋହଳ କରିଛନ୍ତି ଏବଂ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଅମରନାଥ, ବୈଷ୍ଣୋଦେବୀ ଓ ଶିବଖୋରି ଯାତ୍ରା ସାମୟିକ ବନ୍ଦ

ଜମ୍ମୁ, ୧ ୯ା୭(ମହାଭାରତ): ଜମ୍ମୁ-କାଶ୍ମୀରରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଆଶଙ୍କାକୁ ଦୃଷ୍ଟିରେ ରଖି ପ୍ରଶାସନ ଅମରନାଥ, ବୈଷ୍ଣଦେବୀ ଓ ଶିବଖୋରି ତୀର୍ଥଯାତ୍ରାକୁ ସାମୟିକ ଭାବେ ସ୍ଥଗିତ ରଖିଛି । ଯାତ୍ରୀମାନଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏହି ପଦକ୍ଷେପ ନିଆଯାଇଥିବା ପ୍ରଶାସନ କହିଛି ।



ଭାରତୀୟ ପାଣିପାଗ ବିଭାଗ ଜମ୍ମୁ-କାଶ୍ମୀରର ବହୁ ଅଞ୍ଚଳରେ ଅତି ପ୍ରବଳ ବର୍ଷା, ଅଚାନକ ବନ୍ୟା ଓ ଭୂସ୍ଖଳନର ସତର୍କତା ଜାରି କରିଛି । ପୁଞ୍ଚ, ରାଜୌରୀ, ରିଆସି, ଅନନ୍ତନାଗ, ଗନ୍ଦେରବଲ ଓ ଅନ୍ୟାନ୍ୟ ପାହାଡ଼ିଆ ଅଞ୍ଚଳରେ ବର୍ଷା ଯୋଗୁଁ ପରିସ୍ଥିତି ଗୁରୁତର ହୋଇଛି । ଅନେକ ସ୍ଥାନରେ ରାସ୍ତା ଧୋଇଯାଇ ଥିବାବେଳେ ଭୂସ୍ଖଳନ ଯୋଗୁଁ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଛି ।

ଅମରନାଥ ଯାତ୍ରାର ଉଭୟ ପଥ-ପହେଲଗାମ ଓ ବାଲଟାଲ ମାର୍ଗରେ ଯାତ୍ରୀଙ୍କ ଗତିବିଧି ବନ୍ଦ କରାଯାଇଛି । ସେହିପରି କାଟ୍ରାରୁ ବୈଷ୍ଣଦେବୀ ଭବନ ଓ ରିଆସି ଜିଲ୍ଲାର ଶିବଖୋରି ଗୁମ୍ଫାକୁ ଯାତ୍ରା ମଧ୍ୟ ସାମୟିକ ଭାବେ ସ୍ଥଗିତ ରଖାଯାଇଛି । ପୂର୍ବରୁ ଯାତ୍ରାପଥରେ ଥିବା ଶ୍ରଦ୍ଧାଳୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି ଏବଂ ଆବଶ୍ୟକ ଖାଦ୍ୟ, ପାନୀୟ ଜଳ ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି । ପ୍ରଶାସନ କହିଛି, ପାଣିପାଗରେ ସୁଧାର ଆସିବା ଏବଂ ଯାତ୍ରାପଥ ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ନିଶ୍ଚିତ ହେବା ପରେ ଯାତ୍ରା ପୁଣି ଆରମ୍ଭ କରାଯିବ । ସେପର୍ଯ୍ୟନ୍ତ ନୂଆ ଯାତ୍ରୀମାନଙ୍କୁ ଜମ୍ମୁ କିମ୍ବା କାଟ୍ରାରୁ ଆଗକୁ ନ ଯିବାକୁ ପରାମର୍ଶ ଦିଆଯାଇଛି । ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ସେନା, ପୁଲିସ ଓ ସ୍ଥାନୀୟ ପ୍ରଶାସନ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ନିୟୋଜିତ ରହିଛନ୍ତି । ସରକାର ଶ୍ରଦ୍ଧାଳୁମାନଙ୍କୁ ଗୁଜବରେ ବିଶ୍ୱାସ ନ କରି କେବଳ ସରକାରୀ ସୂଚନାକୁ ଅନୁସରଣ କରିବାକୁ ଅନୁରୋଧ କରିଛନ୍ତି ।

# ଖଣି ଖନନ ପ୍ରୋତ୍ସାହନ ପାଇଁ ୫୧୭୫ କୋଟି

ଭୁବନେଶ୍ୱର, ୧ ୯ା୭(ମହାଭାରତ): : ନିଲାମ ହୋଇଥିବା ଖଣିଗୁଡିକ କାର୍ଯ୍ୟକ୍ଷମ ପାଇଁ କେନ୍ଦ୍ର ସରକାର ଯେଉଁ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି ସେଥିରୁ ଓଡିଶା ସିଂହଭାଗ ପାଇବାର ଆଶା ସଞ୍ଚାର ହୋଇଛି । କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଏଥିପାଇଁ ୫୧୭୫ କୋଟି ଟଙ୍କାର ପ୍ରୋତ୍ସାହନରାଶି ଦେବାକୁ ଘୋଷଣା କରିଥିବାବେଳେ ଅଗ୍ରଣୀ ଖଣିଜ ଭିତ୍ତିକ ରାଜ୍ୟ ଭାବେ ପ୍ରାଧାନ୍ୟ ପାଇଥିବା ଓଡିଶା ଏଥିରୁ ବିଶେଷ ଲାଭବାନ ହେବ ।

ସେଥିପାଇଁ କେନ୍ଦ୍ର ସରକାର ଚଳିତବର୍ଷ ଡିସେମ୍ବର ୩୧ ତାରିଖକୁ ସମୟ ଧାର୍ଯ୍ୟ କରିଛନ୍ତି । ଓଡିଶାରେ ୮ଟି ଖଣିରୁ ଉତ୍ପାଦନ ଆରମ୍ଭ ପାଇଁ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ ପଦକ୍ଷେପ ଆରମ୍ଭ ହୋଇଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଚଳିତବର୍ଷ ଖଣି ରାଜସ୍ୱରୁ ରାଜ୍ୟ ସରକାର ୬୦ହଜାର କୋଟି ଟଙ୍କା ପାଇବାର ଲକ୍ଷ୍ୟ ରଖି ବଜେଟ୍ ? ପ୍ରସ୍ତୁତ କରିଛନ୍ତି । ତେଣୁ ଯେତେ ଅଧିକରୁ ଅଧିକ ଖଣି କାର୍ଯ୍ୟକ୍ଷମ ହୋଇ ଉତ୍ପାଦନ ଆରମ୍ଭ କରିବ ରାଜ୍ୟ ସରକାର ଖଣି ରାଜସ୍ୱ ବାବଦରେ ସେତେ ଅଧିକ ଅର୍ଥ ପାଇବା ସଂଗେ ସଂଗେ କେନ୍ଦ୍ରରୁ ପ୍ରୋତ୍ସାହନ ରାଶି ମଧ୍ୟ ପାଇବେ ।

ବିଭିନ୍ନ କେନ୍ଦ୍ରୀୟ ଯୋଜନା ପାଇଁ କେନ୍ଦ୍ରରୁ ମିଳୁଥିବା ଅନୁଦାନ କମି ଯାଇଥିବା ପରିପ୍ରେକ୍ଷୀରେ ରାଜ୍ୟରେ ଖଣି ଉତ୍ପାଦନ ବୃଦ୍ଧି କରି ଏହି ରାଜସ୍ୱକୁ ଅଧିକ ଭାବରେ ହାତେଇବା ପାଇଁ ସରକାର ଉଦ୍ୟମ ଚଳାଇଛନ୍ତି । ଏଥିପାଇଁ ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିବା ଜଣାଯାଇଛି । ଏହି ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଚଳିତ ଆର୍ଥିକ ବର୍ଷର ତିନିମାସ ମଧ୍ୟରେ ଖଣି ରାଜସ୍ୱ ପରିମାଣ ବଢିବାରେ ଲାଗିଛି ।



ପୂର୍ବ ଦୁଇବର୍ଷ ତୁଳନାରେ ଚଳିତବର୍ଷ ଖଣି ରାଜସ୍ୱ ପରିମାଣ ବଢିଥିବା ଯୋଗୁଁ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ ଆବଶ୍ୟକ ପଡୁଥିବା ଅର୍ଥ ଯୋଗାଇବାରେ ଅସୁବିଧା ରହିବନାହିଁ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି । ବଜେଟର ସିଂହଭାଗ ବିଭିନ୍ନ ସାମାଜିକକ୍ଷେତ୍ର ପାଇଁ ବିନିଯୋଗ ହେଉଥିବାବେଳେ ସୁଭଦ୍ରା ଓ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ଅଧିକ ଅର୍ଥ ଆବଶ୍ୟକ ପଡୁଛି । ସେଥିପାଇଁ ଖଣି ରାଜସ୍ୱ ଅଧିକ ସଂଗ୍ରହ ହେବା ଅପରିହାର୍ଯ୍ୟ ହୋଇପଡିଛି ।

ଏ ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କର ଖଣି କାର୍ଯ୍ୟାନ୍ୱୟନ ପ୍ରୋତ୍ସାହନ ରାଶି ଘୋଷଣା ଓଡିଶା ପାଇଁ ଅଧିକ ଅନୁଦାନ ପାଇବାର ବାଟ ଫିଟାଇଛି । ତେବେ ଏହି ଅନୁଦାନ ପାଇବାକୁ ହେଲେ ଓଡିଶା ସରକାରଙ୍କୁ ନିଲାମ ହୋଇ ସାରିଥିବା ଖଣିଗୁଡିକୁ ଚଳାଇବାକୁ ପଦକ୍ଷେପ ଗ୍ରହଣ କରିବାକୁ ପଡିବ । କାରଣ ବିଭିନ୍ନ କାରଣ ଯୋଗୁଁ ଅନେକ ଖଣି ନିଲାମଧାରୀ ସେମାନଙ୍କର ଖଣିକାର୍ଯ୍ୟ ଆରମ୍ଭ କରିପାରୁ ନାହାନ୍ତି ।

ବିଶେଷକରି ନିଲାମ ହୋଇଥିବା କେତେକ ଖଣି ଅଞ୍ଚଳରେ ସ୍ଥାନୀୟ ଲୋକେ ଖଣି ଖନନକୁ ପ୍ରବଳ ବିରୋଧ କରୁଛନ୍ତି । ଏମାନଙ୍କ ସହିତ ପରିବେଶବିତ୍ ?, ବେସରକାରୀ ସଂସ୍ଥାମାନେ ସ୍ୱର ମିଳାଉଥିବାରୁ ଖଣି ଖନନ ସହଜ ହେଉନାହିଁ । ଏହାଛଡା ବିସ୍ଥାପନ ପାଇଁ ବିଭିନ୍ନ ଦାବି, ଖଣି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସଂସ୍ଥାଗୁଡିକର ଅନୁମତି ଆଦି ମଧ୍ୟ ଖଣିଗୁଡିକ କାର୍ଯ୍ୟକ୍ଷମ କ୍ଷେତ୍ରରେ ବାଧକ ସାଜୁଛି । ବର୍ତ୍ତମାନ କେନ୍ଦ୍ର ସରକାର ଖଣି କାର୍ଯ୍ୟାନ୍ୱୟନ ପାଇଁ ବଡ ଧରଣର ପ୍ରୋତ୍ସାହନ ରାଶି ଘୋଷଣା କରିଥିବାରୁ ରାଜସ୍ୱ ବୃଦ୍ଧି ପାଇଁ ଓଡିଶା ସରକାର ଏ କ୍ଷେତ୍ରରେ ତତ୍ପରତା ପ୍ରକାଶ କରିବେ ବୋଲି ବିଶେଷଜ୍ଞମାନେ ଆଶା କରୁଛନ୍ତି ।

## ମାଛ ଚମଚମ

ଆବଶ୍ୟକ ସମାଗ୍ରୀ: ମାଛ , ବେସନ, ଚାଉଳ ଚୂନା, କଟା କଞ୍ଚାଲଙ୍କା, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, କଟା କଞ୍ଚାଲଙ୍କା, କଟା ପିଆଜ , ଅଦା ପିଆଜ ଶୁଖିଲାଲଙ୍କା ପେଷ୍ଟ , କାଜୁ ,ଟମାଟୋ ଓ ଦହି।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଲୁଣ ଓ ହଳଦୀରେ ଗୋଳାଇ ଭାଜି ଦିଅନ୍ତୁ। ଏବେ ଭଜା ମାଛରୁ କଣ୍ଟା କାଢି ସେଥିରେ ବେସନ , ଚାଉଳ ଚୂନା , କଟା କଞ୍ଚାଲଙ୍କା , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ହଳଦୀ ଗୁଣ୍ଡ ଓ ଲୁଣ ପକାଇ ଭଲ ଭାବେ ଚକଟି ଦିଅନ୍ତୁ।

ଏବେ କଡ଼େଇରେ ତେଲ ଗରମ କରି ଗୋଳା ମାଛ ଚକଟାକୁ ଗୋଲ ଗୋଲ କରି ଛାଣି ଦିଅନ୍ତୁ। ଏହା ପରେ ଗରମ ତେଲରେ କଟା ପିଆଜ ଓ କଟା କଞ୍ଚାଲଙ୍କା ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲେ ସେଥିରେ ଅଦା, ପିଆଜ ଓ ଶୁଖିଲାଲଙ୍କା ପେଷ୍ଟ ପକାନ୍ତୁ। ମସଲା କଷି ହୋଇ ଆସିଲେ ସେଥିରେ କାଜୁ , ଟମାଟୋ ଓ ଦହି ବଟା ପକାଇ ଭଲ ଭାବେ କଷନ୍ତୁ। ମସଲା ପ୍ରସ୍ତୁତ ହୋଇଗଲେ ସେଥିରେ ଭଜା ମାଛ ବରାକୁ ପକାନ୍ତୁ। ଦୁଇରୁ ତିନି ମିନିଟ ପରେ ପ୍ରସ୍ତୁତ ହୋଇଯିବ ମାଛ ଚମଚମ ।



ଖବର

# କ୍ଷମାଶୀଳ ଭଗବାନ ବୁଦ୍ଧ



ଥରେ ଗୌତମ ବୁଦ୍ଧ ଉପଦେଶ ଦେଉଥାନ୍ତି-ମନୁଷ୍ୟ ଧରିତ୍ରୀ ମାତା ଭଳି କ୍ଷମାଶୀଳ ହେବା ଉଚିତ। କ୍ରୋଧ ଏକ ପ୍ରକାରର ଅଗ୍ନି । ତା'ଠାରୁ ଦୂରେଇ ରହିବା ରହିବା ଉଚିତ୍ । ନଚେତ୍ ଏହି ଅଗ୍ନି ଅନ୍ୟକୁ ଜଳାଇବା ସହ ନିଜକୁ ମଧ୍ୟ ଜଳାଇ ଦେଇଥାଏ । ବୁଦ୍ଧଙ୍କ ଏହି ଉପଦେଶ ଜଣେ କ୍ରୋଧୀ ବ୍ୟକ୍ତି ଶୁଣୁଥିଲା । କ୍ରୋଧ ବିରୋଧରେ ଉପଦେଶ ଲୋକଟିକୁ ଭଲ ଲାଗିଲା ନାହିଁ । ସେ ଛିଡ଼ା ହୋଇ କହିଲା, ହେ କପଟୀ ! ବଡ଼ ବଡ଼ କଥା କହୁଛୁ । ତୁ ଜନତାଙ୍କ ବ୍ୟବହାର ବିରୋଧରେ କଥାବାର୍ତ୍ତା କରୁଛୁ । ଲୋକଟିର କଥା ଶୁଣି ବୁଦ୍ଧ ଶାନ୍ତ ରହିଲେ । ଲୋକଟି ଅଧିକ ରାଗିଗଲା ଏବଂ ବୁଦ୍ଧଙ୍କ ପାଖକୁ ଆସି ତାଙ୍କୁ ଛେପ ପକାଇଲା । ପରଦିନ ବୁଦ୍ଧ ନିଜ ଶିଷ୍ୟମାନଙ୍କ ସହ ଅନ୍ୟ ଏକ ଗ୍ରାମକୁ ଚାଲିଗଲେ । ଅପରପକ୍ଷରେ ଉକ୍ତ କ୍ରୋଧୀ ଲୋକଟି ସେତେବେଳକୁ ଶାନ୍ତ ହୋଇ ସାରିଥିଲା । ସେ ନିଜ କର୍ମ ପାଇଁ ପଶ୍ଚାତାପ କରୁଥିଲା । ସେ ବୁଦ୍ଧଙ୍କ ସନ୍ଧାନରେ ବାହାରିଗଲା । ଶେଷରେ ବୁଦ୍ଧ ଯେଉଁ ଗ୍ରାମରେ ଉପଦେଶ ଦେଉଥିଲେ, ସେଠାରେ ଲୋକଟି ପହଞ୍ଚିଲା । ଲୋକଟି ଯାଇ ବୁଦ୍ଧଙ୍କ ପାଦ ତଳେ ପଡ଼ିଗଲା ଏବଂ କହିଲା, ମୋତେ କ୍ଷମା କରି ଦିଅନ୍ତୁ । ବୁଦ୍ଧ କହିଲେ, କ'ଣ ହେଲା ? ତୁମେ କିଏ ? କ୍ରୋଧୀ ଲୋକଟି ଆଶ୍ଚର୍ଯ୍ୟ ସହକାରେ କହିଲା, ଆପଣ ଭୁଲି ଯାଇଛନ୍ତି, ମୁଁ ସେହି ଦୁଷ୍ଟ ଯିଏ ଆପଣଙ୍କ ମୁହଁରେ ଛେପ ପକାଇଥିଲା । ନିଜର ଦୁଷ୍ଟ ଆଚରଣ ପାଇଁ ମୁଁ କ୍ଷମା ପ୍ରାର୍ଥନା କରୁଛି । ବୁଦ୍ଧ କହିଲେ, କାଲି କଥା ତ' ମୁଁ କାଲିରେ ହିଁ ଛାଡ଼ି ଆସିଛି । କିନ୍ତୁ ତୁମେ ଏପର୍ଯ୍ୟନ୍ତ ସେଇଠି ଅଛ । ତୁମେ ଏଯାଏଁ ଆଜିରେ ପ୍ରବେଶ କରି ନାହଁ କାଲି କଥା ଭାବି ବ ତ' ତୁମର ଆଜି ନଷ୍ଟ ହୋଇଯିବ । ସବୁ ଖରାପ କଥାକୁ ଯଦି ମନେ ରଖାଯାଏ, ତେବେ ବର୍ତ୍ତମାନ ଏବଂ ଭବିଷ୍ୟତ ଅଟକି ଯିବ । ଏମିତି ଜୀବନ କିପରି ଚାଲିବ ତୁମେ ବି ଆଜିକୁ ଚାଲିଆସ । ଲୋକଟି ବୁଦ୍ଧଙ୍କ କଥାର ମର୍ମ ବୁଝିପାରି ତାଙ୍କ ଶରଣାପନ୍ନ ହେଲା ।

## ଖଟ ତଳେ ରଖନ୍ତୁ ଏସବୁ ଜିନିଷ ଦୂର କରିବ ଅନେକ ସମସ୍ୟା

ଜନ୍ମ କୁଣ୍ଡଳୀରେ ଗ୍ରହ ଭଲ ସ୍ଥିତିରେ ଥିଲେ ଜୀବନରେ ସୁଖଶାନ୍ତି ବଜାୟ ରହେ। ସେହିପରି ଗ୍ରହ ଖରାପ ସ୍ଥିତିରେ ରହିଲେ ଦୁର୍ଭାଗ୍ୟ ମାଡିଆସେ। ଗ୍ରହ ଦୋଷ କାରଣରୁ ଜୀବନରେ ନାନା ସମସ୍ୟା ଦେଖାଯିବା ସହ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଖଟ ବା ବିଛଣା ତଳେ ଗ୍ରହ ଜଡିତ ଜିନିଷକୁ ରଖିଦେଲେ ଗ୍ରହ ଶାନ୍ତ ରହେ । ଯଦି ଆପଣ ମଧ୍ୟ କୌଣସି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଗ୍ରହ ସହ ଜଡିତ ଉପାୟକୁ ଆପଣେଇ ସମସ୍ୟା ଦୂର କରିପାରିବେ।

♦ କୁଣ୍ଡଳୀରେ ସୂର୍ଯ୍ୟ ଦୋଷ ଥିଲେ ଖଟ ତଳେ ତମ୍ବା ପାତ୍ରରେ ପାଣି ଭରିକରି ରଖନ୍ତୁ । ତକିଆ ତଳେ ଲାଲ ଚନ୍ଦନର ଛୋଟ ଖଣ୍ଡ ରଖିଦିଅନ୍ତୁ । କୁଣ୍ଡଳୀରେ ସୂର୍ଯ୍ୟ ଦୋଷର ପ୍ରଭାବ ଦୂର ହୋଇଯିବ।

♦ କୁଣ୍ଡଳୀରେ ଚନ୍ଦ୍ର ଦୋଷ ଥିଲେ ଖଟ ତଳେ ରୂପା ପାତ୍ରରେ ପାଣି ଭରି କରି ରଖନ୍ତୁ ଅବା ରୂପାର ଅଳଙ୍କାର ରଖିଦିଅନ୍ତୁ । ଚନ୍ଦ୍ରଙ୍କ କୋପଦୃଷ୍ଟି ଦୂର ହୋଇଯିବ ।

♦ କୁଣ୍ଡଳୀରେ ମଙ୍ଗଳ ଦୋଷ ଥିଲେ ଖଟ ତଳେ କଂସା ପାତ୍ରରେ ପାଣି ଭରି ରଖିଦିଅନ୍ତୁ। ଏପରି କରିବା ଦ୍ୱାରା ମଙ୍ଗଳ ଦୋଷ ଦୂର ହୁଏ।

♦ କୁଣ୍ଡଳୀରେ ଗୁରୁ ଦୋଷ ଭୋଗୁଥିଲେ ତକିଆ ତଳେ ଏକ କପଡାରେ ଗୋଟା ହଳଦୀର ବାନ୍ଧି ରଖିଦିଅନ୍ତୁ । ହଳଦୀ ଗୁରୁଦୋଷ ପ୍ରଭାବ ଦୂର କରିବାରେ ସହାୟକ ହୋଇଥାଏ।



## ମୁଣ୍ଡବିନ୍ଧା ଓ ନିଦ୍ରାଜନିତ ରୋଗର ସରଳ ଉପଚାର

ଅନେକ ଲୋକ ଅବସାଦ, ନିଦ୍ରାଜନିତ ସମସ୍ୟା ଓ ମୁଣ୍ଡବିନ୍ଧା ଭଳି ଯୁଝି ହେଉଛନ୍ତି । ଅବଶ୍ୟ ଏହା ଖୁବ୍ ସାଧାରଣ ଅଟେ । ଏଥିଲାଗି ଆମେ ଅନେକ ପ୍ରକାରର ସମାଧାନ ପନ୍ଥା ଗ୍ରହଣ କରିଥାଉ । ଖାଲି ସୈଦ୍ଧାନ୍ତିକି ନୁହେଁ, ଆମେ ଔଷଧ ବି ସେବନ କରିଥାଉ । ହେଲେ ଆମେ ଭୁଲି ଯାଇଥାଉ ଯେ ଏଥିରୁ ମୁକ୍ତି ପାଇବା ଲାଗି ଆମ ରୋଷେଇ ଘରେ ଏମିତି ଜିନିଷ ଅଛି ଯାହା ଅବସାଦ, ନିଦ୍ରାଜନିତ ସମସ୍ୟା ଓ ମୁଣ୍ଡବିନ୍ଧା ଭଳି ପୀଡ଼ାରୁ ରକ୍ଷା କରିବ ।

ଏଭଳି ତିନିଟି ଜିନିଷ ହେଲା ଅଦା, ଲେମ୍ବୁ ଏବଂ ପୋଦିନା ଯାହା, ଆମ ରୋଷେଇ ଘରେ ଥାଏ । ଏହି ସାମଗ୍ରୀର ଉପଯୋଗରେ ଆମେ ଏକ ଶାରୀରିକ ସମସ୍ୟାର ସମାଧାନ



କରିପାରିବା ।

ମୁଣ୍ଡବିନ୍ଧା ସମସ୍ୟା ଲାଗି ଅଦାଠାରୁ ଆଉ କୌଣସି ଭଲ ଜିନିଷ ନାହିଁ । ଏଥିପାଇଁ ଆପଣଙ୍କୁ ଅଦାକୁ ନେଇ ତାହାକୁ ପାଣିରେ ମିଶାଇ ଭଲ ଭାବରେ ଫୁଟାଇବାକୁ ହେବ । ଏହାପରେ ଆପଣ ଏହାକୁ ଛାଣିକରି ଏହାର ପାଣିକୁ ସେବନ କରନ୍ତୁ ।

ଯଦି ଆପଣ ମୁଣ୍ଡବିନ୍ଧାଜନିତ ସମସ୍ୟା ପାଇଁ ଚିନ୍ତିତ ରହୁଥାନ୍ତି, ତେବେ ଆପଣ କିଛି ଅଦାର ରସ ସହିତ ଲେମ୍ବୁ ରସକୁ ମିଳାଇ ଏହାକୁ ଦିନକୁ ଦୁଇ ଥର ଭାବରେ ସେବନ କରନ୍ତୁ । ତୁରନ୍ତ ଆପଣ ମୁଣ୍ଡବିନ୍ଧା ସମସ୍ୟାରୁ ମୁକ୍ତି ପାଇଯିବେ ।

ଏଥିସହିତ ଯେତେବେଳେ ଆପଣ ମୁଣ୍ଡବିନ୍ଧା ହେଉଥିବାର ଅନୁଭବ କରୁଛନ୍ତି, ସେତେବେଳେ ଆପଣ ପୋଦିନା ପତ୍ରର ରସକୁ ମୁଣ୍ଡରେ ଲଗାଇ ଦିଅନ୍ତୁ । ଏହା କରିବା ଦ୍ୱାରା ମୁଣ୍ଡବିନ୍ଧା ଦୂର ହୋଇଯିବ । ଏସବୁ ଘରୋଇ ଉପଚାର ଦ୍ୱାରା ନିଶ୍ଚିତ ଭଲ ମିଳିବ ।

## ନିମିଙ୍କ ଶରୀର ମନ୍ଥନରୁ ଜନକଙ୍କ ଜନ୍ମ



ରାଜା ନିମି ଓ ମହର୍ଷି ବଶିଷ୍ଠ ଉଭୟେ ଉଭୟଙ୍କୁ ଅଭିଶାପ ଦେବା ପରେ ଏଥିରୁ ମୁକ୍ତି ପାଇବା ପାଇଁ ମହର୍ଷି ବଶିଷ୍ଠ ବ୍ରହ୍ମାଙ୍କ ନିକଟରେ ପହଞ୍ଚିଲେ । ବ୍ରହ୍ମା କହିଲେ, ବତ୍ସ ! ତୁ ବ୍ରହ୍ମଜ୍ଞାନୀ ଓ ମୋର ମାନସପୁତ୍ର ହୋଇ କ୍ରୋଧରେ ଅଜ୍ଞାନ ହୋଇ ନିର୍ଦ୍ଦୋଷ ରାଜାଙ୍କୁ ଅଭିଶପ୍ତ କଲୁ । ତୁ ବ୍ରାହ୍ମଣ ହୋଇ ନିଜର ହିତାହିତ ବିଚାରକୁ ପାସୋରି ଦେଲୁ। ତୁ ଲୋଭାସକ୍ତ ହୋଇ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ କରିବାକୁ ଗଲୁ । ନିମି କେତେ ବ୍ରହ୍ମରଷିଙ୍କୁ ନିମନ୍ତ୍ରଣ କରିଥିଲେ । ସେମାନେ କ'ଣ ତୋତେ ଅପେକ୍ଷା କରିଥାନ୍ତେ ? ତୁ ଯେପରି କର୍ମ କରିଛୁ ସେହିପରି ଫଳପ୍ରାପ୍ତି ହେଲୁ । ଏବେ ମୋର ଆଜ୍ଞା ମାନି ମିତ୍ର ବରୁଣଙ୍କପୁରକୁ ଯାଇ ତାଙ୍କ କୁମ୍ଭରେ ବୁଡ଼ିକରି ଆସିବୁ। ତାହା ହେଲେ, ତୋ ବ୍ରହ୍ମଜ୍ଞାନ ତୋ ନିକଟକୁ ଫେରି ଆସିବ । କିନ୍ତୁ ନିମିଙ୍କ ଶାପରୁ ତୁ ସର୍ବଦା ସୂର୍ଯ୍ୟବଂଶର କୁଳଗୁରୁ ହୋଇ ରହିବୁ । ସେହି ବଂଶର ଯାହା କାର୍ଯ୍ୟ ହେବ ଶେଷ କରି ସାରିଲେ ଅନ୍ୟତ୍ର ଯିବୁ। ତା ନ କଲେ ମୋ ପାଖକୁ ଆଉ ଆସିବୁ ନାହିଁ । ବଶିଷ୍ଠ ନିଜ ପିତାଙ୍କ ଆଜ୍ଞାକୁ ମାନି ନେଲେ ଓ ତାଙ୍କ ବ୍ରହ୍ମଜ୍ଞାନ ଚେତନା ପୁନଶ୍ଚ ଫେରି ପାଇଲେ । ନିମି ରାଜା ବଶିଷ୍ଠଙ୍କ ଅଭିଶାପରେ ସର୍ବଦା ଚେତନାହୀନ ହୋଇ ଶୟନ କରି ରହିଲେ । ଏହା ଦେଖି ସମସ୍ତ ବ୍ରହ୍ମର୍ଷି ଦୁଃଖିତ ହୋଇ ନିମିଙ୍କର ଚେତନାହୀନ ଶରୀରକୁ ନେଇ ଯଜ୍ଞ ଶେଷ କଲେ । ସେହି ବ୍ରହ୍ମର୍ଷିମାନେ ନିଜେ ନିଜର କିଛି କିଛି ତପଃ ବଳ ଦେଇ କହିଲେ, ନିମିଙ୍କର ମଙ୍ଗଳ ହେଉ । ସର୍ବରଷିଙ୍କ ତପଃ ପ୍ରଭାବରେ ନିମିଙ୍କ ଉପରେ ସ୍ୱର୍ଗପୁରର ଅମରଗଣ ସନ୍ତୁଷ୍ଟ ହୋଇ ନିମିଙ୍କ ଚେତନାକୁ ଜାଗ୍ରତ କଲେ । ଦେବଗଣ କହିଲେ ହେ ରାଜା ! ତୁମ୍ଭେ ଯାହା ମାଗିବ ଆମ୍ଭେମାନେ ତାହା ଦେବୁ । କିନ୍ତୁ ନିମିଙ୍କ ଚେତନା ଜାଗ୍ରତ ହୋଇ କହିଲେ ହେ ଦେବଗଣ ! ଯେବେ ଯାଚିକରି ବରଦାନ କରୁଛନ୍ତି, ତେବେ ମୋତେ ଏହି ବର ଦିଅନ୍ତୁ, ଯେପରି ଏହି ଜଗତର ସମସ୍ତ ପ୍ରାଣୀଙ୍କ ନେତ୍ରରେ ମୁଁ ବାସ କରିପାରିବି ଏବଂ ସର୍ବଦା ବାୟୁ ରୂପରେ ମୁଁ ବନ୍ଦ ହେଉଥିବି ଓ ଖୋଲୁଥିବି । ତା'ର ନାମ ହେବ (ଆଖିର ପଲକ ପଡ଼ିବା କିମ୍ବା ପିଛୁଳା ପଡ଼ିବା) ଆଖିର ପଲକ । ଦେବତାମାନେ ତଥାସ୍ତୁ କହି ଅନ୍ତର ହେଲେ । ସେହିଦିନରୁ ନିମିଙ୍କ ଚେତନା ସର୍ବଜନଙ୍କ ନେତ୍ରରେ ପିଛୁଳା ହୋଇ ବସିଲେ । ଯେଉଁ ଧର୍ମକାର୍ଯ୍ୟ ଜୀବମାନଙ୍କ ନେତ୍ର ସେହିଦିନୁ ଦେଖୁଛି । ନିମି ତାହା ପ୍ରାପ୍ତ ହେଉଛନ୍ତି । ନିମି ଏହି ଗତି ଲାଭ କଲା ପରେ ଋଷିମାନେ ତାଙ୍କ ପିଣ୍ଡକୁ ଆଣି ବେଦମନ୍ତ୍ରରେ ପୁତଃକରି ଯଜ୍ଞକୁଣ୍ଡରେ ଭର୍ତ୍ତି କଲେ ଓ ମନ୍ତ୍ରପାଠ କରି ମନ୍ଥନ କଲେ । ସେହିପରି ମନ୍ଥନ କରିବା ଦ୍ୱାରା ସେଥିରୁ ଏକ ଜ୍ୟୋତିର୍ମୟ ପୁରୁଷ ବାହାର ହେଲେ। ସେହି ଜ୍ୟୋତିର୍ମୟ ପୁରୁଷଙ୍କୁ ଦେଖି ଋଷିଗଣ କହିଲେ, ନିମିଙ୍କ ଶରୀର ମନ୍ଥନ କରିବାକୁ ଏହି ପୁରୁଷଜାତ ହୋଇଛନ୍ତି । ଇଏ ନିମିଙ୍କ ସିନ୍ତାନ ରୂପେ ଚିହ୍ନିତ ହେବେ। ଏହି ଦିବ୍ୟପୁରୁଷ ଅଯୋନି ସମ୍ଭୁତ ଅଟନ୍ତି। ତେଣୁ ଏହାଙ୍କ ନାମ ମିଥିଳା ଜନକ ହେଉଛି। ନିମିଙ୍କ ଶରୀର ମନ୍ଥନ ହେତୁ ନାମ ମିଥିଳା ଜନକ ହେଲା । ଅନ୍ୟ କେତେକ ଋଷି କହିଲେ ନିମିଙ୍କ ଶରୀର ମଧ୍ୟରେ ପ୍ରାଣ ନ ଥିଲା । ନିମି ବିଦେହ ଅଟନ୍ତି । ତେଣୁ ଏହି ବୈଜୟନ୍ତୀ ପୁରକୁ ବିଦେହ ନଗର ନାମରେ ନାମିତ କରାଯାଉ । ଋଷିମାନେ ତାଙ୍କୁ କଲ୍ୟାଣ କଲେ । ସେହି ଦିବ୍ୟପୁରୁଷ ଅଯୋନି ହେତୁ ଋଷିମାନେ ତାଙ୍କୁ କଲ୍ୟାଣ କଲେ, ତୁମ୍ଭେ ସକଳ ଶାସ୍ତ୍ର ପୁରାଣରେ ପଣ୍ଡିତ ହୁଅ । ତୁମ୍ଭର ଯଶଖ୍ୟାତି ଚତୁର୍ଦ୍ଦିଗରେ ବ୍ୟାପିଯାଉ। ଋଷିମାନେ ମିଥିଳା ଜନକଙ୍କୁ ନିମିଙ୍କ ପୁତ୍ର ରୂପରେ ନାମିତ କରାଇ ବିଦେହ ରାଜ୍ୟରେ ରାଜା ରୂପରେ ଅଭିଷିକ୍ତ କରାଇଲେ । ଯେଉଁ ସ୍ଥାନରେ ନିମି ଶରୀର ମନ୍ଥନ କରିଥିଲେ, ସେହି ସ୍ଥାନକୁ ମିଥିଳା ନାମରେ ନାମିତ କରି ତାହାକୁ ବିଦେହର ରାଜଧାନୀ କରି ଋଷିମାନେ ଜନକଙ୍କୁ ଆଶୀର୍ବାଦ ଦେଇ ବିଦାୟ ନେଲେ।

## ହନୁମାନଙ୍କୁ ଶନିଦେବଙ୍କ ଆଶୀର୍ବାଦ

କୁହାଯାଏ ଯେ, ରାମଭକ୍ତ ହନୁମାନ ଧରାପୃଷ୍ଠରେ ବିଚରଣ କରନ୍ତି । ଭଗବାନ ହନୁମାନ ହେଉଛନ୍ତି କଳିଯୁଗରେ ଏକମାତ୍ର ଜୀବିତ ଦେବତା । ଭଗବାନ ହନୁମାନ ବହୁତ୍ ଶୀଘ୍ର ଭକ୍ତଙ୍କ ଉପରେ ପ୍ରସନ୍ନ ହୋଇଯାଆନ୍ତି । ଯେଉଁ ଭକ୍ତ ସ୍ୱଚ୍ଛ ମନରେ ହନୁମାନଙ୍କ ପୂଜାର୍ଚ୍ଚନା କରିବା ସହ ସ୍ମରଣ କରେ,



ଯଥାଶୀଘ୍ର ସେହି ବ୍ୟକ୍ତିର ମନୋସ୍କାମନା ପୂରଣ ହୋଇଥାଏ । ଏହା ସହ ସଂକଟ ମୋଚନଙ୍କ ନାମ ଜପ କରିବା ଦ୍ୱାରା ସବୁ ସଂକଟ ଦୂର ହୋଇଥାଏ । ଖରାପ ସମୟରେ ହନୁମାନଙ୍କ ନାମ ଜପ କରିବା ଦ୍ୱାରା ସବୁ ସମସ୍ୟା ଦୂର ହୋଇଥାଏ । ଯେଉଁ ଭକ୍ତ ନିୟମିତ ହନୁମାନ ଚାଲିଶା ପାଠ କରେ ତା ଉପରେ ହନୁମାନଙ୍କ କୃପା ସର୍ବଦା ରହିଥାଏ । ପ୍ରତିଦିନ ହନୁମାନ ଚାଲିଶା ପାଠ କରିବା ଓ ଶୁଣିବା ଦ୍ୱାରା ବୁଦ୍ଧି ଓ ବିଦ୍ୟା ଜାଗୃତ ହୋଇଥାଏ । ଯେଉଁ ଭକ୍ତ ପ୍ରତ୍ୟେକ ମଙ୍ଗଳବାର ବ୍ରତ ରଖିବା ସହ ଭଗବାନ ହନୁମାନଙ୍କ ବିଶେଷ ପୂଜା ଓ ଆରାଧନା କରେ, ସେହି ବ୍ୟକ୍ତି ହନୁମାନଙ୍କ କୃପା ସର୍ବଦା ଲାଭ କରିଥାଏ । ମଙ୍ଗଳବାର ବ୍ୟତିତ ଶନିବାର ଦିନ ବଜରଙ୍ଗବାଲୀଙ୍କୁ ପୂଜା କରାଯାଏ । ଏହାର କାରଣ ହେଉଛି ପୌରାଣିକ ବିଷୟବସ୍ତୁ ଅନୁଯାୟୀ ବଜରଙ୍ଗବାଲୀ ଶନିଦେବତାଙ୍କୁ ଏକ ଯୁଦ୍ଧରେ ପରାସ୍ତ କରିଥିଲେ । ସେହି ଦିନ ଶନିଦେବ ବଜରଙ୍ଗବାଲୀଙ୍କୁ ଆଶୀର୍ବାଦ ଦେଇଥିଲେ ଯେ, ଯେଉଁ ବ୍ୟକ୍ତି ଶନିବାର ହନୁମାନଙ୍କୁ ପୂଜା କରିବ ସେହି ବ୍ୟକ୍ତି ଉପରେ କଦାପି ଶନିକୋପ ପଡ଼ିବ ନାହିଁ ।

ନଗରନକ୍ସା
ମହାନଗରର ନିଜ ଭାଷା



# ଏମ୍ସ ଭୁବନେଶ୍ୱର ଷଷ୍ଠ ସମାବର୍ତ୍ତନ ଉତ୍ସବ




**ଭୁବନେଶ୍ୱର, ୧୯।୭ (ମହାଭାରତ):** ଏମ୍ସ ଭୁବନେଶ୍ୱର ଆଜି ଏହାର ଷଷ୍ଠ ସମାବର୍ତ୍ତନ ସମାରୋହକୁ ସଫଳତାର ସହିତ ପାଳନ କରିଛି। ଚିକିତ୍ସା ଶିକ୍ଷା, ଗବେଷଣା, ନବସୃଜନ ଏବଂ ରୋଗୀ ସେବାରେ ପ୍ରତିଷ୍ଠାନର ଉତ୍କର୍ଷତା ଯାତ୍ରାରେ ଆଉ ଏକ ଅଧ୍ୟାୟ ଯୋଡି ହୋଇଛି। ଏହି ଉତ୍ସବରେ ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ଭାରତ ସରକାରଙ୍କ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ଅନୁପ୍ରିୟା ପଟେଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଡ. ମୁକେଶ ମହାଲିଙ୍ଗ ମଧ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମାବର୍ତ୍ତନ ଭାଷଣ ଦେଇ, ଶ୍ରୀମତୀ ଅନୁପ୍ରିୟା ପଟେଲ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଡାକ୍ତରୀ ବୃତ୍ତି ସହିତ ଜଡିତ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ ପୂର୍ବକ ସେ କହିଥିଲେ, 'ଧଳା କୋଟ୍ ବିଶ୍ୱାସ, ଦାୟିତ୍ୱ, ପ୍ରତିବଦ୍ଧତା ଏବଂ ଅପାର ସୁବିଧାର ପ୍ରତୀକ। ଏହାକୁ ଆତ୍ମବିଶ୍ୱାସ ଏବଂ କରୁଣା ସହିତ ସମସ୍ତେ ପିନ୍ଧିବା ଆବଶ୍ୟକ।' ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରର ଅଭିବୃଦ୍ଧି ଏବଂ ପରିବର୍ତ୍ତନ ଉପରେ ଆଲୋକପାତ କରି, ଶ୍ରୀମତୀ ପଟେଲ ଦେଶରେ ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନର ବିସ୍ତାର ବିଷୟରେ ଉଲ୍ଲେଖ କରିଥିଲେ। ଦେଶରେ ପୂର୍ବରୁ ଏମ୍ସ ସଂଖ୍ୟା ୭ ଥିବା ବେଳେ ବର୍ତ୍ତମାନ ତାହା ୨୩ କୁ ବୃଦ୍ଧି ପାଇଛି, ଯାହା ସାରା ଦେଶରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ଶିକ୍ଷାର ପ୍ରବେଶକୁ ସୁଦୃଢ଼ କରୁଛି। ସେ ଦେଶରେ ଚିକିତ୍ସା ଶିକ୍ଷା ଭିତ୍ତିଭୂମିର ଉଲ୍ଲେଖନୀୟ ପ୍ରସାରଣକୁ ମଧ୍ୟ ଉଲ୍ଲେଖ କରିଥିଲେ। ଆଜି ଭାରତରେ ୮୨୦ଟି ମେଡିକାଲ କଲେଜ, ପ୍ରାୟ ୧.୨୯ ଲକ୍ଷ ମେଡିକାଲ ସିଟ୍ ଏବଂ ପ୍ରାୟ ୮୫,୦୦୦ ସ୍ନାତକୋତ୍ତର ସିଟ୍ ଅଛି। ଏହା ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ପାଇଁ ଅଧିକ ସୁଯୋଗ ପ୍ରଦାନ କରୁଛି ଏବଂ ଏକ ଦୃଢ଼ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ବିକାଶରେ ଯୋଗଦାନ ଦେଉଛି।

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓଡ଼ିଶା ଏବଂ ପୂର୍ବ ଭାରତରେ ସ୍ୱାସ୍ଥ୍ୟସେବା ପ୍ରଦାନକୁ ସୁଦୃଢ଼ କରିବାରେ ଏମ୍ସ ଭୁବନେଶ୍ୱରର ଭୂମିକାକୁ ପ୍ରଶଂସା କରିଥିଲେ। ସେ ଚିକିତ୍ସା ଶିକ୍ଷା, ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ଏବଂ ଗବେଷଣା ପ୍ରତି ପ୍ରତିଷ୍ଠାନର ଅବଦାନକୁ ପ୍ରଶଂସା କରିଥିଲେ ଏବଂ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଭବିଷ୍ୟତ ପ୍ରୟାସ ପାଇଁ ଶୁଭକାମନା ଜଣାଇଥିଲେ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ ଏହି ଅବସରରେ ପ୍ରତିଷ୍ଠାନର ପ୍ରଗତି ରିପୋର୍ଟ ପ୍ରଦାନ କରିବା ସହିତ ଶିକ୍ଷା, ରୋଗୀ ସେବା, ଗବେଷଣା, ଭିତ୍ତିଭୂମି ବିକାଶ ଏବଂ ନବସୃଜନ କ୍ଷେତ୍ରରେ ପ୍ରତିଷ୍ଠାନର ସଫଳତା ଉପରେ ଆଲୋକପାତ କରିଥିଲେ। ଏହି ସମାବର୍ତ୍ତନ ଉତ୍ସବରେ ମୋଟ ୬୮୪ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସ୍ନାତକ ବ୍ୟାଚରେ ୧୯୨ ଜଣ ଏମ୍ବିବିଏସ ଛାତ୍ରଛାତ୍ରୀ, ୧୬୩ ଜଣ ଏମ୍ଡି/ଏମ୍ଏସ, ୬୦ ଜଣ ଡିଏମ୍/ଏମ୍ସିଏଚ୍, ୧୭ ଜଣ ପୋଷ୍ଟ-ଡକ୍ଟରାଲ୍ ଫେଲୋ (ପିଡିଏଫ୍), ୪ ଜଣ ପିଏଚ୍ଡି ସ୍କଲାର, ୧୩୪ ଜଣ ବିଏସ୍ସି (ଅନର୍ସ) ନର୍ସିଂ ଛାତ୍ରଛାତ୍ରୀ, ୭୫ ଜଣ ବିଏସ୍ସି (ଅନର୍ସ) ପାରାମେଡିକାଲ୍ ଏବଂ ୩୯ ଜଣ ଏମଏସ୍ସି ନର୍ସିଂ ଛାତ୍ରଛାତ୍ରୀ ଡିଗ୍ରୀ ଗ୍ରହଣ କରିଥିଲେ। ଶ୍ରେଷ୍ଠ ଶିକ୍ଷାଗତ ପ୍ରଦର୍ଶନ ପାଇଁ ୩୨ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୬୧ ଟି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା।

# ସରକାରଙ୍କୁ ବଦନାମ ପାଇଁ ଷଡଯନ୍ତ୍ର : ବିଜେପି

**ଭୁବନେଶ୍ୱର, ୧୯।୭ (ମହାଭାରତ):** ଏନ୍ଇପି-୨୦୨୦ ଆଧାରରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ପାଠ୍ୟକ୍ରମରେ ନୂତନ ପୁସ୍ତକ ପ୍ରଚଳନ କରାଗଲା । ପାଠ୍ୟ ପୁସ୍ତକରେ ତ୍ରୁଟି ପରିଲକ୍ଷିତ ହେଲା । ପାଠ୍ୟ ପୁସ୍ତକରେ ଥିବା ତଥାକଥିତ ତ୍ରୁଟିରେ ବିରାଟ ଷଡଯନ୍ତ୍ର ଥିବାର ସନ୍ଦେହ ପ୍ରକାଶ ପାଇଥିଲା ଏବଂ ମୁଖ୍ୟମନ୍ତ୍ରୀ, ଉନ୍ନୟନ କମିଶନଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରି ତ୍ରୁଟି ବିଚ୍ୟୁତିର କାରଣ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଲେ । କମିଟିର ରିପୋର୍ଟ ଆଧାରରେ ୪ ଜଣ ଅଧିକାରୀଙ୍କୁ ନିଲମ୍ବନ କରାଗଲା । ପରେ ମୁଖ୍ୟମନ୍ତ୍ରୀ ଏହି ଘଟଣାର ତଦନ୍ତ ଭାର କ୍ରାଇମବ୍ରାଂଚକୁ ହସ୍ତାନ୍ତର କରିଲେ । କ୍ରାଇମବ୍ରାଂଚ ଏହି ବିଷୟକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଦେଇଛି । ତଦନ୍ତର ପ୍ରଥମ ପର୍ଯ୍ୟାୟରେ ତତ୍କାଳୀନ ଏସସିଇଆରଟିର ନିର୍ଦ୍ଦେଶକ ଶ୍ରୀ ମନୋଜ ପାଢୀଙ୍କୁ ଗିରଫ କରି ଜେଲ ପଠାଯାଇଛି । ଷଡଯନ୍ତ୍ରକାରୀ ଯିଏ ବି ହୁଅନ୍ତୁ ନା କାହିଁକି, ଏହି ଘଟଣାରେ ସଂଶ୍ଳିଷ୍ଟ ଥିବା ସମସ୍ତଙ୍କ ଉପରେ ନିଶ୍ଚିତ ଭାବରେ ଦୃଢ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଜେପି ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

ସେ କହିଛନ୍ତି କିଛି ଷଡଯନ୍ତ୍ରକାରୀ ରାଜ୍ୟ ସରକାରଙ୍କୁ ବଦନାମ କରିବା ପାଇଁ ପ୍ରୟାସ ଆରମ୍ଭ କରିଦେଇଛନ୍ତି । 'ସୁପାରୀ ଜର୍ଣ୍ଣାଲିଜମ' କରି ସମଗ୍ର ଜର୍ଣ୍ଣାଲିଜମ ବ୍ୟବସ୍ଥାକୁ ବଦନାମ କରୁଥିବା କିଛି ନିର୍ଦ୍ଦିଷ୍ଟ ସାମ୍ବାଦିକ ଏହି ଷଡଯନ୍ତ୍ରରେ ଅଂଶବିଶେଷ ସାଜିଛନ୍ତି । ଗତ କାଲି ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଥିବା ଭିଡିଓ ଓ ଅଡିଓ କ୍ଲିପରେ ବିରୋଧୀ ଦଳର ଷଡଯନ୍ତ୍ର ସ୍ପଷ୍ଟ ହୋଇଛି । ଏ ସମସ୍ତ ଘଟଣାକୁ ଚାପି ଦେବା ପାଇଁ ତାଙ୍କ ଚ୍ୟାନେଲର ଉମରକୋଟ ସାମ୍ବାଦିକଙ୍କ ଜରିଆରେ ବାର୍ତାଳପ ସମୟରେ ରାଜ୍ୟର ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ପାଂଚ ଲକ୍ଷ ଟଙ୍କା ଯାଚୁଥିବାର ତଥାକଥିତ ଗଣମାଧ୍ୟମର ସଂପାଦକ ଶ୍ରୀ ସୁଧାଂଶୁ ରାଉତ ସିଧାସଳଖ ଅଭିଯୋଗ କରିଥିଲେ । ପରବର୍ତୀ ଘଟଣାକ୍ରମରେ ଉମରକୋଟର ସେହି ସାମ୍ବାଦିକଜଣକ ଫେସବୁକ୍ ଲାଇଭ୍ ରେ ଆସି ସୁଧାଂଶୁ ରାଉତଙ୍କ ଅଭିଯୋଗକୁ ସଂପୂର୍ଣ୍ଣ ଭାବେ ଖଣ୍ଡନ କରି ମିଥ୍ୟା ଓ ଅମୂଳକ ବୋଲି କହିଲେ ।

# ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବୈଜୟନ୍ତ

**ଭୁବନେଶ୍ୱର, ୧୯।୭ (ମହାଭାରତ):** ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ଉପ-ସଭାପତି ଏବଂ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡ଼ା ଜିଲ୍ଲାର ଜୀବନରେଖା କୁହାଯାଉଥିବା ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପର ଦ୍ୱିତୀୟ ରେଳ ଲାଇନ ପାଇଁ ଦେଇଥିବା ପ୍ରସ୍ତାବକୁ ଆଜି କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ମିଳିଛି। ଏନେଇ ଶ୍ରୀ ପଣ୍ଡା ୩୦.୦୮.୨୦୨୪ ତାରିଖରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ପତ୍ର ଜରିଆରେ ପ୍ରସ୍ତାବ ଦେଇଥିଲେ। ୧୯୯୬ ମସିହାରେ ପୂର୍ବ-ତଟ ରେଳର ଅଂଶ ଭାବେ ୮୨.୫ କି.ମି. ଦୀର୍ଘ ହରିଦାସପୁର-ପାରାଦୀପ ପ୍ରକଳ୍ପକୁ ମଞ୍ଜୁରି ମିଳିଥିଲା ୧୯୯୯ ମସିହାରେ ତତ୍କାଳୀନ ରେଳ ମନ୍ତ୍ରୀ ନୀତିଶ କୁମାର ମାର୍ଶାଘାଇଠାରେ ଏହାର ଭିତିପ୍ରସ୍ତର ସ୍ଥାପନ କରିଥିଲେ ଓ ୨୦୦୪ ସୁଦ୍ଧା ଏହା ଶେଷ ହେବ ବୋଲି ପ୍ରତିଶୃତି ଦେଇଥିଲେ। ମାତ୍ର ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ପାରୁନଥିଲା ଓ କାଗଜକଲମରେ ଅଟକି ଯାଇଥିଲା। ଶ୍ରୀଯୁକ୍ତ ପଣ୍ଡା ୨୦୦୯ରେ କେନ୍ଦ୍ରାପଡାରୁ ନିର୍ବାଚିତ ହେବା ପରେ ନିରନ୍ତର ଭାବେ ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ନିୟମିତ ଯୋଗାଯୋଗ ରକ୍ଷା କରିବା ସହ ଅଧିକାରୀମାନଙ୍କ ସହ ସମୀକ୍ଷା କରି କାର୍ଯ୍ୟକୁ ଆଗେଇ ନେଇଥିଲେ। ସହଭାଗିତା ଭିତିରେ ଏହି ପ୍ରକଳ୍ପର ନିର୍ମାଣ ଦାୟିତ୍ୱ ରେଳ ବିକାଶ ନିଗମ ଲିମିଟେଡ (ଆର.ଭି.ଏନ.ଏଲ), ଓଡ଼ିଶା ସରକାର, ଓଡ଼ିଶା ଖଣି ନିଗମ ଓ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ଦିଆଯାଇଥିଲା। ଆନୁମାନିକ ୨୦୮୩.୯ କୋଟି ଟଙ୍କାର ଏହି ପ୍ରକଳ୍ପ ଲାଗି ଆବଶ୍ୟକ କିଛି ଜମି ଜଙ୍ଗଲ କ୍ଷେତ୍ରରେ ପଡୁଥିବାରୁ ତାହାର ଅଧିଗ୍ରହଣ ଦୀର୍ଘ ଦିନ ଧରି ପଡିରହିଥିଲା।

# ଜଳ ଓ ପରିମଳ ମିଶନ ପରିଚାଳନା କମିଟି ବୈଠକ

**ଭୁବନେଶ୍ୱର, ୧୯।୭ (ମହାଭାରତ):** ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ "ଓଡ଼ିଶା ଜଳ ଓ ପରିମଳ ମିଶନ" (ଓଡବ୍ଲୁଏସଏମ)ର ୧୯ତମ ପରିଚାଳନା କମିଟି ଏବଂ ଜଳ ଜୀବନ ମିଶନ ରାଜ୍ୟ ଆପକୁ କମିଟିର ବୈଠକ ଗତକାଲି ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓ ରଂଜନ କୁମାର ସିଂ, ଜଳ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଗିରୀଶ ଏସ୍ ଏନ୍ ଙ୍କ ସମେତ କମିଟିର ସଦସ୍ୟ ଥିବା ସଂପୃକ୍ତ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ। ବୈଠକରେ ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକ ଶ୍ରୀ ବିନୀତ ଭରଦ୍ୱାଜ ଓଡ଼ିଶା ଜଳ ଓ ପରିମଳ ମିଶନର କାର୍ଯ୍ୟ ଅଗ୍ରଗତି, ପାନୀୟ ଜଳ ସେବାରେ ଗୁଣାତ୍ମକ ଉନ୍ନତି, କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଏବଂ ସଂସ୍କାରମୂଳକ ପଦକ୍ଷେପ ଆଦି ସଂପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ ।



ଜଳ ଜୀବନ ମିଶନ ୨.୦ ଅନ୍ତର୍ଗତ ପାନୀୟ ଜଳ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ(ମରାମତି) ନୀତି ଏବଂ କେତେକ ସଂସ୍କାରମୂଳକ ପଦକ୍ଷେପ ନେଇ ଆଲୋଚନା କରାଯାଇଛି । ଗ୍ରାମ ଏବଂ ଗ୍ରାମ ପଂଚାୟତ ସ୍ତରରେ ବୈଷୟିକ ସହାୟତା ନେଇ ବ୍ୟବସ୍ଥାର ସୁଦୃଢ଼ୀକରଣ, ସଂସ୍ଥାଗତ ବ୍ୟବସ୍ଥାରେ ରୂପାନ୍ତରଣ, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ, ଗ୍ରାମ ପଂଚାୟତ ଓ ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥା ମଧ୍ୟରେ ତ୍ରୈପାକ୍ଷିକ ଚୁକ୍ତି, ନାଗରିକ-କୈନ୍ଦ୍ରିକ ଜଳର ଗୁଣବତା ନିରୀକ୍ଷଣ, ଜଳ ଉତ୍ସର ନିରନ୍ତରତା ଓ ଜଳ ନିରାପତା, ସୁଜଳମ୍ ଭାରତ - ଡିଜିଟାଲ ଗଭର୍ଣାନ୍ସ ଏବଂ ଗୋଷ୍ଠୀ ସହଭାଗିତା ତଥା ଜନ ଭାଗିଦାରୀରେ ଜଳ ପରିଚାଳନା ସଂପର୍କରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ନେଇ ସବିଶେଷ ଆଲୋଚନା କରାଯାଇଛି। 'ସୁଜଳମ' ଭାରତ ଅଧୀନରେ ଏପର୍ଯ୍ୟନ୍ତ ୯୪ ହଜାରରୁ ଅଧିକ ସୁଜଳ ଗାଁ ଆଇଡି ସୃଷ୍ଟି ହୋଇଥିବା ବେଳେ ଜିଓ-ଟ୍ୟାଗିଂ, ପ୍ରକଳ୍ପ ନିରୀକ୍ଷଣ ମଡ୍ୟୁଲ୍ ଓ କମାଣ୍ଡ ଆଣ୍ଡ କଂଟ୍ରୋଲ୍ ସେଂଟର ସ୍ଥାପନ କାର୍ଯ୍ୟ ଧାର୍ଯ୍ୟ ସମୟ ଆଗମୀ ଡିସେମ୍ବର ମାସ ସୁଦ୍ଧା ସାରିବାକୁ ନିର୍ଦ୍ଧାରିତ ହୋଇଛି । ହର ଘର ଜଳ କ୍ଷେତ୍ର କର୍ମଚାରୀମାନଙ୍କୁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ, ବିଭନ୍ନ ପ୍ରକଳ୍ପ କାର୍ଯ୍ୟକାରିତାରେ ମାନବ ସମ୍ବଳର ଆବଶ୍ୟକତା, ଆର୍ଥିକ ନିରନ୍ତରତା, ଗବେଷଣା ଓ ଅଭିନବତ୍ୱ ଅବଲମ୍ବନ ସଂପର୍କରେ ଆଲୋଚନା କରାଯାଇଛି। "ହର ଘର ଜଳ" ଯୋଜନାରେ ରାଜ୍ୟରେ ୧୬୭୨୪ଟି ଗାଁକୁ ପାନୀୟ ଜଳ ଯୋଗାଣ କରାଯାଇ ତନ୍ମଧ୍ୟରୁ ଅଦ୍ୟାବଧି ୧୨୪୮୪ଟି ଗ୍ରାମର ଜଳ ଯୋଗାଣକୁ ପ୍ରମାଣିକୃତ କରାଯାଇଛି । ଅବଶିଷ୍ଟ ଆଗାମୀ ଅକ୍ଟୋବର ସୁଦ୍ଧା ଶେଷ କରିବାର ଲକ୍ଷ୍ୟ ରଖାଯାଇଛି । ବୈଠକରେ "ଜଳ ସେବା ଆକଳନ"ର ତଥ୍ୟ ଅନୁସାରେ ବିଭିନ୍ନ ଜିଲ୍ଲାର ଗ୍ରାମଗୁଡ଼ିକରେ ପାନୀୟ ଜଳର ଉପଲବ୍ଧତା ଏବଂ ରାଜ୍ୟ ଉନ୍ନତିକରଣ ପ୍ଲାନ ଦାଖଲ ସଂପର୍କିତ ଆଲୋଚନା, ପିଏମ୍ -ଜନମନ ଏବଂ ଡିଏ- ଜେଜିୟୁଏ ଅନ୍ତର୍ଗତ ସମସ୍ତ ଗ୍ରାମକୁ ପାନୀୟ ଜଳ ପ୍ରକଳ୍ପ ଅନୁମୋଦନ ଏବଂ ଶତ ପ୍ରତିଶତ ଘରୋଇ ଜଳ ସଂଯୋଗ ପ୍ରଦାନ କରାଯାଇଥିବା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)ର ଅଗ୍ରଗତି ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ରାଜ୍ୟର ୯୬ ପ୍ରତିଶତରୁ ଅଧିକ ଗ୍ରାମ ଓଡିଏଫ୍ ପ୍ଲସ୍ ମଡେଲ ଗ୍ରାମ ଭାବେ ଘୋଷିତ ହୋଇଛି । ବୈଠକରେ କଠିନ ଓ ତରଳ ବର୍ଜ୍ୟ ପରିଚାଳନା ଆଦି ସଂପର୍କରେ ଗୁରୁତ୍ୱ ଦିଆଯାଇଥିଲା ।

# ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସୁରକ୍ଷିତ ପର୍ଯ୍ୟଟକ ଅଭିଯାନ

**ଭୁବନେଶ୍ୱର, ୧୯।୭ (ମହାଭାରତ):** ଓଡ଼ିଶାରେ ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ରାଜ୍ୟକୁ ଏକ ନିରାପଦ ତଥା ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ିତୋଳିବା ଦିଗରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ଏବଂ ଜାତୀୟ ଜଳକ୍ରୀଡ଼ା ସଂସ୍ଥାନର ମିଳିତ ସହଯୋଗରେ ବୁଧବାର ପୁରୀଠାରେ 'ସୁରକ୍ଷିତ ପର୍ଯ୍ୟଟକ ଅଭିଯାନ'ର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବାର ମହାନିର୍ଦ୍ଦେଶକ ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ ଏବଂ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବାର ମହାନିରୀକ୍ଷକ ଡକ୍ଟର ଉମାଶଙ୍କର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ବୃତିଗତ ଭାବେ ତାଲିମପ୍ରାପ୍ତ ଲାଇଫ୍‌ଗାର୍ଡ (ଜୀବନ ରକ୍ଷକ) ମାନଙ୍କୁ ସରକାରୀ ଲାଇସେନ୍ସ ପ୍ରଦାନ କରିଥିଲେ। ଆନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ସଫଳତାର ସହ ଜୀବନରକ୍ଷା ତାଲିମ ସମାପ୍ତ କରିଥିବା ଏହି ଲାଇଫ୍ ଗାର୍ଡମାନେ ଓଡ଼ିଶାର ସମୁଦ୍ର ଉପକୂଳ ଏବଂ ଆଭ୍ୟନ୍ତରୀଣ ଜଳାଶୟଗୁଡ଼ିକରେ ପର୍ଯ୍ୟଟକ ତଥା ସ୍ଥାନୀୟ ଲୋକଙ୍କ ସୁରକ୍ଷା ପାଇଁ ନିୟୋଜିତ ହେବେ।



ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଏବଂ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ଆଧୁନିକ ବେଳାଭୂମି ସୁରକ୍ଷା ଏବଂ ଉଦ୍ଧାର ଉପକରଣଗୁଡ଼ିକର ଉଦ୍ଘାଟନ କରିଥିଲେ। ଏଥିରେ ଅଲ୍-ଟେରେନ୍ ଭେହିକିଲ୍ , ରେସ୍କ୍ୟୁ ବୋର୍ଡ, ରେସ୍କ୍ୟୁ ଟ୍ୟୁବ୍, ଇନଫ୍ଲେଟେବଲ୍ ରେସ୍କ୍ୟୁ ବୋଟ୍, ଲାଇଫ୍ ଜ୍ୟାକେଟ୍ ଏବଂ ଆଧୁନିକ ଯୋଗାଯୋଗ ଉପକରଣ ସାମିଲ ରହିଛି, ଯାହା ବେଳାଭୂମିରେ ନଜର ରଖିବା ଏବଂ ତୁରନ୍ତ ଉଦ୍ଧାର କାର୍ଯ୍ୟ କରିବାରେ ବେଶ୍ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ନିଜର ବକ୍ତବ୍ୟ ରଖି ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ ଯେ, ପ୍ରତ୍ୟେକ ପର୍ଯ୍ୟଟକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ରାମଚଣ୍ଡୀଠାରେ 'ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନ୍‌ସିପ୍ ଆଣ୍ଡ ଲାଇଫ୍‌ଗାର୍ଡ ଇନଷ୍ଟିଚ୍ୟୁଟ୍' ର ପ୍ରତିଷ୍ଠା ଦ୍ୱାରା ଆନ୍ତର୍ଜାତୀୟ ସ୍ତରର ଜୀବନରକ୍ଷା କାର୍ଯ୍ୟ ପାଇଁ ଏକ ଦକ୍ଷ ଲାଇଫ୍ ଗାର୍ଡ କ୍ୟାଡର ପ୍ରସ୍ତୁତ କରିବାର ମୂଳଦୁଆ ପଡ଼ିପାରିଛି। ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ, ବର୍ତମାନ ସୁଦ୍ଧା ପ୍ରାୟ ୨୦୦ ଲାଇଫ୍ ?ଗାର୍ଡଙ୍କୁ ସର୍ଫ ଲାଇଫ୍ ସେଭିଂ, ଓପନ୍ ୱାଟର ରେସ୍କ୍ୟୁ, ଅଣ୍ଡରୱାଟର ରେସ୍କ୍ୟୁ, ସ୍ୱିମିଂ ପୁଲ୍ ରେସ୍କ୍ୟୁ, ସିପିଆର (ଉଚଜ), ପ୍ରାଥମିକ ଚିକିତ୍ସା ଏବଂ ଜରୁରୀକାଳୀନ ମୁକାବିଲା କୌଶଳ ଉପରେ ଉଚ୍ଚତର ତାଲିମ ପ୍ରଦାନ କରାଯାଇଛି।

# ଯୁବ ରେଡ଼କ୍ରସ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

**ଭୁବନେଶ୍ୱର,୧୯।୭ (ମହାଭାରତ):** ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ସୋମବାର ଭୁବନେଶ୍ୱର ସ୍ଥିତ ରେଡ଼କ୍ରସ ଭବନ ଠାରେ ଯୁବ ରେଡ଼କ୍ରସ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜିର ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ।

ବୈଠକରେ ରାଜ୍ୟର ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ରହିଥିବା ଯୁବ ରେଡ଼କ୍ରସ ୟୁନିଟ୍ ?ର ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏଥିସହ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ରେଡ଼କ୍ରସ ୟୁନିଟ୍ ଗୁଡ଼ିକର କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହେବା ସହ ସ୍ୱେଚ୍ଛାସେବୀମାନଙ୍କର ଦକ୍ଷତା ବିକାଶ ଯେପରି କରାଯାଇପାରିବ, ସେହି ସମ୍ବନ୍ଧରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁତ୍ୱାରୋପ କରିଥିଲେ।

ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ରେଡ଼କ୍ରସ ୟୁନିଟ୍ ଗଠନ ଏବଂ ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣ, ରକ୍ତଦାନ ଶିବିରର ବ୍ୟାପକ ଆୟୋଜନ, ରେଡ଼କ୍ରସ ୟୁନିଟ୍ ମାଧ୍ୟମରେ କ୍ୟାମ୍ପସରେ ନିଶାମୁକ୍ତି ଅଭିଯାନର ଆୟୋଜନ, କ୍ୟାମ୍ପସ ସ୍ୱଚ୍ଛତା, ସଡ଼କ ସୁରକ୍ଷା, ଅଗ୍ନି ନିରାପତା, ପରିବେଶ ସୁରକ୍ଷା ଆଦି ଉପରେ ଯେପରି ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇପାରିବ ସେ ଦିଗରେ କାର୍ଯ୍ୟ କରିବାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ପରାମର୍ଶ ଦେଇଥିଲେ। ଏଥିସହ ରାଜ୍ୟ ରେଡ଼କ୍ରସ ପୁରସ୍କାର ସମେତ ଜିଲ୍ଲା ସ୍ତରରେ ଶ୍ରେଷ୍ଠ ରେଡ଼କ୍ରସ ସ୍ୱେଚ୍ଛାସେବୀଙ୍କୁ ଚୟନ କରାଯାଇ, ସେମାନଙ୍କୁ ଜିଲ୍ଲା ସ୍ତରରେ ପୁରସ୍କୃତ କରିବା ପାଇଁ ଆଜିର ବୈଠକରେ ପ୍ରସ୍ତାବ ରଖାଯାଇଥିଲା।

ଆଜିର ବୈଠକରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ, ନିର୍ଦ୍ଦେଶକ ଶ୍ରୀ କାଳୀ ପ୍ରସନ୍ନ ମହାପାତ୍ର, ଉପ ଶାସନ ସଚିବ ଶ୍ରୀ ରମେଶ ଚନ୍ଦ୍ର ବେହେରା ଏବଂ ଯୁବ ରେଡ଼କ୍ରସ ରାଜ୍ୟ କାର୍ଯ୍ୟକାରିଣୀ କମିଟିର ସମସ୍ତ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ।

# ନେକ୍ସସ ଏସପ୍ଲାନେଡ଼ ଭୁବନେଶ୍ୱରେ ସାଂସ୍କୃତିକ ଉତ୍ସବ

**ଭୁବନେଶ୍ୱର,୧୯।୭ (ମହାଭାରତ):** ଭୁବନେଶ୍ୱରର ସବୁଠାରୁ ପ୍ରିୟ ସପିଙ୍ଗ ଗନ୍ତବ୍ୟସ୍ଥଳ ନେକ୍ସସ ଏସପ୍ଲାନେଡ଼, ଚଳିତବର୍ଷ ରଥଯାତ୍ରା ଅବସରରେ ଭକ୍ତ ଓ ଗ୍ରାହକମାନଙ୍କ ପାଇଁ ରଥ ସଜେଇ ପ୍ରସ୍ତୁତ ହୋଇଛି। ଆସନ୍ତା ଜୁଲାଇ ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ୧୦ଦିନିଆ ଉତ୍ସବରେ ସମ୍ପୂର୍ଣ୍ଣ ମଲଟି ଏକ ସାଂସ୍କୃତିକ ପରିବେଶରେ ପରିଣତ ହେବ। ଏଠାରେ ପାରମ୍ପରିକ ସପିଙ୍ଗ ଏବଂ ରିଟେଲ ଅନୁଭୂତିରୁ ଆହୁରି ଆଗକୁ ଯାଇ ବିଶ୍ୱାସ, ସ୍ୱାଦିଷ୍ଟ ବ୍ୟଞ୍ଜନ, ନୃତ୍ୟ ଏବଂ ସାମାଜିକ ଭାବଗତ ମିଳନର ଏକ ଅପୂର୍ବ ସଙ୍ଗମ ସୃଷ୍ଟି କରାଯିବ। ସହରରେ ରଥଯାତ୍ରା ଆରମ୍ଭ ହେବା ସହିତ, ପୁରୀର ସେହି ପ୍ରସିଦ୍ଧ ପାରମ୍ପରିକ ଘୋଷଯାତ୍ରା ଦ୍ୱାରା ଅନୁପ୍ରାଣୀତ ହୋଇ ନେକ୍ସସ ଏସପ୍ଲାନେଡ଼ ପରିବାର ଗୁଡ଼ିକୁ ଏକାଠି କରିବାକୁ ଯାଉଛି। ଜୁଲାଇ ୧୬ ତାରିଖରେ ଏକ ସାଙ୍କେତିକ ରଥଟଣା ଉତ୍ସବ ସହିତ ଏହା ଆରମ୍ଭ ହେବ ଏବଂ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ବିଭିନ୍ନ ପାରମ୍ପରିକ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଦର୍ଶିତ କରାଯିବ, ଯେଉଁଥିରେ ସାମିଲ ରହିଛି : ପ୍ରସାଦ ବଣ୍ଟନ, ରଥଯାତ୍ରା ମହୋତ୍ସବର ମୁଖ୍ୟ ଅଙ୍ଗ ଭାବେ ଭକ୍ତି ଏବଂ ସାମୁଦାୟିକ ଭାବନାକୁ ପ୍ରତିଫଳିତ କରି ଏଠାରେ ପ୍ରସାଦ ବଣ୍ଟନ କରାଯିବ। ସାହିଯାତ ନୃତ୍ୟ ପ୍ରଦର୍ଶନ, ଓଡ଼ିଶାର ଅନ୍ୟତମ ଜୀବନ୍ତ ଲୋକକଳା ସାହିଯାତ ନୃତ୍ୟ ପ୍ରଦର୍ଶନ କରାଯିବ, ଯାହା ଆଗନ୍ତୁକ ମାନଙ୍କୁ ଏକ ଆକର୍ଷଣୀୟ ସାଂସ୍କୃତିକ ଅନୁଭୂତି ପ୍ରଦାନ କରିବ। ଏହି ଉତ୍ସବ ପାଳନର ଅଂଶବିଶେଷ ଭାବରେ, ନେକ୍ସସ ଏସପ୍ଲାନେଡ଼ କେତେକ ବିଶେଷ ଭାବେ ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ରଥଯାତ୍ରା ପର୍ବର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ସ୍ମରଣୀୟ କରିବ। ଜୁଲାଇ ୧୨ ତାରିଖରେ ରଥଯାତ୍ରା ସହିତ ଏହି ମହୋତ୍ସବ ଆରମ୍ଭ ହୋଇଛି, ଏହା ପରେ ଜୁଲାଇ ୨୦ରେ ହେରାପଞ୍ଚମୀ, ଜୁଲାଇ ୨୪ରେ ବାହୁଡ଼ାଯାତ୍ରା, ଜୁଲାଇ ୨୫ରେ ସୁନା ବେଶ ଏବଂ ଜୁଲାଇ ୨୬ରେ ଅଧରପଣା ସହିତ ଏହା ସମାପ୍ତ ହେବ। ପ୍ରତ୍ୟେକ ଅବସରକୁ ଆକର୍ଷଣୀୟ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯିବ, ଯାହା ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରିବ ଏବଂ ପର୍ଯ୍ୟଟକମାନଙ୍କୁ ଏହି ପର୍ବ ସହିତ ଜଡ଼ିତ ପରମ୍ପରାକୁ ଅନୁଭବ କରିବା ପାଇଁ ଆମନ୍ତ୍ରଣ କରିବ।

# ପୂର୍ବୀ ଗୁପ୍ତା ସିଙ୍ଗାପୁରର ଜିଆଇଆଇଏସ୍ ସ୍ମାର୍ଟ କ୍ୟାମ୍ପସରେ ଅଧ୍ୟୟନ ପାଇଁ ସ୍କଲାରସିପ

**ରାଉରକେଲା, ୧୯।୭ (ମହାଭାରତ):** ଗ୍ଲୋବାଲ୍ ସ୍କୁଲ୍ ଗ୍ରୁପ୍ (ଜିଏସ୍‌ଜି) ନୂଆଦିଲ୍ଲୀରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଏହାର ସମ୍ମାନଜନକ ଗ୍ଲୋବାଲ୍ ସିଟିଜେନ୍ ସ୍କଲାରସିପ୍ (ଜିଏସ୍‌ଜି)ର ସର୍ବଶେଷ ପ୍ରାପ୍ତକର୍ତାଙ୍କୁ ସମ୍ମାନିତ କରିଛି। ଚଳିତ ବର୍ଷ ମନୋନୀତ ହୋଇଥିବା ୧୨ ଜଣ ଉଲ୍ଲେଖନୀୟ ବିଦ୍ୱାନଙ୍କ ମଧ୍ୟରେ ରାଉରକେଲାର ପୂର୍ବୀ ଗୁପ୍ତା ଅଛନ୍ତି, ଯିଏକି ସିଙ୍ଗାପୁରର ପୁରସ୍କାରପ୍ରାପ୍ତ ଜିଆଇଆଇଏସ୍ ସ୍ମାର୍ଟ କ୍ୟାମ୍ପସରେ ଉଚ୍ଚ ମାଧ୍ୟମିକ ଶିକ୍ଷା ଗ୍ରହଣ କରିବା ପାଇଁ ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତ ଗ୍ଲୋବାଲ୍ ସିଟିଜେନ୍ ସ୍କଲାରସିପ୍ ପାଇଛନ୍ତି। ୨୦୦୮ରେ ପ୍ରତିଷ୍ଠିତ, ଗ୍ଲୋବାଲ୍ ସିଟିଜେନ୍ ସ୍କଲାରସିପ୍ ହେଉଛି ଜିଏସଜିର ପ୍ରମୁଖ ପଦକ୍ଷେପ, ଯାହା ଅସାଧାରଣ ଏକାଡେମିକ୍ ସମ୍ଭାବନା ଏବଂ ନେତୃତ୍ୱ ଗୁଣ ଥିବା ଯୋଗ୍ୟ ଛାତ୍ରମାନଙ୍କ ପାଇଁ ବିଶ୍ୱ ସ୍ତରୀୟ ଶିକ୍ଷା ଉପଲବ୍ଧ କରାଇବା ପାଇଁ ପରିକଳ୍ପନା କରାଯାଇଛି। ଏହି ଛାତ୍ରବୃତି ୧୧ ଏବଂ ୧୨ ଶ୍ରେଣୀ ପାଇଁ ୧୦୦% ଟ୍ୟୁସନ ଫି, ବୋର୍ଡିଂ, ରହଣି, ଜୀବନଯାପନ ଖର୍ଚ୍ଚ ଏବଂ ଏକ ଉଦାର ଷ୍ଟାଇପେଣ୍ଡ ଅନ୍ତର୍ଭୁକ୍ତ କରେ । ଜିଆଇଆଇଏସ୍ ସ୍ମାର୍ଟ କ୍ୟାମ୍ପସର ଛାତ୍ରମାନେ ସିବିଏସଇ ଏବଂ ଆନ୍ତର୍ଜାତୀୟ ସ୍ନାତକ ଡିପ୍ଲୋମା ପ୍ରୋଗ୍ରାମ (ଆଇବିଡିପି) ପାଠ୍ୟକ୍ରମ ମଧ୍ୟରେ ବାଛିପାରିବେ, ଯାହା ବିଶ୍ୱ ସ୍ତରୀୟ ଭିର୍ତିଭୂମି, ଅଭିଜ୍ଞ ଅଧ୍ୟାପକ ଏବଂ ଏକ ବିଶ୍ୱସ୍ତରୀୟ ବିବିଧ ଶିକ୍ଷଣ ପରିବେଶ ଦ୍ୱାରା ସମର୍ଥିତ । ଏହି ଛାତ୍ରବୃତି ଦୁଇ ବର୍ଷ ମଧ୍ୟରେ ପ୍ରତି ଛାତ୍ର ପିଛା ପ୍ରାୟ ୧ କୋଟି ଟଙ୍କା ବିନିଯୋଗକୁ ପ୍ରତିନିଧିତ୍ୱ କରେ। 'ଗ୍ଲୋବାଲ୍ ସିଟିଜେନ୍ ସ୍କଲାରସିପ୍ ଆର୍ଥିକ ସହାୟତା ଅପେକ୍ଷା ବହୁତ ଅଧିକ ପ୍ରତିନିଧିତ୍ୱ କରେ । ଏହା ଯୁବ ମନରେ ନେତୃତ୍ୱ ନେବା, ଉଦ୍ଭାବନ କରିବା ଏବଂ ଅର୍ଥପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିବାର ସାମର୍ଥ୍ୟ ଥିବା ଏକ ନିବେଶ ବୋଲି ଗ୍ଲୋବାଲ ସ୍କୁଲ ଗ୍ରୁପର ଶିକ୍ଷାବିତ୍ ନିର୍ଦ୍ଦେଶକ ଶ୍ରୀ ପ୍ରମୋଦ ତ୍ରିପାଠୀ କହିଛନ୍ତି ।



# 'ଆଶୀର୍ବାଦ' ବିଶ୍ୱକର୍ମା ମହାରଣାଙ୍କୁ ସମ୍ମାନିତ

**ଭୁବନେଶ୍ୱର, ୧୯।୭ (ମହାଭାରତ):** ପ୍ରସିଦ୍ଧ ପୁରୀ ରଥ ଯାତ୍ରା ସହିତ ଗଭୀର ଭାବରେ ସଂପୃକ୍ତିକୁ ନିରନ୍ତର ଜାରି ରଖି ଭାରତର ନମ୍ବର ୧ ପ୍ୟାକେଜଡ୍ ଅଟା ବ୍ରାଣ୍ଡ 'ଆଶୀର୍ବାଦ', ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥର ଅଭିଜ୍ଞ କାରିଗର 'ବିଶ୍ୱକର୍ମା ମହାରଣା ସମୁଦାୟ'ଙ୍କର ଦୀର୍ଘସ୍ଥାୟୀ ପରମ୍ପରାରେ ଅନୁପ୍ରେରିତ ହୋଇ ଏକ ତଲ୍ଲିନକାରୀ ସାଂସ୍କୃତିକ ଅନୁଭୂତିରେ 'ଗୁଣାତ୍ମକ ପରମ୍ପରା'କୁ ଉପସ୍ଥାପନ କରୁଛି। ଏହି ଅଭିଯାନ, ଯାହାର ନାମ 'ଗୁଣାତ୍ମକ ପରମ୍ପରା' ଭାବରେ ପରିଚିତ ହେଉଛି ତାହା ପିଢି ପରେ ପିଢି କୁଶଳତା, ନିଖୁଣତା ଏବଂ କାରିଗରୀକୁ ପାଳନ କରୁଛି ଏବଂ ସେହି ସମୟରେ ଆଶୀର୍ବାଦର 'କ୍ୱାଲିଟି କି ଗ୍ୟାରେଣ୍ଟି'ର ପ୍ରତିଶ୍ରୁତି ଜୀବନ୍ତ କରି ଗଢିତୋଳୁଛି। ଓଡ଼ିଶାର ଶହ ଶହ ବର୍ଷ ପୁରାତନ ପରମ୍ପରାରେ ମୂଳ ରଖୁଥିବା ଏହି ଅନୁଭୂତି ମହାପ୍ରଭୁ ଜଗନ୍ନାଥଙ୍କ ରଥ ନିର୍ମାଣରେ ସଂପୃକ୍ତ ନିଖୁଣ କାରିଗରୀରୁ ପ୍ରେରଣା ଲାଭ କରୁଛି। ପ୍ରତିବର୍ଷ ପରମପୂଜ୍ୟ ରଥଗୁଡିକ ବିଶ୍ୱକର୍ମା ମହାରଣା ସମୁଦାୟଙ୍କ ଦ୍ୱାରା ନିର୍ମାଣ କରାଯାଇଆସୁଛି, ଯାହାଙ୍କର ଉତ୍ସର୍ଗୀକୃତ ଭାବ ଏବଂ ବିଦ୍ୱତା ଏହି ପବିତ୍ର ପରମ୍ପରାକୁ ପିଢି ପରେ ପିଢି ସଂରକ୍ଷିତ କରି ରଖିଆସିଛି। କାରିଗରୀ ଏବଂ ଗୁଣବତ୍ତାର ଏହି ଚିରନ୍ତନ ମୂଲ୍ୟବୋଧ ଆଶୀର୍ବାଦର ନିୟୁତାଧିକ ଭାରତୀୟ ପରିବାରଙ୍କୁ ବିଶ୍ୱସନୀୟ ଗୁଣବତ୍ତା ଯୋଗାଇଦେବାର ପ୍ରତିବଦ୍ଧତା ସହିତ ଗଭୀର ଭାବରେ ମେଳ ଖାଉଛି। ଏହି ଅନୁଭୂତିର କେନ୍ଦ୍ର ସ୍ଥଳରେ ରହିଛି ରଥ ଚକ ଏବଂ ପାରମ୍ପରିକ ପଥର ଚକ୍କି ମଧ୍ୟରେ ଥିବା ପ୍ରତୀକାତ୍ମକ ସମ୍ପର୍କ।

ମହାଭାରତ
ସାରାଂଶ ଚଳନ୍ତି ସମୟର ଅବଶିଷ୍ଟାଂଶ


# କଂଗ୍ରେସ ପାଇଁ କାଳ

ବିହାର ବିଧାନସଭା ନିର୍ବାଚନରେ ଏହା ଭଲ ପ୍ରଦର୍ଶନ କରିଥିଲା । ୟୁପି, ପଶ୍ଚିମବଙ୍ଗ, ଆନ୍ଧ୍ର, ତେଲେଙ୍ଗାନା, ମହାରାଷ୍ଟ୍ର ଆଦି ରାଜ୍ୟରେ ମଧ୍ୟ ଦଳର ପ୍ରଭାବ ବଢୁଛି । ଏହା କଂଗ୍ରେସ ଭଳି ଅଣବିଜେପି ଦଳମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି । କାରଣ କଂଗ୍ରେସ ଏବଂ ଅନ୍ୟ ଅଣବିଜେପି ଦଳମାନେ ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ ଉପରେ ଅନେକାଂଶରେ ନିର୍ଭରଶୀଳ । ପଶ୍ଚିମବଙ୍ଗରେ ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ ଯୋଗୁ ମମତା ବିଜୟୀ ହେଉଥିଲେ । ବିହାରରେ ଅସାଦୁଦ୍ଦିନଙ୍କ ଦଳ ଅନେକ ସ୍ଥାନରେ ସଂଖ୍ୟାଲଘୁ ଭୋଟ କାଟିବାରୁ କଂଗ୍ରେସ ଓ ଆରଜେଡି ଅତି କମରେ ୧୫ଟି ସ୍ଥାନରେ ପରାଜିତ ହେଲେ । ଗତ ୟୁପି ବିଧାନସଭା ନିର୍ବାଚନରେ ମଧ୍ୟ ଅସାଦୁଦ୍ଦିନଙ୍କ ଦଳ ଅନେକ ଆସନରେ ପ୍ରାର୍ଥୀ ଦେଇଥିଲା ଏବଂ ଭଲ ଭୋଟ ପାଇଥିଲା । କିନ୍ତୁ ୟୁପିରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଏସପି ଓ ବିଏସପିକୁ ସମର୍ଥନ କରୁଥିବାରୁ ସେଠାରେ ସମୀକରଣକୁ ଅସାଦୁଦ୍ଦିନ ବିଶେଷ ପ୍ରଭାବିତ କରିପାରିନଥିଲେ । ଏବେ ଅସାଦୁଦ୍ଦିନ କର୍ଣ୍ଣାଟକରେ ତାଙ୍କ ଶକ୍ତି ପ୍ରଦର୍ଶନ କରିବାକୁ ଅ□ଭିଡ଼ିଛନ୍ତି । ତେଲେଙ୍ଗାନାର ପଡ଼ୋଶୀ ହୋଇଥିବାରୁ ସେଠାରେ ଅସାଦୁଦ୍ଦିନଙ୍କ ଦଳ ଏଆଇଏମଆଇଏମର ପ୍ରଭାବ ରହିବ । ଏହା ବ୍ୟତିତ କର୍ଣ୍ଣାଟକରେ ସାମ୍ପ୍ରଦାୟିକ ରାଜନୀତିର ପ୍ରଭାବ ରହିଛି । ବିଜେପି ହିନ୍ଦୁ ଭୋଟ ବ୍ୟାଙ୍କ ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ବେଳେ କଂଗ୍ରେସ ସଂଖ୍ୟାଲଘୁ ଭୋଟ ଏକତ୍ରିକରଣ ଲାଗି ଯୋଜନା କରୁଛି । ତେବେ କଂଗ୍ରେସର ସଂଖ୍ୟାଲଘୁ ତୁଷ୍ଟିକରଣ ନୀତି ସବୁଠାରୁ ଚର୍ଚ୍ଚାରେ ରହିଛି । କେବଳ କର୍ଣ୍ଣାଟକ ନୁହେଁ, ଜାତୀୟ ସ୍ତରରେ କଂଗ୍ରେସର ସଂଖ୍ୟାଲଘୁ ତୁଷ୍ଟିକରଣ ନୀତି ସମ୍ପର୍କରେ ସମସ୍ତେ ଜାଣନ୍ତି । କର୍ଣ୍ଣାଟକରେ ସଂଖ୍ୟାଲଘୁ ମୁସଲମାନଙ୍କ ସଂଖ୍ୟା ବେଶ ଅଧିକ । ସେମାନେ ମିଳିତ ଭାବେ ଯେଉଁ ଦଳକୁ ସମର୍ଥନ କରିବେ ସେହି ଦଳର ସଫଳତା ହାର ଅଧିକ ରହିବ । ରାଜ୍ୟର ଏଭଳି କିଛି ଆସନ ରହିଛି ଯେଉଁଠାରେ ମୁସଲମାନ ଭୋଟରଙ୍କ ସଂଖ୍ୟା ଅଧିକ । ଏବେ ଅସାଦୁଦ୍ଦିନ କର୍ଣ୍ଣାଟକରେ ତାଙ୍କର ଖେଳ ଦେଖାଇବାକୁ ପ୍ରସ୍ତୁତ ବୋଲି ଘୋଷଣା କରିବା ପରେ ଏହା କଂଗ୍ରେସ ପାଇଁ ଚିନ୍ତାର କାରଣ ପାଲଟିଛି । କାରଣ ଅସାଦୁଦ୍ଦିନଙ୍କ ଦଳ ଏଆଇଏମଆଇଏମ ଯେତିକି ଭୋଟ ପାଇବ ତାହା କଂଗ୍ରେସର ଭୋଟ ହ୍ରାସ କରିବ । ଏଆଇଏମଆଇଏମ ପ୍ରାର୍ଥୀ ହଜାରେ ଭୋଟ ପାଇଲେ ବି ତାହା କଂଗ୍ରେସ ପାଇଁ ମହଙ୍ଗା ସାବ୍ୟସ୍ତ ହେବ । କାରଣ ବିଧାନସଭା ନିର୍ବାଚନରେ ଅନେକ ସ୍ଥାନରେ ଜୟ-ପରାଜୟ ମଧ୍ୟରେ ବ୍ୟବଧାନ ୨/୪ ହଜାରରେ ସୀମିତ ରହିଥାଏ । ଏଆଇଏମଆଇଏମ କର୍ଣ୍ଣାଟକରେ କେତେ ଆସନ ଜିତିବ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଏହା କର୍ଣ୍ଣାଟକରେ ଗୋଟିଏ ହେଲେ ବିଧାନସଭା ଆସନ ଜିତିନପାରେ । କିନ୍ତୁ ଏହା ରାଜ୍ୟରେ କେତେ ଭୋଟ ପାଇବ ତାହା ସବୁଠାରୁ ବଡ଼ କଥା । ଯଦି ଅସାଦୁଦ୍ଦିନଙ୍କ ଦଳ କର୍ଣ୍ଣାଟକରେ ୨ରୁ ୩ ପ୍ରତିଶତ ଭୋଟ ପାଇବାରେ ସଫଳ ହୁଏ ତେବେ ରାଜ୍ୟ ରାଜନୀତିର ସମୀକରଣ ବଦଳିଯିବ । ଏପରିକି ଅସାଦୁଦ୍ଦିନ ରାଜ୍ୟରେ କଂଗ୍ରେସର ପରାଜୟର କାରଣ ହୋଇପାରନ୍ତି । ଏଥିପାଇଁ କଂଗ୍ରେସ ବ୍ୟସ୍ତବିବ୍ରତ । କିନ୍ତୁ ଅସାଦୁଦ୍ଦିନ କହିଛନ୍ତି ଯେ, କୌଣସି ଦଳର ଜୟ ପରାଜୟ ଲାଗି ସେ ଉ□ରଦାୟୀ ହେବେ ନାହିଁ କିମ୍ବା ଏଥିଲାଗି ତାଙ୍କୁ କେହି ସମାଲୋଚନା କରିବାର ଅଧିକାର ନାହିଁ । ତାଙ୍କର ଏକ ନିଜସ୍ୱ ଦଳ ଏବଂ ରାଜନୈତିକ ଆଭିମୁଖ୍ୟ ରହିଛି । କଂଗ୍ରେସ ବା ଅନ୍ୟ ଅଣବିଜେପି ଦଳକୁ ଜିତାଇବାର ଠିକା ସେ ନେଇ ନାହାଁନ୍ତି । ବିହାର ବିଧାନସଭା ନିର୍ବାଚନ ପରେ ସେ ଠିକ ଏହି କଥା କହିଥିଲେ । ଏବେ ୟୁପିରେ ଯଦି ଅସାଦୁଦ୍ଦିନ ବିହାର ଭଳି ଭୂମିକା ଗ୍ରହଣ କରନ୍ତି ତେବେ ଏଥିରେ କିଛି ବିସ୍ମିତ ହେବାର ନାହିଁ । କଂଗ୍ରେସ ଏଥିପାଇଁ ତାଙ୍କୁ ଦୋଷ ଦେଇପାରିବ ନାହିଁ । ଅସାଦୁଦ୍ଦିନଙ୍କ ଏହି ଖେଳ କଂଗ୍ରେସ ପାଇଁ କାଳ ହୋଇପାରେ । ଅସାଦୁଦ୍ଦିନଙ୍କ ସହ କଂଗ୍ରେସ ଆସନ ବୁଝାମଣା ମଧ୍ୟ କରିବା ସମ୍ଭବ ନୁହେଁ ।

# ଆମ "ହାତୀ" କଥା

॥ ରମେଶ ଚନ୍ଦ୍ର ସ୍ୱାଇଁ ॥

*ଥାଇଲାଣ୍ଡରେ ଏପରି ଏକ ସ୍କୁଲ ଅଛି ଯେଉଁ ସ୍କୁଲରେ କେବଳ ହାତୀମାନଙ୍କୁ ଶିକ୍ଷା ଦିଆଯାଇଥାଏ । ସ୍କୁଲଟି ଥାଇଲାଣ୍ଡର ଲାମପାଓ୍ୱାସ୍ଥିତ ସାଗୋଡ ଉତ୍ପାଦନ କେନ୍ଦ୍ରରୁ ୨୫ କି.ମି. ଦୂରରେ ଅବସ୍ଥିତ । ଯେଉଁ ହାତୀର ବୟସ ୫ ବର୍ଷରୁ ଅଧିକ ସେମାନଙ୍କୁ ଏହି ସ୍କୁଲରେ ଶିକ୍ଷା ଦିଆଯାଇଥାଏ । ଏଠାରେ ଥରକେ ୧୫ଟି ହାତୀକୁ ୬ ମାସ ପର୍ଯ୍ୟନ୍ତ ଶିକ୍ଷା ଦିଆଯାଇଥାଏ । ଶୀତଦିନେ ସକାଳ ୬ଟାରୁ ୧୨ ଟା ପର୍ଯ୍ୟନ୍ତ ଏହି ସ୍କୁଲ ଖୋଲିଥାଏ ।*

ପ୍ରାୟ ଶତାଧିକ ଝାଡ଼ଖଣ୍ଡ ହାତୀ ଓଡ଼ିଶାକୁ ଆସି ଉତ୍ପାତ କରିଥାନ୍ତି । ହାତୀ ମଣିଷ ଲଢ଼େଇ ମଧ୍ୟରୁ ୬୦ ପ୍ରତିଶତ କ୍ଷେତ୍ରରେ କିଛି ନିର୍ଦ୍ଦିଷ୍ଟ ମାରଣା ହାତୀ ହିଁ ମଣିଷକୁ ଆକ୍ରମଣ କରୁଥିବା ଲକ୍ଷ୍ୟ କରାଯାଉଛି । ଢେଙ୍କାନାଳ, ଅନୁଗୋଳ, ମୟୂରଭଂଜ, କେନ୍ଦୁଝର, ସୁନ୍ଦରଗଡ଼ ଜିଲ୍ଲାରେ ଏହିଭଳି ଘଟଣା ଶତାଧିକ ଘଟୁଛି । ସେଇଭଳି ଟ୍ରେନ୍‌ରେ କଟି ଓ ବିଦ୍ୟୁତ ଆଘାତରେ ମଧ ହାତୀଙ୍କ ମୃତ୍ୟୁ ହୋଇଥାଏ । ଖାଦ୍ୟ ଅନ୍ୱେଷଣରେ ଆସିଥିବା ହାତୀ ଝାଟିମାଟି ଘରେ ପଶିବା ଓ ଘର ଭାଙ୍ଗିବା ଦ୍ୱାରା ୨୫ ପ୍ରତିଶତ ଜନତାଙ୍କ ମୃତ୍ୟୁ ହେଉଥିବା ଜଣାଯାଏ । ୨୦୧୮ ମସିହାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୨୮୨ଟି ହାତୀଙ୍କର ମୃତ୍ୟୁ ଘଟିଛି । ବିଭିନ୍ନ ରୋଗରେ ପିଡ଼ିତ ହୋଇ ୧୦୧ଟି ହାତୀଙ୍କ ମୃତ୍ୟୁ ହୋଇଥିବାବେଳେ ବିଦ୍ୟୁତ୍ ଆଘାତ ଯୋଗୁ ୪୩ଟି, ଶୀକାରୀ ମାନଙ୍କ ଦ୍ୱାରା ୭ଟି, ରାସ୍ତା ଦୁର୍ଘଟଣାରେ ୪ଟି, ପାହାଡ଼ରୁ ଖସି ନଦୀରେ ବୁଡ଼ି ନିଜ ନିଜ ମଧରେ କଳହ କରି ୫୯ଟି ହାତୀ ଓ ବିଭିନ୍ନ କାରଣରୁ ୩୪ଟି ହାତୀଙ୍କର ମୃତ୍ୟୁ ଘଟିଛି । ୨୦୧୮ରେ ୯୩ଟି, ୨୦୧୯ରେ ୮୨ଟି, ୨୦୨୦ରେ ୭୭ଟି ଓ ୨୦୨୧ ଅଗଷ୍ଟ ମାସ ସୁଦ୍ଧା ୩୩ଟି ହାତୀଙ୍କର ମୃତୁ ଘଟିଛି । ରାଜ୍ୟରେ ୨୦୧୨ରେ ୧୯୩୦ଟି ହାତୀ ଥିବାବେଳେ ୨୦୧୫ରେ ୧୯୫୪ଟି ଓ ୨୦୧୭ରେ ୧୯୭୬ଟି ହାତୀ ଥିବାର ଜଣାପଡ଼ିଛି ।

ବହୁ ପ୍ରାଚୀନ କାଳରୁ ଭାରତ ହାତୀଦାନ୍ତ ତିଆରି ସୁନ୍ଦର ସୁନ୍ଦର ଜିନିଷ ଗୁଡ଼ିକ ନିମନ୍ତେ ବିଖ୍ୟାତ । ଏହାଛଡ଼ା ଇଟାଲି ଓ ଆଫଗାନସ୍ଥାନ ମଧ ହାତୀର ଦାନ୍ତରେ ବିଭିନ୍ନ ଜିନିଷ ତିଆରି କରିପାରୁଥିଲେ । ଥରେ ଜଣେ ଭାରତୀୟ ହାତୀ ଦାନ୍ତ କାରିଗର ମୁସଲିମ୍ ଦେଶର ଜଣେ କଳାକାରଙ୍କ ଘରକୁ ଗଲେ । ସେ ମୁସଲିମ୍ କଳାକାରଙ୍କ ସ୍ତ୍ରୀଙ୍କୁ ହାତୀଦାନ୍ତ ନିର୍ମିତ ମୁଠାଏ ଚାଉଳ ଦେଲେ । କଳାକାରଙ୍କ ସ୍ତ୍ରୀ ତାକୁ ପ୍ରକୃତ ଚାଉଳ ଭାବି ରାନ୍ଧିବା ନିମନ୍ତେ ଚେଷ୍ଟାକଲେ । ଏହା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର କଥା । ହାତୀ ଦାନ୍ତ କାରିଗରୀର ବର୍ଣ୍ଣନା ରାମାୟଣ ଓ ମହାଭାରତରେ ଦେଖିବାକୁ ମିଳେ । ରାମାୟଣରେ ପଲଙ୍କ ଓ ରଥର କେତେକ ଅଂଶ ହାତୀ ଦାନ୍ତରେ ନିର୍ମିତ ହେବା ଓ ମହାଭାରତରେ ତରକାରୀ ବେଣ୍ଟ ହାତୀ ଦାନ୍ତରେ ନିର୍ମିତ ହୋଇଥିବା ବିଷୟ ଉଲ୍ଲେଖ କରାଯାଇଛି । ସପ୍ତଦଶ ଶତାବ୍ଦୀରେ ୟୁରୋପୀୟମାନେ ଭାରତ ଆସିବା ପରେ ଭାରତୀୟ କଳା ଉପରେ ପାଶ୍ଚାତ୍ୟ ପ୍ରଭାବ ପଡ଼ିଲା । ୟୁରୋପୀୟମାନଙ୍କର ରୁଚି ଅନୁଯାୟୀ ବିଲିୟାର୍ଡ ପେଣ୍ଡୁ, କାଗଜ କାଟିବାର ଛୁରୀ, ସାର୍ଟ ବଟମ ସବୁ ହାତୀ ଦାନ୍ତରେ ନିର୍ମିତ ହେଲା । ଗୋଆରୁ ମିଳିଥିବା ଯୀଶୁଖ୍ରୀଷ୍ଟଙ୍କର ହାତୀଦାନ୍ତ ନିର୍ମିତ ମୂର୍ତ୍ତି ଭାରତୀୟ ତଥା ପର୍ତ୍ତୁଗାଲ କଳାର ସୁନ୍ଦର ସମନ୍ୱୟତାର ପ୍ରମାଣ କରେ । ହାତୀର ବିରାଟକାୟ ମୋଟା ନଖ ଗୁଡ଼ିକରେ ଛୁରୀ, ବେଣ୍ଟ, ବୋତାମ, ଚାମଚ ଓ ପ୍ଲେଟ୍ ପ୍ରସ୍ତୁତ ହେଉଥିଲାବେଳେ ହାତୀ ଲାଞ୍ଜର ବାଳରେ ଚୂଡ଼ି, ହାର, ଖଡୁ ଆଦି ସୁକ୍ଷ୍ମ କାରୁକାର୍ଯ୍ୟ ପ୍ରସ୍ତୁତ ହୋଇଥାଏ । କେରଳରେ ହାତୀ ଦାନ୍ତର ଅଳଙ୍କାର ପିନ୍ଧିଲେ କେରଳବାସୀମାନେ ଶୁଭ ବୋଲି ମାନିଥାନ୍ତି ।

ଥାଇଲାଣ୍ଡରେ ଏପରି ଏକ ସ୍କୁଲ ଅଛି ଯେଉଁ ସ୍କୁଲରେ କେବଳ ହାତୀମାନଙ୍କୁ ଶିକ୍ଷା ଦିଆଯାଇଥାଏ । ସ୍କୁଲଟି ଥାଇଲାଣ୍ଡର ଲାମପାଓ୍ୱାସ୍ଥିତ ସାଗୋଡ ଉତ୍ପାଦନ କେନ୍ଦ୍ରରୁ ୨୫ କି.ମି. ଦୂରରେ ଅବସ୍ଥିତ । ଯେଉଁ ହାତୀର ବୟସ ୫ ବର୍ଷରୁ ଅଧିକ ସେମାନଙ୍କୁ ଏହି ସ୍କୁଲରେ ଶିକ୍ଷା ଦିଆଯାଇଥାଏ । ଏଠାରେ ଥରକେ ୧୫ଟି ହାତୀକୁ ୬ ମାସ ପର୍ଯ୍ୟନ୍ତ ଶିକ୍ଷା ଦିଆଯାଇଥାଏ । ଶୀତଦିନେ ସକାଳ ୬ଟାରୁ ୧୨ ଟା ପର୍ଯ୍ୟନ୍ତ ଏହି ସ୍କୁଲ ଖୋଲିଥାଏ । ପ୍ରଥମେ ସେମାନଙ୍କୁ ଉଠିବା, ବସିବା, ଶୀଘ୍ର ଶୀଘ୍ର ଚାଲିବା ଏବଂ କହିବା ମୁତାବକ ଅଟକିଯିବା, ମୁଣ୍ଡ ତଳକୁ କରିବା, କାଠଗଣ୍ଡିକୁ ଏକାଠି କରି ରଖିବା, ଜୀପ୍, ଟ୍ରକ, ବନ୍ଧୁକ, ବାଘ ଏବଂ ଚିତାବାଘ ତଥା ବିଭିନ୍ନ ବାଦ୍ୟଯନ୍ତ୍ରରେ ସ୍ୱର ସଂପର୍କରେ ହାତୀକୁ ଅବଗତ କରି ଦିଆଯାଏ । ହାତୀମାନଙ୍କୁ ୬ ମାସ ପର୍ଯ୍ୟନ୍ତ ସ୍କୁଲ ପରିସରରେ ଥିବା ହଷ୍ଟେଲରେ ରହିବାକୁ ପଡ଼ିଥାଏ ।

କଥାରେ କହନ୍ତି "ହାତିକୁ ପୁଣି ହୋମିଓପାଥି" । ଅର୍ଥାତ୍, ହାତୀ ଭଳି ବିଶାଳ ଜନ୍ତୁକୁ ଏତେ ଛୋଟ ଔଷଧ କ'ଣ କାମ ଦେବ ? ଏତେ ହାତୀଙ୍କ ପାଇଁ ବଟିକା କଥା କହିବାବେଳେ ଆପଣମାନେ ଆଶ୍ଚର୍ଯ୍ୟ ହେବେଣି । ହାତୀ ପାଇଁ ପୁଣି ବଟିକା କି କାମ ଦେବ ?

ହାତୀ ପାଇଁ ଥାଇଲାଣ୍ଡରେ ଏକ ବଟିକା ବାହାରିଛି । ଏହି ବଟିକା ବେଶ ବଡ଼ ଏବଂ ଏହାର ଓଜନ ପ୍ରାୟ ୫୦୦ ଗ୍ରାମ । ଏହି ବଟିକାଟିକୁ ଥାଇଲାଣ୍ଡ ସରକାର ହାତୀମାନଙ୍କ ପାଇଁ ପ୍ରଚଳନ କରିଛନ୍ତି । ହାତୀମାନେ ଆଉ ଜଙ୍ଗଲରେ ଚରି ଗଛ ବୃକ୍ଷ ନଷ୍ଟ କରିପାରିବେ ନାହିଁ । ପରିବେଶର ସୁରକ୍ଷା ଓ ଜଙ୍ଗଲ ବଞ୍ଚାଅ ଅଭିଯାନ ସ୍ୱରୂପ ଏହି ପଦକ୍ଷେପ ସେଠାରେ ନିଆଯାଇଛି । ଏହି ଅଭିନବ ବଟିକା ଆଖୁ ଆଦି ଖାଦ୍ୟ ଶସ୍ୟରେ ପ୍ରସ୍ତୁତ ଏବଂ ଏଥିରେ ପ୍ରଚୁର ପରିମାଣରେ ଖାଦ୍ୟ ସାର ବା ଭିଟାମିନ୍ ରହିଛି । କୌଣସି ବିବଦମାନ ପରିସ୍ଥିତିରେ ମଣିଷ ନ୍ୟାୟାଳୟର ଦ୍ୱାରସ୍ଥ ହେବା ଘଟଣାରେ ବିଶେଷ କିଛି ନୂତନତା ନାହିଁ । କିନ୍ତୁ କୋର୍ଟ ଆଦେଶ ପାଇ ହାତୀଟିଏ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର ହେବା ନିଶ୍ଚିତ ଭାବେ ଏକ ବିସ୍ମୟକର ତଥା କୌତୁହଳପ୍ରଦ କଥା । ଏହିଭଳି ଏକ ବିବାଦମାନ ପରିସ୍ଥିତିରେ "ନାରାୟଣ" ନାମକ ଏକ ହାତୀ, ଗତ କିଛିଦିନ ତଳେ କେରଳର କୋଟାୟାମ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ପରିସରରେ ଅପରାଧୀ ଭାବରେ ଠିଆ ହୋଇ ଏକ ବିରଳ ନଜୀର ସୃଷ୍ଟି କରିଥିଲା । ୩୨ ବର୍ଷିଆ ଏହି ହାତୀଟିକୁ ଯେତେବେଳେ ୧୪ ବର୍ଷ ବୟସ ହୋଇଥିଲା ସେତେବେଳେ ଗୋପାଳକୃଷ୍ଣ କୁରୁପଙ୍କ ଘରକୁ ଧରାହୋଇ ଆସିଥିଲା । ଏହାର ୪ ବର୍ଷ ପରେ କୁରୁପଙ୍କ ପରିବାରର ସଂପତ୍ତି ଭାଗବଣ୍ଟନରେ ହାତୀଟି କୁରୁପଙ୍କ ପତ୍ନୀ ସାଥୀ ଆମ୍ମାଙ୍କ ଭାଗରେ ପଡ଼ିଲା । କିନ୍ତୁ ପରବର୍ତ୍ତୀ କାଳରେ ହାତୀଟି ଲିଜ ସୂତ୍ରରେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ମାଲିକଙ୍କ ଦ୍ୱାରା ହସ୍ତାନ୍ତରିତ ହୋଇଥିଲା । ଫଳସ୍ୱରୂପ ହାତୀର ମାଲିକ ଓ ଲିଜ୍‌ଧାରୀଙ୍କ ମଧ୍ୟରେ ନାନା ପ୍ରକାର ବିବାଦର ସୂତ୍ରପାତ ହୋଇଥିଲା । ବିଚାରପତିଙ୍କ ଏହି ଆଦେଶ କାର୍ଯ୍ୟକାରୀ ହେବା ଦିନ କୋର୍ଟ ପରିସର ମଧ୍ୟରେ ସବୁ ଓକିଲଙ୍କ ସମେତ ବହୁ ଦର୍ଶକ ଏହି ଦୃଶ୍ୟକୁ ଉପଭୋଗ କରୁଥିଲେ । ମାଲିକ "ସାଥୀ ଆମ୍ମାକୁ" ଦେଖି ହାତୀଟି ତତ୍‌କ୍ଷଣାତ ଚିହ୍ନି ପାରିଥିଲା ଏବଂ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଥିଲେ ଯେ ହାତୀଟିର ପ୍ରକୃତ ମାଲିକ ହେଉଛନ୍ତି ସାଥୀ ଆମ୍ମା ।

ଚାକିରୀରୁ ଅବସର ଗ୍ରହଣ ପରେ ସାଧାରଣତଃ କର୍ମଚାରୀମାନେ ପେନସନ ପାଇବା ଆମେ ସମସ୍ତେ ଜାଣିଛେ । ମାତ୍ର ହାତୀ ସେହିପରି ଏକ କର୍ମମୟ ଜୀବନରୁ ଅବସର ପାଇବାପରେ ପେନସନ ପାଇବାଟା ଆଶ୍ଚର୍ଯ୍ୟ ଲାଗୁଥିବ ନୁହେଁ ? ତେବେ ପଶ୍ଚିମ ବଙ୍ଗର ଜଙ୍ଗଲ ବିଭାଗରେ ନିଯୁକ୍ତ ଥିବା ଏକ ହାତୀକୁ ୬୫ ବର୍ଷ ପୁରିଲା ପରେ ସେ ଏହି ବୃତ୍ତିର ଅଧିକାରୀ ହୋଇଥିଲା । ଏହି ଅଧିକାର ପ୍ରାପ୍ତ ସ୍ୱରୂପ ହାତୀକୁ ଉତ୍ତମ ଖାଦ୍ୟ, ବାସସ୍ଥାନ, ସ୍ୱାସ୍ଥ୍ୟ, ଚିକିତ୍ସା ଆଦି ଯୋଗାଇ ଦିଆଯାଇଥିଲା । ବରାହ ମିହିରଙ୍କ ଲିଖିତ 'ବୃହତ ସଂହିତା'ରେ ହାତୀଦାନ୍ତ କେଉଁ ସମୟରେ କିପରି କଟାଯାଏ ସେ କଥା ବର୍ଣ୍ଣନା କରାଯାଇଛି । ଦସ୍ୟୁ ସର୍ଦ୍ଦାର ବୀରାପାନ୍ନା ହାତୀ ଦାନ୍ତ ପାଇଁ ପ୍ରାୟ ୨୦୦୦ ହାତୀଙ୍କୁ ମାରିପାରିଛି । କେତେ ଶହ ବର୍ଷ ହେଲା ରାଜସ୍ଥାନ ହାତୀଦାନ୍ତ କାରିଗରୀର କେନ୍ଦ୍ର ରୂପେ ରହି ଆସିଛି । ଏଠାରେ ହାତୀଦାନ୍ତ ଦ୍ୱାରା ନିର୍ମିତ ଚୁଡ଼ିର ବହୁତ ବ୍ୟବହାର ରହିଛି । ଆଜିକାଲି ଜଙ୍ଗଲ କ୍ଷୟଯୋଗୁ ଓଡ଼ିଶାରେ ହାତୀଙ୍କ ସ୍ୱାଭାବିକ ଜୀବନଚର୍ଯ୍ୟା ବ୍ୟାହତ ହେଉଛି । ସେମାନଙ୍କ ଖାଦ୍ୟ ସମ୍ବଳ କମି ଯାଇଥିବା ବେଳେ ଜୀବନ ପରିସର ସଙ୍କୁଚିତ ହେଉଛି । ଆଗକୁ ସରକାର ଯଦି ସଚେତନ ନ ହୁଅନ୍ତି ରାଜ୍ୟରେ ହାତୀମାନଙ୍କ ବଂଶ ଲୋପ ପାଇଯିବ ଏଥିରେ ସନ୍ଦେହ ନାହିଁ ।

୧୬/୪, ଟାଇପ୍-୪ବି, ୟୁନିଟ୍-୩, ଭୁବନେଶ୍ୱର
ମୋବାଇଲ : ୯୩୩୭୩୬୨୩୮୩

# ଶ୍ରୀକ୍ଷେତ୍ରରେ ଶ୍ରୀ ଶ୍ରୀ ଠାକୁର

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପିତୃଦେବ କଟକର ଭୂତପୂର୍ବ ସରକାରୀ ଓକିଲ ରାୟବାହାଦୂର ଜାନକୀ ନାଥ ବୋଷ ଓ ଭକ୍ତିମତୀ ଜନନୀ ପ୍ରଭାବତୀ ଦେବୀ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଏକାନ୍ତ ଭକ୍ତ ଥିଲେ । ଉଭୟଙ୍କର ଐକାନ୍ତିକ ଆଗ୍ରହ ଓ ଅନୁରୋଧକ୍ରମେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପରିବାର ବର୍ଗ ଓ ଭକ୍ତବୃନ୍ଦ ସହ ୧୯୨୨ ସାଲ ୩୧ ଡିସେମ୍ବର ରବିବାର ଦିନ ପୁରୀ ନୀଳାଚଳ ଧାମରେ ପଦାର୍ପଣ କରିଥିଲେ । ପୁରୀଧାମରେ ସମୁଦ୍ର ତୀରରେ ଅବସ୍ଥିତ ଜାନକୀନାଥ ବୋଷଙ୍କ ନିଜସ୍ୱ ଭବନ ହରନାଥ ଲଜରେ ଶ୍ରୀ ଶ୍ରୀ ଠାକୁର ଓ ତାଙ୍କ ଭକ୍ତବୃନ୍ଦ ରହିଥିଲେ । ଶ୍ରୀ ଶ୍ରୀ ଠାକୁର ପୁରୀ ପହଞ୍ଚିବା କିଛିଦିନ ପରେ ଭକ୍ତ ସତୀଶଚନ୍ଦ୍ର ଗୋସ୍ୱାମୀ ଓ କିଶୋରୀ ମୋହନ ଦାସ କୀର୍ତ୍ତନଦଳ ଓ ଆଶ୍ରମବାସୀଙ୍କୁ ନେଇ ହିମାୟିତପୁର (ବର୍ତ୍ତମାନ ପାବନା ଜିଲ୍ଲା, ବାଙ୍ଗଲାଦେଶ)ରୁ ପୁରୀ ଅଭିମୁଖେ ଯାତ୍ରା କଲେ । ଶ୍ରୀକ୍ଷେତ୍ରରେ ଶ୍ରୀ ଶ୍ରୀ ଠାକୁରଙ୍କ ପୁଣ୍ୟ ପାଦପୀଠରେ ଅବସ୍ଥାନ କରି ଆନନ୍ଦ ଉପଭୋଗ ଓ ସାଧନା ଭଜନ ଆଶାରେ ଶ୍ରୀ ଶ୍ରୀ ଠାକୁରଙ୍କ ବହୁ ଶିଷ୍ୟ ସମବେତ ହୋଇଥିଲେ । ପ୍ରାୟ ଦୁଇ ଶତାଧିକ ଭକ୍ତ ଦୀର୍ଘ ଦେଢ଼ମାସ ବୋଷ ଦମ୍ପତ୍ତିଙ୍କର ଘରେ ଅବସ୍ଥାନ କରିଥିଲେ ।

ଏତେଦିନ ଧରି ପରିବାରବର୍ଗ ସହ ପରମ ଆରାଧ୍ୟ ଶ୍ରୀ ଶ୍ରୀ ଠାକୁରଙ୍କ ଯଥାଯୋଗ୍ୟ ସେବାପୂଜା ଓ ଭକ୍ତମାନଙ୍କର ଯଥୋଚିତ ସମ୍ବର୍ଦ୍ଧନାରେ ସସ୍ତ୍ରୀକ ଜାନକୀ ନାଥ ଯେଉଁ ଅପୂର୍ବ ନିଷ୍ଠା, ଉଦାରତା ଓ ମହତ୍ତ୍ୱର ପରିଚୟ ଦେଇଥିଲେ ତାହା ଅପୂର୍ବ ଓ ଅବର୍ଣ୍ଣନୀୟ । ପରମ ଆତ୍ମୀୟ ଅତିଥିଗଣଙ୍କ ଭୋଜନ, ଶୟନ, ବିଶ୍ରାମ ଓ ଅନ୍ୟାନ୍ୟ ଯାବତୀୟ ପ୍ରୟୋଜନ ପୂରଣର ଯଥାଯଥ ବ୍ୟବସ୍ଥାରେ କୌଣସି ତ୍ରୁଟି ନଥିଲା । କୌଣସି ଅତିଥି ବିନ୍ଦୁମାତ୍ର ଅସୁବିଧା ଭୋଗ ନକରନ୍ତି ସେଥିନିମିତ୍ତ ଜାନକୀ ବୋଷ ଦମ୍ପତ୍ତି ସଦାସର୍ବଦା ତୀକ୍ଷ୍ଣ ଦୃଷ୍ଟି ରଖୁଥିଲେ । ସେମାନଙ୍କର ଅକ୍ଲାନ୍ତ ଶ୍ରମ, ତ୍ୟାଗ ଓ ଅଜସ୍ର ଅର୍ଥ ବ୍ୟୟର ଗାଥା ଅବର୍ଣ୍ଣନୀୟ ।

ପୁରୀ ଅବସ୍ଥାନ କାଳରେ ଭକ୍ତଗଣ ପ୍ରତ୍ୟହ ପ୍ରାତଃକୃତ୍ୟାଦି ସମାପନ ପୂର୍ବକ ବିଭିନ୍ନ କୀର୍ତ୍ତନ ଦଳରେ ବିଭକ୍ତ ହୋଇ ନାନା ଦିଗରେ ନଗର ପରିକ୍ରମାରେ ଯାଉଥିଲେ । ସେମାନେ ପୁରୀ ସହରର ବିଭିନ୍ନ ଅଞ୍ଚଳ ଭ୍ରମଣ କରି ନାନା ମଠ ଯାଇ ତାଣ୍ଡବ ନୃତ୍ୟ ସହ ତୁମୂଳ କୀର୍ତ୍ତନ କରୁଥିଲେ । ତାଳ ଓ ପ୍ରାଣୋନ୍ମାଦନୀ କୀର୍ତ୍ତନରେ ନଗରବାସୀ ଆବାଳବୃଦ୍ଧ ବନିତା ଆନନ୍ଦରେ ମାତି ଉଠୁଥିଲେ । ଭକ୍ତଗଣ ପ୍ରାୟଶଃ କୀର୍ତ୍ତନଦଳ ସହ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଉପସ୍ଥିତ ହୋଇ ଦୀର୍ଘ ସମୟ ଧରି ଉଦ୍ଦଣ୍ଡ ନୃତ୍ୟ ସହ ତୁମୂଳ କୀର୍ତ୍ତନ କରୁଥିଲେ । ସେଠାରେ ସମବେତ ସହସ୍ର ସହସ୍ର ନରନାରୀ ଓ ଶ୍ରୀ ମନ୍ଦିରରର ପଣ୍ଡାଗଣ ସେହି ଅପୂର୍ବ କୀର୍ତ୍ତନ ଶୁଣି ଆନନ୍ଦ ଓ ବିସ୍ମୟରେ ଉଦ୍ଦୀପ୍ତ ଓ ପୁଲକିତ ହେଉଥିଲେ । ମନ୍ଦିର ମଧ୍ୟକୁ ଖୋଳ ନେବାର ରୀତି ନଥିଲେ ମଧ ଉଦ୍ଦଣ୍ଡ କୀର୍ତ୍ତନରେ ମାତି ଭକ୍ତଗଣ ଓ ପଣ୍ଡାମାନେ ମନ୍ଦିର ମଧରେ କୀର୍ତ୍ତନ କରୁଥିଲେ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କ ସମ୍ମୁଖରେ ।

ଶ୍ରୀ ଶ୍ରୀ ଠାକୁର ଯେତେଦିନ ପୁରୀରେ ବାସ କରୁଥିଲେ ତାଙ୍କର ଆବାସ ସ୍ଥଳରେ ଶତ-ଶତ ଆଗନ୍ତୁକ ଓ ଭକ୍ତବୃନ୍ଦଙ୍କ କୋଳାହଳରେ ଦିନରାତ୍ରି ମୁଖରିତ ହୋଇ ରହୁଥିଲା । ପ୍ରତିଦିନ ସହରର ଗଣ୍ୟମାନ୍ୟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନ ଓ ସଙ୍ଗ ଲାଭ ନିମିତ୍ତ ହରନାଥ ଲଜରେ ସମବେତ ହେଉଥିଲେ । ସେମାନେ ନିଜ ନିଜ ଜୀବନର ନାନା ଜଟିଳ ସମସ୍ୟାର ସମାଧାନ ନିମିତ୍ତ ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀଚରଣରେ ପ୍ରାର୍ଥନା ଜଣାଉଥିଲେ । ଶ୍ରୀ ଶ୍ରୀ ଠାକୁର ତାଙ୍କର ସ୍ୱଭାବସୁଲଭ ଭଙ୍ଗିମାରେ ସେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟର ସହଜ ସରଳ ମୀମାଂସା ଦାନ କରୁଥିବା ଦେଖି ସମସ୍ତଙ୍କ ଭିତରେ ଏକ ଦିବ୍ୟଭାବ ଉନ୍ମାଦନା ସଞ୍ଚାର ହେଉଥିଲା । ବହୁ ବ୍ୟକ୍ତି ଶ୍ରୀ ଶ୍ରୀ ଠାକୁରଙ୍କ ଦୀକ୍ଷାରେ ଦୀକ୍ଷିତ ହୋଇଥିଲେ ।

ପୁରୀ ଅବସ୍ଥାନ ସମୟରେ ଶ୍ରୀ ଶ୍ରୀ ଠାକୁର ପ୍ରାୟଦିନ ଭକ୍ତଗଣ ପରିବୃତ ହୋଇ ସମୁଦ୍ରରେ ଗାଧୋଉ ଥିଲେ, ତାହା ଏକ ଅନିର୍ବଚନୀୟ ମହା ଆନନ୍ଦ ଉତ୍ସବରେ ପରିଣତ ହେଉଥିଲା । ଶ୍ରୀ ଶ୍ରୀ ଠାକୁର ଭକ୍ତଗଣ ସହ ସମୁଦ୍ର ବାଲିରେ ଉପନୀତ ହେଲେ ସମସ୍ତେ ମିଶି ତୁମୁଳ କୀର୍ତ୍ତନ କରୁଥିଲେ । ତାହାପରେ ଶ୍ରୀ ଶ୍ରୀ ଠାକୁର ସମସ୍ତଙ୍କୁ ନେଇ ସମୁଦ୍ର ପାଣିରେ ଅବତୀର୍ଣ୍ଣପୂର୍ବକ ତରଙ୍ଗ ପ୍ରବାହର ତାଳେ ତାଳେ କୀର୍ତ୍ତନରତ ଅବସ୍ଥାରେ ସ୍ନାନ କ୍ରୀଡ଼ାରେ ବ୍ୟସ୍ତ ରହୁଥିଲେ । ସ୍ନାନ ସମୟରେ ଦୀର୍ଘ ସମୟ ଧରି ଦୋଳନ, କୀର୍ତ୍ତନ ଆଲିଙ୍ଗନ, ହାସ୍ୟ କୌତୁକ ଓ ଜଳସିଞ୍ଚାଦି ଆନନ୍ଦ ଉଲ୍ଲାସରେ ଏକ ସ୍ୱର୍ଗୀୟ ଅନୁଷ୍ଠାନ ଚାଲୁଥିଲା । ସ୍ନାନ ସମାପନାନ୍ତେ ଭକ୍ତଗଣ ଶ୍ରୀ ଶ୍ରୀ ଠାକୁରଙ୍କୁ ପୁରଭାଗରେ ରଖି ପୁଣି କୀର୍ତ୍ତନ କରୁ କରୁ ଘରକୁ ଫେରୁଥିଲେ । ଶ୍ରୀ ଶ୍ରୀ ଠାକୁର ଦିନେ ପ୍ରାତଃକାଳରେ ସମୁଦ୍ର ତୀରରେ ଭ୍ରମଣ କରୁ କରୁ କଠଉ ପିନ୍ଧି ପାଞ୍ଚ-ଛଅ କିଲୋମିଟର ଚାଲି ସାକ୍ଷୀଗୋପାଳରେ ପହଞ୍ଚି ଯାଇଥିଲେ, ସେଠାରୁ ଫେରି ସନ୍ଧ୍ୟା ସମୟରେ ଘରେ ପହଞ୍ଚିଲେ ।

ପୁରୀ ଧାମ ଛାଡ଼ିବା କିଛିଦିନ ପୂର୍ବରୁ ଶ୍ରୀ ଶ୍ରୀ ଠାକୁର ତାଙ୍କର ବାଲ୍ୟସଖା ଭକ୍ତ ପ୍ରବର ଅନନ୍ତ ମହାରାଜଙ୍କୁ ନେଇ ଶ୍ରୀ ଶ୍ରୀ ଜଗନ୍ନାଥ ଦର୍ଶନ ନିମିତ୍ତ ମନ୍ଦିର ଭିତରକୁ ଯାଇଥିଲେ । ୧୪ ଫେବୃୟାରୀ ୧୯୨୩ ତାରିଖରେ ଶ୍ରୀ ଶ୍ରୀ ଠାକୁର ପୁରୀଧାମରୁ ପ୍ରତ୍ୟାବର୍ତ୍ତନ କରିଲେ । ପୁରୀ ନୀଳାଚଳ ଧାମରେ ଶ୍ରୀ ଶ୍ରୀ ଠାକୁରଙ୍କ ରହଣି ସତସଙ୍ଗ ଇତିହାସରେ ଏକ ଅପୂର୍ବ ସ୍ମୃତି । ସେହି ସ୍ମୃତିକୁ ପାଥେୟ କରି ପ୍ରତିବର୍ଷ ଜାନୁୟାରୀ ୮ ତାରିଖରେ (୨ୟ ରବିବାର) ଲକ୍ଷାଧିକ ଭକ୍ତ ନୀଳାଚଳ ଧାମରେ ଉପସ୍ଥିତ ହୋଇ ଉତ୍କଳ ଆଗମନୀ ଦିବସ ଭାବରେ ପାଳନ କରନ୍ତି ।

ସହ-ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭/୯୩୩୮୧୦୦୮୩୭

# ମାତୃମୃତ୍ୟୁ ରୋକିବାରେ ଓଡ଼ିଶା ଦ୍ୱିତୀୟ

॥ ଡାକ୍ତର କାନ୍ତୀ ନାୟକ ॥

ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ପାଇଥିବାବେଳେ ଏଥିରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି । ମାତୃ ମୃତ୍ୟୁହାର ରୋକିବାରେ ଓଡ଼ିଶାକୁ ମିଳିଛି ଅଭୁତପୂର୍ବ ସଫଳତା । ଏହି କ୍ଷେତ୍ରରେ ଓଡ଼ିଶା ଦେଶର ବଡ଼ ରାଜ୍ୟ ମାନଙ୍କୁ ପଛରେ ପକାଇ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ରାଜ୍ୟ ସରକାରଙ୍କର ନିରନ୍ତର ଉଦ୍ୟମ ଫଳରେ ଉଭୟ ଶିଶୁ ଓ ମାତୃ ମୃତ୍ୟୁ ହାର ତଳକୁ ଖସି ଚାଲିଥିବା ବେଳେ ସ୍ୱତନ୍ତ୍ର ପଦକ୍ଷେପ ହେତୁ ଏଥିରେ ନୂଆ କୀର୍ତ୍ତିମାନ ଯୋଡ଼ିବାରେ ରାଜ୍ୟ ସଫଳ ହୋଇଛି ।

ଭାରତ ସରକାରଙ୍କ ପକ୍ଷରୁ ଜାରି ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ ୨୦୧୮-୨୦ର ରିପୋର୍ଟ ଉପଲବ୍ଧ ତଥ୍ୟ ଅନୁସାରେ ରାଜସ୍ଥାନରେ ୭୩ ମାତୃ ମୃତ୍ୟୁ ହାର ସବୁଠାରୁ କମ ରହିଥିବାବେଳେ ଏହା ପଛକୁ ଓଡ଼ିଶା ଏବଂ ଉତ୍ତର ପ୍ରଦେଶ ୪୯ ରହିଛନ୍ତି । ବିହାର ୪୭ ତୃତୀୟ ସ୍ଥାନ ଅଧିକାର କରିଛି । ରିପୋର୍ଟ ଅନୁସାରେ ୨୦୧୫-୧୭ରେ ଓଡ଼ିଶାରେ ପ୍ରତି ହଜାରେ ପ୍ରସବରେ ୧୬୮ ରହିଥିଲା । ତେବେ ୨୦୧୮-୨୦ ବେଳକୁ ଏହା ୪୯ ପଏଣ୍ଟ ହ୍ରାସ ପାଇ ୧୧୯ରେ ପହଞ୍ଚିଛି । ଜାତୀୟ ହାର ଠାରୁ ଏହା ସାମାନ୍ୟ ଅଧିକ ରହିଛି । ୨୦୦୧-୦୩ରେ ଓଡ଼ିଶାରେ ପ୍ରତି ଏକ ହଜାର ପ୍ରସବରେ ୩୫୮ ମହିଳା ପ୍ରାଣ ହରାଉଥିବା ବେଳେ ୨୦୦୪-୦୬ରେ ୩୦୩, ୨୦୦୭-୦୯ରେ ୨୫୮, ୨୦୧୦-୧୨ରେ ୨୩୫, ୨୦୧୧-୧୩ରେ ୨୨୨, ୨୦୧୪-୧୬ରେ ୧୮୦, ୨୦୧୫-୧୬ରେ ୧୬୮, ୨୦୧୬-୧୮ରେ ୧୫୦, ୨୦୧୭-୧୯ରେ ଏହା ୧୩୬ ରହିଥିଲା । ଚଳିତ ବର୍ଷ ମେ ମାସରେ ଏସଆରଏସ ୨୦୧୭-୧୯ ରିପୋର୍ଟରେ କୁହାଯାଇ ଥିଲା ଯେ ଓଡ଼ିଶାରେ ମାତୃ ମୃତ୍ୟୁହାର ୧୪ ପଏଣ୍ଟ ହ୍ରାସ ପାଇଛି । ଏହି ସମୟରେ ଓଡ଼ିଶା ସମଗ୍ର ଦେଶରେ ୫ମ ସ୍ଥାନରେ ରହିଥିଲା । ସମ୍ପୂର୍ଣ୍ଣା କାର୍ଯ୍ୟକ୍ରମ ଅଧୀନରେ ମାତୃ ମୃତ୍ୟୁ ହାର ରୋକିବା ଲକ୍ଷ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ଇଣ୍ଟିଗ୍ରେଡ଼ ଭିଲେଜ ହେଲଥ ସାନିଟେସନ ଏବଂ ପୋଷଣ ଦିବସ କାର୍ଯ୍ୟକ୍ରମ ଅଧୀନରେ ପ୍ରତି ଗର୍ଭବତୀଙ୍କର ଅନ୍ୟୁନ ଚାରି ଥର ସ୍ୱାସ୍ଥ୍ୟ ପରୀକ୍ଷା ସୁନିଶ୍ଚିତ କରାଯାଉଛି । ଡାକ୍ତରଖାନାରେ ପ୍ରସବ ସୁନିଶ୍ଚିତ କରିବା ପାଇଁ ଜନନୀ ଏକ୍ସପ୍ରେସ ପ୍ରଚଳନ କରାଯାଇଥିବାବେଳେ ହାଇ ଡିପେଣ୍ଡେନ୍ସି ୟୁନିଟ ଅତିରକ୍ତ ମାତୃତ୍ୱ ପ୍ରତିକ୍ଷାଳୟ ଆଦି ପ୍ରତିଷ୍ଠା ସହିତ ପ୍ରସବ ଗୃହର ଗୁଣବତ୍ତା ସୁନିଶ୍ଚିତ କରିବା, ମା ଓ ଶିଶୁ କିଟ ପ୍ରଦାନ ଭଳି ପଦକ୍ଷେପ ନିଆଯାଉଛି । ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ଲକ୍ଷ୍ୟ, ପ୍ରଥମ ରେଫରାଲ ୟୁନିଟ କାର୍ଯ୍ୟକ୍ରମ ଭଳି ଅନେକ ବ୍ୟବସ୍ଥା କରାଯାଇଛି । ସେହିପରି ଗ୍ରାମାଞ୍ଚଳ ସ୍ତରରେ ଗର୍ଭବତୀ ଓ ଶିଶୁଙ୍କ ପାଇଁ ଏକାଧିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଛି । ସର୍ବଭାରତୀୟ ସ୍ତରରେ ମାତୃ ମୃତ୍ୟୁହାର ରୋକିବା କ୍ଷେତ୍ରରେ ଓଡ଼ିଶା ଯେଉଁ ସଫଳତା ପାଇଛି ତାହା ଭାରତର ଅନ୍ୟ ରାଜ୍ୟ ପାଇଁ ଆଦର୍ଶ ଓ ଉଦାହରଣ ସୃଷ୍ଟି କରିଛି । ତେବେ ଏ କ୍ଷେତ୍ରରେ କେବଳ ସରକାର ବା ପ୍ରଶାସନର ଦାୟିତ୍ୱବୋଧତା ଠାରୁ ଗୁରୁତ୍ୱପୂର୍ଣ୍ଣ ସହଯୋଗୀତା ସମସ୍ତଙ୍କର ରହିଛି । ପ୍ରାୟତଃ ଦେଖାଯାଏ ମା' ମାନଙ୍କ ଚିକିତ୍ସା କ୍ଷେତ୍ରରେ ଅନେକ ସ୍ଥାନରେ ଲୋକମାନେ ଘରୋଇ ବା ତୁଟୁକା ତୁଟୁକି ଚିକିତ୍ସାର ସହଯୋଗ ନେଇଥାନ୍ତି କିନ୍ତୁ ଏହା ଆଦୌ ଠିକ ନୁହେଁ । ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଚିକିତ୍ସାର ମାଗଣା ପରୀକ୍ଷା, ପରାମର୍ଶ ଓ ଔଷଧ ବଣ୍ଟନର ବ୍ୟବସ୍ଥା ରଖିଛନ୍ତି ଏହାର ସୁଯୋଗ ନେବା ଜରୁରୀ ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ପି.ଏମ୍.ଶ୍ରୀ ଉଚ୍ଚ ବିଦ୍ୟାଳୟ ସୋଲବନ୍ଧ ରେ ଗଠିତ ହେଲା ନୂତନ ସ୍କୁଲ ପରିଚାଳନା କମିଟି




ପାଟଣାଗଡ ( ମହାଭାରତ ) ବଲାଙ୍ଗିର ଜିଲ୍ଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ପି.ଏମ୍.ଶ୍ରୀ ଉଚ୍ଚ ବିଦ୍ୟାଳୟ ସୋଲବନ୍ଧ ରେ ଗଠିତ ହେଲା ୨୦ ଜଣିଆ ନୂତନ ସ୍କୁଲ ପରିଚାଳନା କମିଟି ! ବିଦ୍ୟାଳୟ ପରିସରରେ ସମସ୍ତ ଅଭିଭାବକ ଅଭିଭାବିକା ମାନଙ୍କ ଉପସ୍ଥିତିରେ ସ୍କୁଲ ପରିଚାଳନା କମିଟି ର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ଆଶା କର୍ମୀ କିଶୋରୀ ବରିହା, ଅଙ୍ଗନୱାଡି କର୍ମୀ ପ୍ରିୟମ୍ବଦା ପୁଟେଲ, ଗାଁ ର ମହିଳା ୱାର୍ଡ ମେମ୍ବର ଦୈମତି ପଧାନ, ସହଯୋଗୀ ଶିକ୍ଷକ ସୁରୁସିଂ ନାଏକ ଙ୍କ ସହ ସ୍କୁଲ ଛାତ୍ରଛାତ୍ରୀ ଙ୍କ ମାତା ପିତା ଙ୍କୁ ନେଇ ୨୦ ଜଣିଆ ସ୍କୁଲ ପରିଚାଳନା କମିଟି ତଥା ସଦସ୍ୟ ସଦସ୍ୟା ମାନଙ୍କୁ ଚୟନ କରାଯାଇଥିଲା। ଚୟନ ହୋଇଥ?ିବା ସଦସ୍ୟ ସଦସ୍ୟା ମାନେ ବିଦ୍ୟାଳୟରେ ଉପସ୍ଥିତ ହୋଇ ପରିଚାଳନା କମିଟିର ମେମ୍ବର, ସଭାପତି ଓ ଉପ ସଭାପତି ଚୟନ କରିଥିଲେ। ଏହି ଚୟନ ପ୍ରକ୍ରିୟା ରେ ପ୍ରଥମ ତହ ମେମ୍ବର ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଏବଂ ଛାତ୍ରଛାତ୍ରୀ ଙ୍କ ଅଭିଭାବକ ଙ୍କ ଦ୍ୱାରା ମନୋନୀତ ମେମ୍ବର ପଲସୀ ବରିହା, ମାଧବୀ ମାଝୀ, ନୃପ ବାଗ, ପବିତ୍ର ପୁଟେଲ, ଥବିର ସାହୁ, ସଦାନନ୍ଦ ମେହେର, ତୁଳାବତି ସେଠ, ଦ୍ୱିତୀୟା ବିଶି, ସିଦ୍‌ଧେଶ୍ୱର ମାଝୀ, ଲିଲି ପଧାନ, ରୀନା ଭୋଇ, ସମାରି ବରିହା, ପୁଷ୍ପାଞ୍ଜଳି ଭୁଏ, ସତ୍ୟବତୀ ମେହେର, ଭୂମିସୂତା ମେହେର ୧୫ ଜଣ ମେମ୍ବର ମନୋନୀତ ହୋଇଥିଲେ । ଏବଂ ୧୫ ଜଣ ମେମ୍ବର ଚୟନ ମଧ୍ୟରେ ମାଧବୀ ମାଝୀ ଙ୍କୁ ଉପ ସଭାପତି ଭାବରେ ସମସ୍ତ ମେମ୍ବର ଚୟନ କରିଥିବା ବେଳେ ସଭାପତି ପଦ ପାଇଁ ତିନି ଜଣ ପ୍ରାର୍ଥୀ ଛିଡ଼ା ହେବାରୁ ସ୍କୁଲ୍ ର ପ୍ରଧାନ ଶିକ୍ଷକ ଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସମେତ ସମସ୍ତ ମେମ୍ବର ମାନଙ୍କୁ ନେଇ ଭୋଟ କରାଯାଇଥିଲା । ସଭାପତି ପଦ ପାଇଁ ତିନି ଜଣ ପ୍ରାର୍ଥୀ ଛିଡ଼ା ହେବା ଦେଖି ପ୍ରଧାନ ଶିକ୍ଷକ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଗାଁ ର ମହିଳା ୱାର୍ଡ ମେମ୍ବର, ସହଯୋଗୀ ଶିକ୍ଷକ ଭୋଟ ରେ ଅଂଶ ଗ୍ରହଣ ନ କରି ସ୍କୁଲ ପରିଚାଳନା କମିଟି ପାଇଁ ୧୫ ଜଣ ମେମ୍ବର ଙ୍କୁ ନେଇ ଭୋଟ କରିବା ନେଇ ନିଷ୍ପତ୍ତି ଛାଡିଥିଲେ।ପରେ ୧୫ ଜଣ ମେମ୍ବର ମଧ୍ୟରେ ଭୋଟ କାର୍ଯ୍ୟ ଆରମ୍ଭ ହୋଇଥିଲା।ଏହି ଭୋଟ ପ୍ରକ୍ରିୟା ରେ ନୃପ ବାଗ ସୂର୍ଯ୍ୟ ଚିହ୍ନ, ପଲସୀ ବରିହା ଚନ୍ଦ୍ର ଚିହ୍ନ ଓ ସିଦ୍‌ଧେଶ୍ୱର ମାଝୀ ତାରା ଚିହ୍ନ ରେ ଛିଡା ହୋଇଥିଲେ । ପରେ ଭୋଟ ହୋଇଥିଲା ଓ ଭୋଟ ଶେଷ ହେବା ପରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ମେମ୍ବର ସମ୍ମୁଖରେ ଭୋଟ ଗଣତି ହୋଇ ଥିଲା ଭୋଟ ଗଣତି ଶେଷ ହେବା ବେଳେ ନୃପ ବାଗ ୩ ଖଣ୍ଡ, ପଲସୀ ବରିହା ୬ ଖଣ୍ଡ,ସିଦ୍‌ଧେଶ୍ୱର ମାଝୀ ୫ ଖଣ୍ଡ ଓ ଗୋଟିଏ ଭୋଟ ନାକଚ ହୋଇଥିବା ବେଳେ ୬ ଖଣ୍ଡ ଭୋଟ ପାଇ ପଲସୀ ବରିହା ନୂତନ ପି.ଏମ୍.ଶ୍ରୀ ଉଚ୍ଚ ବିଦ୍ୟାଳୟ ସୋଲବନ୍ଧ ର ଗଠିତ ନୂତନ ସ୍କୁଲ ପରିଚାଳନା କମିଟି ର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ ।ଏହି ସ୍କୁଲ ପରିଚାଳନା କମିଟି ଗଠନ ସଭା କୁ ସହ ଶିକ୍ଷକ ସୁରୁସିଂ ନାଏକ ସଭା ପରିଚାଳନ କରିଥିବା ବେଳେ ସ୍କୁଲ ର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

## ପାରାଦୀପରେ ବିଜେପି ପୁରାତନ କାର୍ଯ୍ୟକର୍ତ୍ତାଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ




ପାରାଦୀପ, (ମହାଭାରତ) : ବିଜେପି ପାରାଦୀପ ମଣ୍ଡଳର ପୁରାତନ କାର୍ଯ୍ୟକର୍ତ୍ତା ଙ୍କ ଦ୍ୱାରା ପ୍ରତିଷ୍ଠିତ 'ବିଜେପି ଡାଇମଣ୍ଡ' ର ଦ୍ୱିତୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ମଧୁବନ ସ୍ଥିତ ଶ୍ରମିକ ଭବନରେ ରବିବାର ଦିନ ଆୟୋଜିତ ହୋଇଯାଇଛି ।ରାମଚନ୍ଦ୍ର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାରୀ ନେତ୍ରୀ ନିର୍ମଳା ଦ୍ୱିବେଦୀ,ପୁରାତନ ବିଜେପି କାର୍ଯ୍ୟକର୍ତ୍ତା କୈଳାସ ଚନ୍ଦ୍ର ସ୍ୱାଇଁ,ଶଶାଙ୍କ ଆଚାର୍ଯ୍ୟ,ବିଭୁ ପ୍ରସାଦ ନାୟକ, କୈଳାସ ମଲ୍ଲିକ,ସନାତନ ନାୟକ, ଅରୁଣ ସ୍ୱାଇଁ,ସୁନାକର ସେନାପତି, ନିରଞ୍ଜନ ସ୍ୱାଇଁ, ସୁନୀଲ ଦେବ,ସନ୍ତୋଷ ସାହୁ, ନବ କିଶୋର ଜେନା, ସଞ୍ଜୟ ପରିଡା, ପ୍ରଭାତ ସାହୁ ହରେ କୃଷ୍ଣ ମଲ୍ଲ, ନିରଞ୍ଜନ ବେହେରା,ଦିଲୀପ କୁମାର ମଲ ପ୍ରମୁଖ ଉପସ୍ଥିତ ରହି ଅବହେଳିତ ଅବସ୍ଥାରେ ଥିବା ପୁରାତନ ବିଜେପି କର୍ମୀ ଙ୍କୁ ଚିହ୍ନଟ କରି ସେମାନଙ୍କୁ ଏହି ନୂତନ ସଂଗଠନରେ ସାମିଲ କରିବା ଉପରେ ଆଲୋଚନା କରିଥିଲେ ।ଏବଂ ଅସୁବିଧା ସମୟରେ ଏହି ଅସହାୟ କର୍ମୀ ମାନଙ୍କୁ ସମସ୍ତେ ସହଯୋଗ କରିବା ନେଇ ନିଷ୍ପତି ହୋଇଥିଲା। ଅନ୍ୟପକ୍ଷରେ ବିଜେପି ଦଳରେ ପୁରାତନ କର୍ମୀଙ୍କୁ ଅଣଦେଖା କୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ତେବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ପୁରାତନ ବିଜେପି କର୍ମୀ ଏକାଠି ହେବା ସହ ବୟସର ଅପରାହ୍ନରେ ଦୀର୍ଘ ବର୍ଷ ପରେ ଦେଖା ହେବା ଏବଂ ସମ୍ପର୍କ ପୁନଃ ସ୍ଥାପିତ ହେବା ପରେ ଖୁସିରେ ପରସ୍ପର ଆଲିଙ୍ଗନ କରିଥିଲେ ।ଶେଷରେ ନିର୍ମଳା ଦ୍ୱିବେଦୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବ ସାମ୍ବାଦିକଙ୍କ ମାତୃ ବିୟୋଗ



ପାଟଣାଗଡ଼, (ମହାଭାରତ) : ଆମ ପାଟଣାଗଡ ସବ ଡିଭିଜନ ର ଯୁବ ସାମ୍ବାଦିକ ରିପୋର୍ଟର ଟୁଡେ ଏବଂ ମହାଭାରତ ଖବର କାଗଜ ର ଯୁବ ସାମ୍ବାଦିକ ଜଗନ୍ନାଥ ଧରୁଆ ଙ୍କ ମାଆ ତୁଳସା ଧରୁଆ ( ୭୧ ) ଙ୍କର ଆଜି ସକାଳ ୭ ଟା ସମୟ ରେ ପରଲୋକ ହୋଇ ଯାଇଛି । ସ୍ୱର୍ଗତା ଧରୁଆ ଦୀର୍ଘ ୨ ବର୍ଷ ରୁ ଉର୍ଦ୍ଧ୍ୱ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗ ରେ ପୀଡ଼ିତ ଥିଲେ, ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ମାଟୁପାଲି ସ୍ଥିତ ନିଜ ବାସଭବନରେ ଚିକିତ୍ସିତ ହେଉ ଥିଲେ । ଆଜି ସକାଳେ ଏହି ଦୁଃଖଦ ଖବର ଗ୍ରାମରେ ପ୍ରଚାରିତ ହେବା ପରେ ଶୋକ ର ଛାୟା ଖେଳିଯାଇଛି। । ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ବିଭିଷଣ ଧରୁଆ ,ତିନି ପୁଅ ଜଗନ୍ନାଥ ଧରୁଆ ( ଜଗନ ), ଦେବାନନ୍ଦ ଧରୁଆ, ପ୍ରେମାନନ୍ଦ ଧରୁଆ ,ବୋହୂ, ନାତି ନାତୁଣୀ ଓ ଜ୍ଞାତି କୁଟୁମ୍ବ ମାନେ ଉପସ୍ଥିତ ରହି ଥିଲେ । ମର ଶରୀରକୁ ଗ୍ରାମ ପରିକ୍ରମା କରାଯାଇ ସ୍ଥାନୀୟ ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରା ଯାଇଥିଲା । ପୂର୍ବ ପ୍ରଚଳିତ ବଂଶୀୟ ପରମ୍ପରା ଅନୁଯାୟୀ ବଡ ପୁଅ ଜଗନ୍ନାଥ ଧରୁଆ ମାଟି ଅର୍ପଣ କରିଥିଲେ । ଏହି ଦୁଃଖଦ ଖବର ରେ ସାମ୍ବାଦିକ ସଂଘ ପକ୍ଷରୁ ଶୋକ ବ୍ୟକ୍ତ କରିବା ପରିବାରକୁ ସମବେଦନା ଜଣା ଯାଇଛି ।

## ପାରାଦୀପରେ କ୍ଲାଇମେଟ୍ ପଞ୍ଚାୟତ ଅନୁଷ୍ଠିତ




ପାରାଦୀପ, (ମହାଭାରତ) : ପଞ୍ଚାୟତରୁ ପୃଥିବୀ ପର୍ଯ୍ୟନ୍ତ ପରିବେଶକୁ ସୁରକ୍ଷା ଦେବା ଏବଂ ପଞ୍ଚାୟତ ସ୍ତରରୁ ବୃକ୍ଷରୋପଣ, ଜଳ ସଂରକ୍ଷଣ, ସଚେତନତା, ପ୍ରଦୂଷଣ ହାର କମାଇବା ଆଦି କାର୍ଯ୍ୟକ୍ରମ ଆରମ୍ଭ ହୋଇ ବ୍ୟାପକ କରାଗଲେ ପୁନଶ୍ଚ ପୃଥିବୀ ସମ୍ଭବ ହୋଇପାରିବ ବୋଲି କହିଛନ୍ତି ପାରାଦୀପ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଏହି କାର୍ଯ୍ୟକ୍ରମରେ ପରିବେଷବିତ ଇଂ.ଅମରେଶ ନରେଶ ସାମନ୍ତ ଓ ନଗର ବିଜେପି ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ପରିବେଶ ସୁରକ୍ଷା ଦିଗରେ ସେମାନଙ୍କ ମତାମତ ରଖିଥିଲେ। ସମ୍ବାଦ ଜିଲ୍ଲା ପ୍ରତିନିଧି ଶୁଭକାନ୍ତ ପଢ଼ିହାରୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିବା ବେଳେ ସମ୍ବାଦ-ସାହିତ୍ୟ ଘର ସମ୍ପାଦକ ପ୍ରଶାନ୍ତ କୁମାର ରାଉତ ଓ କୁଜଙ୍ଗ ବ୍ଲକ ପ୍ରତିନିଧି ଦୁଷ୍ମନ୍ତ ମାଝୀ ପରିଚାଳନାରେ ସହଯୋଗ କରିଥିଲେ।

## ବର୍ଷାରେ ରାସ୍ତା ମରାମତି ନାଁରେ ମାଟି ପକାଯାଉଛି, ନାହିଁ ସୂଚନା ଫଳକ; ଦୁର୍ଦ୍ଦଶାରେ ଯାତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ



ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସଂଲଗ୍ନ କୋଦଭାଟା ସାହିରେ ବର୍ଷା ଋତୁ ମଧ୍ୟରେ ଚାଲିଥିବା ରାସ୍ତା ମରାମତି କାମକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ରାସ୍ତା ମରାମତି ପାଇଁ ନିୟମ ଅନୁଯାୟୀ ମୁରୁମ ପକାଯିବା କଥା ଥିବାବେଳେ ସେଥିରେ ମୁରୁମ ପରିବର୍ତ୍ତେ ସାଧାରଣ ମାଟି ପକାଯାଉଛି। ଫଳରେ ବର୍ଷା ହେଲେ ରାସ୍ତା କାଦୁଅରେ ପରିଣତ ହେଉଥିବାରୁ ଯାତାୟାତ ଅତ୍ୟନ୍ତ ବିପଦସଙ୍କୁଳ ହୋଇପଡ଼ିଛି ।ସ୍ଥାନୀୟଙ୍କ କହିବା ଅନୁଯାୟୀ, ବର୍ଷା ଆରମ୍ଭ ହେବା ପରେ ମାଟି ପକାଯାଇଥିବାରୁ ତାହା ଅଳ୍ପ ବର୍ଷାରେ ମଧ୍ୟ କାଦୁଅରେ ପରିଣତ ହେଉଛି। ଫଳରେ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳରେ ଅସୁବିଧା ସୃଷ୍ଟି ହେବା ସହ ବାରମ୍ବାର ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଯାଉଛି। ପଥଚାରୀମାନେ ମଧ୍ୟ ରାସ୍ତାରେ ଚାଲିବା ସମୟରେ ଖସିପଡ଼ିବାର ଭୟ ନେଇ ଯାତାୟାତ କରୁଛନ୍ତି ।ଏହି ରାସ୍ତା ଦେଇ ପ୍ରତିଦିନ ଗୁରୁକଚାନ୍ଦ ବିଦ୍ୟାମନ୍ଦିରକୁ ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ଯାତାୟାତ କରୁଥିବାରୁ ସମସ୍ୟା ଆହୁରି ଗୁରୁତର ହୋଇପଡ଼ିଛି। କୁନିକୁନି ଛାତ୍ରଛାତ୍ରୀମାନେ କାଦୁଅ ରାସ୍ତା ଦେଇ ସ୍କୁଲକୁ ଯିବାବେଳେ ବାରମ୍ବାର ଖସିପଡୁଥିବା ଅଭିଯୋଗ ଆସୁଛି। ଅଭିଭାବକମାନେ ମଧ୍ୟ ପିଲାଙ୍କ ସୁରକ୍ଷାକୁ ନେଇ ଚିନ୍ତାରେ ରହିଛନ୍ତି ।ଅନ୍ୟପଟେ, ରାସ୍ତା ମରାମତି କାମ ଚାଲିଥିଲେ ମଧ୍ୟ କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନଥିବା ଅଭିଯୋଗ ମଧ୍ୟ ଉଠିଛି। କେଉଁ ବିଭାଗ ପକ୍ଷରୁ କାମ କରାଯାଉଛି, କେତେ ଟଙ୍କା ବ୍ୟୟ ହେଉଛି, କାର୍ଯ୍ୟର ଅବଧି କେତେ ଓ ଠିକାଦାର କିଏ ଏସବୁ ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ପାଇଁ ଆବଶ୍ୟକ ସୂଚନା ଫଳକ ନଥିବାରୁ କାମର ସ୍ୱଚ୍ଛତାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି ।ସ୍ଥାନୀୟ ବାସିନ୍ଦାମାନଙ୍କ କହିବା ଅନୁଯାୟୀ, ବର୍ଷା ଋତୁରେ ମାଟି ପକାଇ ରାସ୍ତା ମରାମତି କରିବା ପରିବର୍ତ୍ତେ ଗୁଣାତ୍ମକ ମୁରୁମ କିମ୍ବା ଆବଶ୍ୟକୀୟ ନିର୍ମାଣ ସାମଗ୍ରୀ ବ୍ୟବହାର କରାଯିବା ଉଚିତ୍। ଏପରି ନିମ୍ନମାନର କାମ ଯୋଗୁଁ ସରକାରୀ ଅର୍ଥର ଅପବ୍ୟୟ ହେଉଥିବା ସହ ସାଧାରଣ ଲୋକ ଦୈନିକ ହଇରାଣ ହେଉଛନ୍ତି ।ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜନସାଧାରଣ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରି ଦାବି କରିଛନ୍ତି ଯେ, ରାସ୍ତା ମରାମତି କାମର ଗୁଣବତ୍ତାର ତୁରନ୍ତ ଯାଞ୍ଚ କରାଯାଉ, ନିୟମ ଅନୁଯାୟୀ ମୁରୁମ ବ୍ୟବହାର କରାଯାଉ, କାର୍ଯ୍ୟସ୍ଥଳରେ ସୂଚନା ଫଳକ ସ୍ଥାପନ କରାଯାଉ ଏବଂ ଯାତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶୀଘ୍ର ସ୍ଥାୟୀ ସମାଧାନ କରାଯାଉ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢୁଥିବା ବେଳେ, ପ୍ରଶାସନ କେବେ ପଦକ୍ଷେପ ନେଉଛି ତାହାକୁ ନେଇ ସମସ୍ତଙ୍କ ନଜର ରହିଛି।

## ଏମ୍ସ ଭୁବନେଶ୍ୱର ଷଷ୍ଠ ସମାବର୍ତ୍ତନ ଉତ୍ସବ ପାଳନ

ଜଟଣୀ, (ମହାଭାରତ) : ଏମ୍ସ ଭୁବନେଶ୍ୱର ଆଜି ଏହାର ଷଷ୍ଠ ସମାବର୍ତ୍ତନ ସମାରୋହକୁ ସଫଳତାର ସହିତ ପାଳନ କରିଛି। ଚିକିତ୍ସା ଶିକ୍ଷା, ଗବେଷଣା, ନବସୃଜନ ଏବଂ ରୋଗୀ ସେବାରେ ପ୍ରତିଷ୍ଠାନର ଉତ୍କର୍ଷତା ଯାତ୍ରାରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି। ଏହି ଉତ୍ସବରେ ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ଭାରତ ସରକାରଙ୍କ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ଅନୁପ୍ରିୟା ପଟେଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମାନ୍ୟବର ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଡ. ମୁକେଶ ମହାଲିଙ୍ଗ ମଧ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମାବର୍ତ୍ତନ ଭାଷଣ ଦେଇ, ଶ୍ରୀମତୀ ଅନୁପ୍ରିୟା ପଟେଲ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଡାକ୍ତରୀ ବୃତ୍ତି ସହିତ ଜଡିତ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ ପୂର୍ବକ ସେ କହିଥିଲେ, 'ଧଳା କୋଟ୍ ବିଶ୍ୱାସ, ଦାୟିତ୍ୱ, ପ୍ରତିବଦ୍ଧତା ଏବଂ ଅପାର ସୁବିଧାର ପ୍ରତୀକ। ଏହାକୁ ଆତ୍ମବିଶ୍ୱାସ ଏବଂ କରୁଣା ସହିତ ସମସ୍ତେ ପିନ୍ଧିବା ଆବଶ୍ୟକ।' ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରର ଅଭିବୃଦ୍ଧି ଏବଂ ପରିବର୍ତ୍ତନ ଉପରେ ଆଲୋକପାତ କରି, ଶ୍ରୀମତୀ ପଟେଲ ଦେଶରେ ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନର ବିସ୍ତାର ବିଷୟରେ ଉଲ୍ଲେଖ କରିଥିଲେ। ଦେଶରେ ପୂର୍ବରୁ ଏମ୍ସ ସଂଖ୍ୟା ୭ ଥିବା ବେଳେ ବର୍ତ୍ତମାନ ତାହା ୨୩ କୁ ବୃଦ୍ଧି ପାଇଛି, ଯାହା ସାରା ଦେଶରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ଶିକ୍ଷାର ପ୍ରବେଶକୁ ସୁଦୃଢ଼ କରୁଛି ।ଏମ୍ସରୁ ସ୍ନାତକ ହୋଇଥିବା ଡାକ୍ତରମାନେ ଏକ ସ୍ୱତନ୍ତ୍ର ପରିଚୟ ବହନ କରନ୍ତି, ସେମାନଙ୍କୁ 'ଡକ୍ଟର ପ୍ଲସ୍' ଭାବରେ ବର୍ଣ୍ଣନା କରିଥିଲେ ଶ୍ରୀମତୀ ପଟେଲ। ବିଶ୍ୱସ୍ତରୀୟ ଭିତ୍ତିଭୂମି, ଉନ୍ନତ ଚିକିତ୍ସା ସୁବିଧା, ଗବେଷଣା ସୁଯୋଗ, ବିଶେଷଜ୍ଞ ପରାମର୍ଶ ଏବଂ ସର୍ବୋପରି, ସେମାନଙ୍କ ତାଲିମ ସମୟରେ ପ୍ରଦାନ କରାଯାଇଥିବା ମୂଲ୍ୟବୋଧ ମାଧ୍ୟମରେ ସେମାନେ ଯେଉଁ ଅସାଧାରଣ ଏବଂ ଅତୁଳନୀୟ ଏକ୍ସପୋଜର ପାଆନ୍ତି ତାହା ହେଉଛି 'ଡକ୍ଟର+' ।ସୁଲଭ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ପ୍ରତି ଭାରତ ସରକାରଙ୍କ ପଦକ୍ଷେପ ବିଷୟରେ ମତବ୍ୟକ୍ତ କରି ସେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଏହି ଯୋଜନା ଲକ୍ଷ ଲକ୍ଷ ହିତାଧିକାରୀଙ୍କ ପାଇଁ ସ୍ୱାସ୍ଥ୍ୟସେବା ସହାୟତାକୁ ସକ୍ଷମ କରିଛି ।ମୁଖ୍ୟ ଅତିଥି ଅଣ-ସଂକ୍ରାମକ ରୋଗ (ଏନ୍‌ସିଡି) ର ବଢୁଥିବା ଆହ୍ୱାନ ଉପରେ ଆଲୋକପାତ କରିଥିଲେ। ୧.୮୪ ଲକ୍ଷ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା ବିଷୟରେ କହିଥିଲେ। ସେ ବିଶ୍ୱର ସର୍ବବୃହତ ଜନସଂଖ୍ୟା-ଭିତ୍ତିକ ସ୍କ୍ରିନିଂ କାର୍ଯ୍ୟକ୍ରମ ଆରମ୍ଭ କରିବାରେ ଭାରତର ସଫଳତା ଉପରେ ଆଲୋକପାତ କରିଥିଲେ। ଏହା ଅଧୀନରେ ୩୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ପ୍ରତ୍ୟେକ ବ୍ୟକ୍ତିଙ୍କୁ ମଧୁମେହ, ଉଚ୍ଚ ରକ୍ତଚାପ, ମୁଖ କର୍କଟ, ସ୍ତନ କର୍କଟ ଏବଂ ଗର୍ଭାଶୟ କର୍କଟ ସମେତ ପାଞ୍ଚଟି ପ୍ରମୁଖ ସ୍ୱାସ୍ଥ୍ୟ ଅବସ୍ଥା ପାଇଁ ସ୍କ୍ରିନିଂ କରାଯାଉଛି। ଏହାକୁ ପ୍ରତିରୋଧୀ ସ୍ୱାସ୍ଥ୍ୟସେବାରେ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବରେ ବର୍ଣ୍ଣନା କରିଥିଲେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ।ସ୍ୱାସ୍ଥ୍ୟସେବାରେ ଡିଜିଟାଲ ପରିବର୍ତ୍ତନ ବିଷୟରେ କହି ଶ୍ରୀମତୀ ଅନୁପ୍ରିୟା ପଟେଲ ଡିଜିଟାଲ ସ୍ୱାସ୍ଥ୍ୟ ପଦକ୍ଷେପ ମାଧ୍ୟମରେ ଭାରତର ସ୍ୱାସ୍ଥ୍ୟସେବା ଇକୋସିଷ୍ଟମକୁ ସୁଦୃଢ଼ କରିବାରେ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ (ଏବିଡିଏମ୍) ଭୂମିକା ଉପରେ ଆଲୋକପାତ କରିଥିଲେ ।ସେ ଦେଶରେ ଚିକିତ୍ସା ଶିକ୍ଷା ଭିତ୍ତିଭୂମିର ଉଲ୍ଲେଖନୀୟ ପ୍ରସାରଣକୁ ମଧ୍ୟ ଉଲ୍ଲେଖ କରିଥିଲେ।

## କାଳୀକୃଷ୍ଣ ସଙ୍ଘ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର

ଜୁନାଗଡ, (ମହାଭାରତ) : ସଦଗୁରୁ ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ୮୪ତମ ଜନ୍ମଜୟନ୍ତୀ ଅବସରରେ କାଳୀକୃଷ୍ଣ ସଂଘ ପକ୍ଷରୁ ଜୁନାଗଡ଼ ଅଗ୍ରସେନ ଭବନ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏହି ସେବାମୂଳକ କାର୍ଯ୍ୟକ୍ରମରେ ସଂଘର ପରିଚାଳକ ପୂଜ୍ୟ ଶ୍ରୀ ଜଗଦାନନ୍ଦଜୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଂଚଳର ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ରେ ଶତାଧିକ ମହିଳା ଓ ପୁରୁଷ ଏହି ଶିବିରରେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଡାକ୍ତରମାନଙ୍କ ପରାମର୍ଶ ଗ୍ରହଣ କରିଥିଲେ। ଏହା ସହିତ ନେତ୍ର ପରୀକ୍ଷା କରାଯାଇ ଆବଶ୍ୟକ ଲୋକଙ୍କୁ ମାଗଣାରେ ଔଷଧ ଓ ଚଷମା ବଣ୍ଟନ କରାଯାଇଥିଲା। ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ପାଇଁ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ସଦଗୁରୁ ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ୮୪ତମ ଜନ୍ମଜୟନ୍ତୀକୁ ସେବା ଓ ସମାଜକଲ୍ୟାଣର ବାର୍ତ୍ତା ସହ ପାଳନ କରିଛି କାଳୀକୃଷ୍ଣ ସଂଘ। ଜୁନାଗଡ଼ ଅଗ୍ରସେନ ଭବନରେ ଆୟୋଜିତ ଏହି ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଶତାଧିକ ଲୋକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ରୋଗୀମାନଙ୍କୁ ପରୀକ୍ଷା କରି ସ୍ୱାସ୍ଥ୍ୟ ପରାମର୍ଶ ଦେବା ସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ନେତ୍ର ପରୀକ୍ଷା ଶିବିରରେ ଅନେକ ଲୋକଙ୍କ ଆଖି ପରୀକ୍ଷା କରାଯାଇଥିଲା। ଆବଶ୍ୟକ ଥିବା ବ୍ୟକ୍ତିମାନଙ୍କୁ ମାଗଣାରେ ଚଷମା ଓ ଔଷଧ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଂଘର ପରିଚାଳକ ପୂଜ୍ୟ ଶ୍ରୀ ଜଗଦାନନ୍ଦଜୀ ସେବା ହିଁ ପରମ ଧର୍ମ ବୋଲି ଉଲ୍ଲେଖ କରି ସମାଜର ସମସ୍ତ ବର୍ଗର ଲୋକଙ୍କୁ ଏଭଳି ସେବାମୂଳକ କାର୍ଯ୍ୟରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ସ୍ୱାସ୍ଥ୍ୟ ସେବା ସହ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା।

## ମନସା ଚାରିଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠା ଦିବସରେ ମେଗା ରକ୍ତଦାନ ଶିବିର ଆୟୋଜିତ



ପାରାଦୀପ, (ମହାଭାରତ) : ପାରାଦୀପ ତଥା ରାଜ୍ୟ ର ଏକ ଅଗ୍ରଣି ଦାତବ୍ୟ ଅନୁଷ୍ଠାନ ମନସା ଚାରିଟେବୁଲ ଟ୍ରଷ୍ଟ ର ପଞ୍ଚମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରବିବାର ଦିନ ପାରାଦୀପ କଲେଜରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି ଜୀବନ ରକ୍ଷାକାରୀ ମହତ କାର୍ଯ୍ୟରେ ସଂଖ୍ୟାଧିକ ରକ୍ତ ଦାତା ମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ମହାବିଦ୍ୟାଳୟ ର ଅଧ୍ୟକ୍ଷା ଡ଼ଃ.ସସ୍ମିତା ଶତପଥୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ରେଡକ୍ରସ୍ ରକ୍ତଭଣ୍ଡାର, କଟକ ସହିତ ମିଳିତ ଭାବରେ ଆୟୋଜିତ ଏହି ଶିବିରର ଲକ୍ଷ୍ୟ ରକ୍ତର ଆବଶ୍ୟକତାକୁ ପୂରଣ କରିବା ଏବଂ ଜରୁରୀକାଳୀନ ଚିକିତ୍ସା ପାଇଁ ସୁସ୍ଥ ଷ୍ଟକ୍ ସୁନିଶ୍ଚିତ କରିବା। ମୁଖ୍ୟ ଅତିଥି ଶ୍ରୀ ହରନାଦ ମନସା ଚାରିଟେବୁଲ ଟ୍ରଷ୍ଟର ପ୍ରୟାସକୁ ପ୍ରଶଂସା କରି କହିଥିଲେ ଯେ 'ରକ୍ତଦାନ ଏକ ନିଃସ୍ୱାର୍ଥପର କାର୍ଯ୍ୟ ଯାହା ସିଧାସଳଖ ଜୀବନକୁ ପ୍ରଭାବିତ କରେ। ଏପରି ଗୁରୁତ୍ୱପୂର୍ଣ୍ଣ ଶିବିର ଆୟୋଜନ କରିବାରେ ମନସା ଚାରିଟେବୁଲ ଟ୍ରଷ୍ଟର ସମର୍ପଣ ପ୍ରଶଂସନୀୟ ଏବଂ ଆମ ସମ୍ପ୍ରଦାୟର କଲ୍ୟାଣ ପାଇଁ ଗୁରୁତ୍ୱପୂର୍ଣ୍ଣ।' ତେବେ ରକ୍ତଦାନ ପୂର୍ବରୁ ସମସ୍ତ ରକ୍ତଦାତା ଙ୍କୁ ରକ୍ତଚାପ, ହିମୋଗ୍ଲୋବିନ ସ୍ତର ଏବଂ ଓଜନ ଯାଞ୍ଚ ସମେତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ରକ୍ତଦାତାଙ୍କୁ ପ୍ରଶଂସା ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ପାରାଦୀପର ଲୋକଙ୍କ ଉତ୍ସାହୀ ଅଂଶଗ୍ରହଣରେ ଆମେ ଅତ୍ୟନ୍ତ ବିନମ୍ର,' ବୋଲି ମାନସା ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର କହିଛନ୍ତି। ଏହି ଶିବିରେ ସଫଳତାର ସହିତ ୯୩ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ଏହି ଶିବିରର ସଫଳତା ପାଇଁ ମାନସା ଚାରିଟେବୁଲ ଟ୍ରଷ୍ଟ ସମସ୍ତ ସ୍ୱେଚ୍ଛାସେବୀ, ଚିକିତ୍ସା କର୍ମଚାରୀ ଏବଂ ସହାୟକ ସଂଗଠନଗୁଡ଼ିକୁ କୃତଜ୍ଞତା ଜଣାଇଛି । ଏହି ଶିବିରରେ ଅନୁଷ୍ଠାନର କୋଷାଧ୍ୟକ୍ଷ ଏନସି ଅଗସ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମିଶ୍ର, ଆଡଭୋକେଟ ସୁକାନ୍ତ ବେହେରା, ଅଧ୍ୟାପକ ଅକ୍ଷୟ ଚନ୍ଦ୍ର ମିଶ୍ର, ବୈଷ୍ଣବ ଚରଣ ରାଉତ, ରାଜଶ୍ରୀ ଦାଶ, ଇତିଶ୍ରୀ ଦାଶ, ଦୀପିକା ସ୍ୱାଇଁ ,ନିରୁପମା ବାରିକ,ଅବିନାଶ ପ୍ରଧାନ, ମନୋଜ ମଣ୍ଡଳ, ସୁବାଷ ପ୍ରଧାନ, ସତ୍ୟବାଦୀ ଦାସ, କାହ୍ନୁ ବାରିକ, ବସନ୍ତ ଗୋଛାୟତ, କିଶୋର ମିଶ୍ର, ପ୍ରଶାନ୍ତ ତରାଇ, ଗୌରାଙ୍ଗ ମଣ୍ଡଳ ଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ମତ୍ସକଚ୍ଛପ ଅବତାର ଦର୍ଶନ ପାଇଁ ପାରଳା ଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ଭିଡ଼



ପାରଳାଖେମୁଣ୍ଡି,

ଦକ୍ଷିଣ ଓଡ଼ିଶାର ଲୋକପ୍ରିୟ ପାରଳାଖେମୁଣ୍ଡି ରଥଯାତ୍ରାର ଆଜି ୩ । ଦିନରେ ମହାପ୍ରଭୁଙ୍କ ମତ୍ସକଚ୍ଛପ ଅବତାର ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିର ଠାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ବେଶ ଭିଡ଼ ଦେଖା ଦେଇଛି। ପାରଳା ଗୁଣ୍ଡିଚା ମନ୍ଦିର ଠାରେ ଶ୍ରୀବଳଭଦ୍ରଙ୍କୁ କଚ୍ଛପ ଅବତାରରେ ଏବଂ ଶ୍ରୀଜଗନ୍ନାଥଙ୍କୁ ମତ୍ସ ଅବତାରରେ ଅତ୍ୟନ୍ତ ସୁନ୍ଦର ଭାବେ ସଜ୍ଜିତ କରାଯାଇ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ଭଗବାନଙ୍କ ପ୍ରଥମ ଅବତାରର ମତ୍ସକଚ୍ଛପ ଅବତାର ଦର୍ଶନ ପାଇଁ ଗଜପତି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଏବଂ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ରାୟଗଡା ଜିଲ୍ଲାରୁ ହଜାର ହଜାର ଭକ୍ତ ପାରଳା ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ଠାକୁରଙ୍କ ଦୁଲଭ ଅବତାର ଦର୍ଶନ କରି ଦ୍ୱୀପ, ଧୂପ ପ୍ରଦାନ କରି ପୂଜାପାଠ କରିବା ଲକ୍ଷ୍ୟ କରାଯାଇଛି। ଜିଲ୍ଲା ପ୍ରଶାସନ ଓ ପୋଲିସ ତରଫରୁ ଶାନ୍ତି ଶୃଙ୍ଖଳାର ସହ ରଥଯାତ୍ରା ପାଳନ ଓ ଭକ୍ତଙ୍କ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜଗତ୍ତାଥଙ୍କ ସେବାୟତ ତଥା ପୂଜକ ପ୍ରଦୀପ ବଡ଼ପଣ୍ଡା, ବଳରାମ ଅଧିକାରୀ ପ୍ରହଲ୍ଲାଦ ସୁଆର, ସଞ୍ଜୁ ପାଢ଼ୀ, ସନ୍ତୋଷ କୁମାର ଗନ୍ତାୟତ ପ୍ରମୁଖ କହିଛନ୍ତି ।

## ଏସଏସଆରଭିଏମ୍ ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ରାଉରକେଲା,: ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର ପରିଚାଳିତ ସେକ୍ଟର ୨୦ ସ୍ଥିତ ଇସ୍ପାତ ଇଂଲିଶ ସ୍କୁଲ ଓ ରାଉରକେଲା ଯୁବ ହଷ୍ଟେଲର ମିଳିତ ଆନୁକୂଲ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ମୀନାକ୍ଷୀ ପାଢ଼ୀ ଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲର ଅଧକ୍ଷା ଡ ଖୁସବୁ ଜ୍ୟୋତି, ଅଧିକାରୀ ସୁଚିନ୍ଦ୍ରମ ସେନଗୁପ୍ତ, ଶିକ୍ଷୟିତ୍ରୀ ମୋନାଲିସା ପଟ୍ଟନାୟକ, ଯୁବ ହଷ୍ଟେଲ ସଭାପତି ପ୍ରତାପ ସ୍ୱାଇଁ, ଅଧକ୍ଷ ବୁଦ୍ଧଦେବ ବସୁ, ଉପସଭାପତି ଜି ଏନ୍ ଶ୍ରୀବାସ୍ତବ, ସମ୍ପାଦକ ନିରଞ୍ଜନ ବେହେରା, ସରୋଜ ପଟ୍ଟନାୟକ,ସମରକାନ୍ତ ମଲ୍ଲିକ ପ୍ରମୁଖ ବୃକ୍ଷ ରୋପଣ ର ଉପକାରିତା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଓ ବ୍ୟାପକ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ଉଭୟ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ମାନେ ଶତାଧିକ ବୃକ୍ଷ ରୋପଣ କରିଥିଲେ। ଶେଷରେ ଯଶବିନ୍ଦର କୈୟର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ହଷ୍ଟେଲର ସମସ୍ତ ସଦସ୍ୟ ସଦସ୍ୟା ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ପଲସଦା ନଦୀ ଉପରେ ନୂତନ ଓସାରିଆ ବ୍ରିଜ ନିର୍ମାଣ ଦାବି



ନୂଆପଡ଼ା,: ଖଡ଼ିଆଳରୁ ବୋଡ଼େନକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ପଲସଦା ନଦୀ ଉପରେ ନିର୍ମିତ ପୁରୁଣା ବ୍ରିଜଟି ଅଣଓସାରିଆ ଥିବାରୁ ଏଠାରେ ଏକ ନୂତନ ଓସାରିଆ ବ୍ରିଜ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।ବୋଡ଼େନ ବ୍ଲକ ମୁଖ୍ୟାଳୟ ହୋଇଥିବାରୁ ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଛୋଟ ଓ ବଡ଼ ଯାନବାହାନ ଚଳାଚଳ କରିଥାଏ। କିନ୍ତୁ ପଲସଦା ନଦୀ ଉପରେ ଥିବା ବ୍ରିଜଟିର ଓସାର କେବଳ ୧୦ରୁ ୧୨ ଫୁଟ ହୋଇଥିବାରୁ ଏକାସାଙ୍ଗରେ ଦୁଇଟି ଚାରିଚକିଆ ଯାନ ସୁରକ୍ଷିତ ଭାବେ ଅତିକ୍ରମ କରିପାରୁନାହିଁ। ଫଳରେ ଗୋଟିଏ ଯାନକୁ ଅଟକି ରହିବାକୁ ପଡୁଥିବା ବେଳେ ଅନ୍ୟ ଯାନଟି ଯାତାୟାତ କରିଥାଏ।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ବ୍ରିଜ ଉପରେ ଏକାସାଙ୍ଗରେ ଦୁଇଟି ବଡ଼ ଯାନ ଚଳାଚଳ କରିବାକୁ ଚେଷ୍ଟା କଲେ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି। ପୂର୍ବରୁ ମଧ୍ୟ ଏଭଳି ପରିସ୍ଥିତି ଯୋଗୁଁ ଛୋଟ ବଡ଼ ଦୁର୍ଘଟଣା ଘଟିଥିବା ଅଭିଯୋଗ ହେଉଛି।ଖଡ଼ିଆଳରୁ ବୋଡ଼େନ ପର୍ଯ୍ୟନ୍ତ ପ୍ରାୟ ୨୬ କିଲୋମିଟର ରାସ୍ତା ଓସାରିଆ ଭାବେ ନିର୍ମାଣ ହୋଇଥିବା ବେଳେ କେବଳ ପଲସଦା ବ୍ରିଜଟି ଅଣଓସାରିଆ ରହିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ତେଣୁ ଲୋକଙ୍କ ସୁରକ୍ଷା ଓ ସୁବିଧା ଦୃଷ୍ଟିରୁ ଏଠାରେ ଏକ ନୂତନ ଓସାରିଆ ବ୍ରିଜ ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦାମାନେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ୧୪ ବର୍ଷ ଧରି ୮ ହଜାର ଦରମା, ସ୍ଥାୟୀ ନିଯୁକ୍ତି ଦାବିରେ ଯୋଗାଣ ସହାୟକଙ୍କ ଆନ୍ଦୋଳନ




ରାଇଘର:(ମହାଭାରତ)ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ୨୬ଟି ପଞ୍ଚାୟତର ଯୋଗାଣ ସହାୟକମାନେ ରାଜ୍ୟ ସଭାପତିଙ୍କ ଆହ୍ୱାନକ୍ରମେ ଭୁବନେଶ୍ୱର ଲୋୟର ପିଏମଜି ଛକରେ ଚାଲିଥିବା ଆନ୍ଦୋଳନରେ ଯୋଗ ଦେଇଛନ୍ତି। ଏନେଇ ରାଇଘର ବ୍ଲକ ଯୋଗାଣ ସହାୟକ ସଂଘର ସଭାପତି କ୍ଷୀରୋଦ ଗଣ୍ଡ ଓ ସମ୍ପାଦକ ସହଦେବ ସୀସା ସୂଚନା ଦେଇଛନ୍ତି।ଯୋଗାଣ ସହାୟକମାନଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ୧୪ ବର୍ଷ ଧରି ସେମାନେ ମାସିକ ମାତ୍ର ୮ ହଜାର ଟଙ୍କା ପାରିଶ୍ରମିକରେ କାମ କରୁଛନ୍ତି। ଏହି ଅଳ୍ପ ପାରିଶ୍ରମିକରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି ବୋଲି ସେମାନେ କହିଛନ୍ତି।ଗତ ଜୁନ୍ ୧୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଦାବି ପୂରଣ ନହେବାରୁ ଜୁଲାଇ ୧୦ ତାରିଖରୁ ଯୋଗାଣ ସହାୟକମାନେ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଆଜିକୁ ୮ ଦିନ ଧରି ଏହି ଆନ୍ଦୋଳନ ଜାରି ରହିଛି।୧୪ ବର୍ଷ ଧରି ପିଡିଏସ୍ ଚାଉଳ ବଣ୍ଟନ ସହ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟ କରୁଥିବା ଯୋଗାଣ ସହାୟକମାନେ ଏବେ ଦରମା ବୃଦ୍ଧି, ସ୍ଥାୟୀ ନିଯୁକ୍ତି ଓ ପଦୋନ୍ନତି ଦାବି କରିଛନ୍ତି। ଦାବି ପୂରଣ ନହେଲେ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ, ଯୋଗାଣ ସହାୟକମାନଙ୍କ ଆନ୍ଦୋଳନ ଯୋଗୁଁ ଆଗାମୀ ଅଗଷ୍ଟ ମାସରେ ରାସନ ବଣ୍ଟନ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି।ଏହି ଧାରଣାରେ ରାଇଘର ବ୍ଲକର ଯୋଗାଣ ସହାୟକ ମହେଶ କଲାର, ଧନ କୁମାର ଗଣ୍ଡଙ୍କ ସମେତ ଅନେକ ଯୋଗାଣ ସହାୟକ ସାମିଲ ହୋଇଛନ୍ତି।

# ବିଷମକଟକରେ ପାଣି ପାଇଁ ରାଜରାସ୍ତା ରୋକ

## ୬ ମାସର ଜଳ ସଙ୍କଟକୁ ନେଇ ଏନ୍ଏଚ୍-୩୨୬ ଅବରୋଧ



ବିଷମକଟକ,(ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ କଲୋନୀ ସାହିରେ ଦୀର୍ଘ ଛଅ ମାସ ଧରି ଲାଗି ରହିଥିବା ପାନୀୟ ଜଳ ସମସ୍ୟାର ପ୍ରତିବାଦରେ ସୋମବାର ସ୍ଥାନୀୟ ମହିଳା ଓ ବାସିନ୍ଦାମାନେ ହାଣ୍ଡି, ବାଲ୍ଟି ଧରି ଜାତୀୟ ରାଜପଥ-୩୨୬ ଉପରେ ରାସ୍ତାରୋକ ଆନ୍ଦୋଳନ କରିଥିଲେ।ଆନ୍ଦୋଳନ ଯୋଗୁଁ ରାୟଗଡ଼ା-ଭବାନୀପାଟଣା ମଧ୍ୟରେ ପ୍ରାୟ ଏକ ଘଣ୍ଟା ଧରି ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା। ରାଜପଥର ଉଭୟ ପାର୍ଶ୍ୱରେ ଛୋଟ-ବଡ଼ ଯାନବାହନର ଲମ୍ବା ଧାଡ଼ି ଲାଗି ରହିଥିଲା। ଖବର ପାଇ ପ୍ରଶାସନ ଓ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ।ଆନ୍ଦୋଳନକାରୀଙ୍କ କହିବା ଅନୁସାରେ, କଲୋନୀ ସାହିରେ ଗତ ଛଅ ମାସ ଧରି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ଏନେଇ ବାରମ୍ବାର ସମ୍ପୃକ୍ତ ବିଭାଗ ଓ ପ୍ରଶାସନଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବାରୁ ସେମାନେ ବାଧ୍ୟ ହୋଇ ରାଜରାସ୍ତା ଅବରୋଧ କରିଥିବା ପ୍ରକାଶ କରିଥିଲେ।ପରେ ପ୍ରଶାସନ ପକ୍ଷରୁ ଶୀଘ୍ର ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନକାରୀମାନେ ଅବରୋଧ ପ୍ରତ୍ୟାହାର କରିଥିଲେ। ଏହାପରେ ଜାତୀୟ ରାଜପଥରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

### ପବିତ୍ର ରଥଯାତ୍ରା-୨୦୨୬ ଉପଲକ୍ଷେ

# ଅସ୍ଥାୟୀ ଆଇନସେବା କେନ୍ଦ୍ରର ଉଦ୍‌ଘାଟନ




ପୁରୀ:ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ ଅନୁଯାଇ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ୍ୟ ତଥା ଜିଲ୍ଲା ଓ ଦୌରାଜଜ ଆନନ୍ଦ ନାରାୟଣ ମହାରଣାଙ୍କ ତତ୍ୱାବଧାନରେ ପୁରୀ ସରଧାବାଲିରେ ଏକ ଅସ୍ଥାୟୀ ଆଇନ ସେବା କେନ୍ଦ୍ର ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି। ପବିତ୍ର ଘୋଷ ଯାତ୍ରା ସମୟର ବହୁଳ ଜନସମଗମକୁ ଦୃଷ୍ଟିରେ ରଖି ଏହି ଆଇନ ସହାୟତା କେନ୍ଦ୍ରଟିକୁ ଖୋଲାଯାଇଛି ଏବଂ ଏହା ୧୮ .୭.୨୦୨୬ ଓ୍ବକ୍ତୁ ୨୪.୭.୨୦୨୬ ଯାଏ ଲୋକଙ୍କୁ ବିଭିନ ଆଇନ ଗତ ସେବା ଦେବ ବୋଲି ସୂଚନା ଦିଆଯାଇଛି । ଏହି କେନ୍ଦ୍ର ମାଧ୍ୟମରେ ପବିତ୍ର ଘୋଷଯାତ୍ରା ସମୟରେ ଆସୁଥିବା ବହୁ ପର୍ଯଟକ ଏବଂ ସ୍ଥାନୀୟ ଲୋକଙ୍କୁ ମାଗଣା ଆଇନ ସେବା ଓ ପରାମର୍ଶ ଯୋଗାଇ ଦିଆଯିବା ପାଇଁ ମାନ୍ୟବର ବିଚାରପତି ମତ ପୋଷଣ କରିଛନ୍ତି ।ଜିଲ୍ଲା ଆଇନ ସେବା ପ୍ରାଧିକରଣ, ପୁରୀ ତରଫରୁ ଏହି କେନ୍ଦ୍ରରେ ନ୍ୟାୟରକ୍ଷକ ଏବଂ ଅଧିକାରୀ ମିତ୍ରଙ୍କୁ ମାଗଣା ଓ ନିରବଚ୍ଛିନ ଆଇନ ସେବା ଯୋଗାଇ ଦେବା ପାଇଁ ନିଯୋଜନ କରାଯାଇଛି। ଏହି ଭକ୍ତିପୂତ ପରିବେଶରେ ଅସଂଖ୍ୟ ପର୍ଯ୍ୟଟକଙ୍କ ଆଗମନର ସୁଯୋଗ ନେଇ ନିଶୁଳ୍କ ଆଇନ ସେବା ତଥା ଆଇନ ଗତ ବିବାଦର ବିଭିନ୍ନ ସମାଧାନର ବିକଳ୍ପଉପାୟ, ନାଲସା ଦେୟମୁକ୍ତ ନମ୍ବର ୧୫୧୦୦ , Legal Service Management System(LSMS) , ମାନ୍ୟବର ସର୍ବୋଚ ନାୟଳୟଙ୍କ ସ୍ୱତନ୍ତ୍ର ଲୋକ ଅଦାଲତ ସମାଧାନ ସମାରୋହ ,୨୦୨୬ ଗୁଡିକର ପ୍ରଚାର ଓ ପ୍ରସାର ପାଇଁ ଉଭୟ ରାଜ୍ୟ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଗନ୍ତୁକ ମାନଙ୍କୁ ଜାତୀୟ ଆଇନ ସେବା ପ୍ରାଧିକରଣ ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁମୋଦିତ ଯୋଜନା , ସାମ୍ବିଧାନିକ ଅଧିକାର ଏବଂ ଅନ୍ୟାନ୍ୟ ଆଇନ ସେବା ସମ୍ବନ୍ଧୀୟ ପ୍ରଚାର ପତ୍ରମାନ ବାଣ୍ଟି ଥିଲେ। ସମାଜର ସମସ୍ତ ବର୍ଗର ଲୋକଙ୍କ ପାଇଁ ମାଗଣା ଓ ତ୍ୱରିତ ନ୍ୟାୟ ଆମର ଲକ୍ଷ୍ୟ ବୋଲି ମାନ୍ୟବର ନ୍ୟାୟମୂର୍ତି ମତପୋଷଣ କରିଛନ୍ତି ।ଆଜିର ଏହି କାର୍ଯକ୍ରମରେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ପରିତୋଷ କୁମାର ସେଠୀ, Registrar,ସିଭିଲ କୋର୍ଟ ଶ୍ରୀ ସୋଭେନ କାନୁନଗୋ ସମେତ ଜିଲ୍ଲା ଅଦଳତାର କର୍ମଚାରୀ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀବୃନ୍ଦ, ନ୍ୟାୟରକ୍ଷକ ଏବଂ ଅଧିକାରୀ ମିତ୍ର ଉପସ୍ଥିତ ରହିଥିଲେ।

# ଇଣ୍ଡିଆ ବୁକଅପ ରେକର୍ଡ ୨୦୨୬ରେ ସ୍ଥାନ ପାଇଲେ ସାହୁପଡାର କ୍ରିଷ୍ଣା ରାଉତ

ଆଳି,(ମହାଭାରତ) ଯେଉଁ ବୟସରେ ଶିଶୁ ଟି ଖେଳବୁଲ କରିବା କଥା ସେହି ବୟସରେ ସେ ନିଜର ପ୍ରଖର ସ୍ମରଣ ଶକ୍ତିର ଉପଯୋଗ କରି ଇଣ୍ଡିଆ ବୁକ ଅପ ରେକର୍ଡ ୨୦୨୬ ରେ ସାମିଲ ହୋଇ ପାରିଛନ୍ତି । ସଠିକ ଭାବେ ପାଟି ଫିଟିନଥିଲେ ମଧ୍ୟ ଗୋଟିକ ପରେ ଗୋଟିଏ ପ୍ରଶ୍ନର ପ୍ରାଞ୍ଜଳ ଭାବେ ଉତ୍ତର ରଖି ସେ ଏବେ ଏଭଳି ଏକ ପଦୀ ହାସଲ କରିଛନ୍ତି। ଏତେ କମ ବୟସରୁ ଏଭଳି ପ୍ରତିଭାବାନ ଶିଶୁଙ୍କ ପାଇଁ ପରିବାର ସମେତ ବଡାମ୍ବିଳା ପଞ୍ଚାୟତ ପାଇଁ ଗର୍ବ ପାଲଟିଛନ୍ତି । ଆଳି ବ୍ଲକ ବଡାମ୍ବିଳା ପଞ୍ଚାୟତ ସାହୁପଡା ଗ୍ରାମର ନୃସିଂହ ଚରଣ ରାଉତ ଓ ହରପ୍ରିୟା ରାଉତଙ୍କ ନାତି ତଥା ନିର୍ମଳ ରାଉତ ଓ ଝାନୁ ରାଉତଙ୍କ ଦୁଇ ବର୍ଷ ଆଠ ମାସର ପୁଅ କ୍ରିଷ୍ଣା ରାଉତ ଇଣ୍ଡିଆ ବୁକ ଅପ ରେକର୍ଡ ୨୦୨୬ ର ମେଧା ଅନେଶ୍ୱଣ କାର୍ଯ୍ୟକ୍ରମରେ




ଭାଗନେଇ ସଫଳତା ହାସଲ କରିବା ପରେ ପରିବାର ସମେତ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି । ଇଣ୍ଡିଆ ବୁକ ଅପ ରେକର୍ଡ ୨୦୨୬ ର ନିଜସ୍ୱ ୱେବସାଇଟ ପକ୍ଷରୁ ଅନୁଷ୍ଠିତ ଏହି ମେଧା ଅନ୍ୱେଷଣ କାର୍ଯ୍ୟକ୍ରମରେ କ୍ରିଷ୍ଣା ଭାଗନେଇ ନିରଛୀନ ଭାବେ ୩୦ ପ୍ରକାର ପଶୁର ନାମ, ୧୪ ପ୍ରକାର ପକ୍ଷୀ, ୧୭ ପ୍ରକାର ଗାଡି, ୧୯ ପ୍ରକାର ଫଳ, ୧୯ ପ୍ରକାର ପନିପରିବା,୫ ଟି ରଙ୍ଗ, ଶରୀରରେ ଥିବା ୨୩ ଟି ଅଙ୍ଗପ୍ରତ୍ୟେଙ୍ଗ, ୬ ପ୍ରକାର ପଶୁ ଶାବକଙ୍କ ନାମ ସହିତ ଦିନ, ବାର, ସପ୍ତାହ, ମାସ, ବର୍ଷ, ଋତୁ ଭଳି ସାଧାରଣ ଜ୍ଞାନର ଉତ୍ତର ପ୍ରାଞ୍ଜଳ ଭାବେ ଦେଇ ସଫଳତା ହାସଲ କରିଛନ୍ତି। ଏଭଳି ଜଣେ ପ୍ରତିଭାଙ୍କ ପାଇଁ ଆଜି ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି ।

## ବସୁଧୈବ କୁଟୁମ୍ବକମ୍‌ର ବୃକ୍ଷରୋପଣ କାର୍ଯ୍ୟକ୍ରମ




ରାଉରକେଲା,: ସାମାଜିକ ଅନୁଷ୍ଠାନ ବସୁଧୈବ କୁଟୁମ୍ବକମ୍ ତରଫରୁ ତର୍କରା ସ୍ଥିତ ବିଦ୍ୟୁତ କଲୋନୀ ଉଚ୍ଚ ବିଦ୍ୟାଳୟ ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକ ଙ୍କ ସଂଯୋଜନା ଓ ସଭାପତି ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଦାଶ, ଜର୍ଣ୍ଣାଲିଷ୍ଟ ଆସୋସିଏସନର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ, ସାମ୍ବାଦିକ ରଞ୍ଜିତ କୁମାର ବୋଷ, ଓସ୍ଥା ର ଜିଲ୍ଲା ସାଧାରଣ ସମ୍ପାଦକ ତଥା ଶିକ୍ଷାବିତ ସନ୍ତୋଷ କୁମାର ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସିଂହ ଓ ଅନୁଷ୍ଠାନର ସାଧାରଣ ସମ୍ପାଦକ ଅନିଲ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିବା ସହ ବୃକ୍ଷ ରୋପଣର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ସାମ୍ପ୍ରତିକ ସ୍ଥିତିରେ ଜଣେ ବୟସ୍କ ବ୍ୟକ୍ତି ସାଧାରଣତଃ ୫୪୦ ଲିଟର ଅମ୍ଳଜାନ ଗ୍ରହଣ କରୁଥିବା ବେଳେ ଗୋଟିଏ ପ୍ରାପ୍ତବୟସ୍କ ଗଛ ଟିଏ ୨୭୦ ଲିଟର ଅମ୍ଳଜାନ ପ୍ରଦାନ କରିଥାଏ। ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଦୁଇଟି ଗଛର ଆବଶ୍ୟକତା ପଡୁଥିବା ବେଳେ ଏହି ସମସ୍ୟାର ସମାଧାନ ପାଇଁ ସମସ୍ତ ନାଗରିକ ବୃକ୍ଷ ରୋପଣ କରିବା ଓ ଅନ୍ୟମାନଙ୍କୁ ଏଦିଗରେ ପ୍ରୋତ୍ସାହିତ କରିବା ପାଇଁ ଅନୁରୋଧ କରିଥିଲେ।

## ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛକାଟି ରାସ୍ତା ସଫା କଲେ

ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଜାକେଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶିମିଳିସାହି ଠାରୁ ଲୁଣି ପର୍ଯ୍ୟନ୍ତ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ରାସ୍ତା ବାଡ଼ିବାରୀ ଗ୍ରାମ ନିକଟରେ ଥିବା ଏକ ବିରାଟକାୟ ଆମ୍ବଗଛ ପବନରେ ଭୁଶୁଡି ଉକ୍ତ ରାସ୍ତା ଉପରେ ପଡିଥିଲା। ଶନିବାର ଦିନ ଏହି ଆମ୍ବଗଛ ଟି ରାସ୍ତା ଉପରେ ପଡିଥିବାରୁ ଯାନବାହାନ ଓ ଲୋକଙ୍କ ଯାତାୟତ ସମ୍ପୂର୍ଣ୍ଣ ଠପ ହୋଇଥିଲା। ଆଜି ସେହି ରାସ୍ତାରେ ସ୍ଥାନୀୟ ଅଞ୍ଚଳର ସାମ୍ବାଦିକ ତଥା ସମାଜସେବୀ ଦିଲ୍ଲୀପ କୁମାର ଜାନି କୌଣସି କାମ ଲାଗି ଦଶପଲ୍ଲାକୁ ଯାଉଥିଲା ବେଳେ ରାସ୍ତା ଉପରେ ଆମ୍ବଗଛ ପଡ଼ିଥିବା ଦେଖିଥିଲେୟ ଶ୍ରୀ ଜାନି ସଙ୍ଗେ ସଙ୍ଗେ ନୂଆଗାଁ ଅଗ୍ନିଶମ ବାହିନୀ ଅଧିକାରୀଙ୍କୁ ମୋବାଇଲ ଯୋଗେ ଫୋନ କରିଥିଲେ। ଖବର ପାଇବା ପରେ ସଙ୍ଗେ ସଙ୍ଗେ ନୂଆଗାଁ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ସଫା କରିଥିଲେ।ଏଥିରେ ଗାଁ ଲୋକେ ମଧ୍ୟ ସହଯୋଗ କରିଥିଲେ। ପରେ ଯାନବାହାନ ଓ ଲୋକଙ୍କ ଯିବାଆସିବାର ସୁବିଧା ହୋଇଥିଲା।

### ପୁରୀ ପୋଲିସ ଫାସିଲିଟେସନ୍ ସେଣ୍ଟରର ତ୍ୱରିତ କାର୍ଯ୍ୟାନୁଷ୍ଠାନ

# ୧୭ ନିଖୋଜ ବ୍ୟକ୍ତିଙ୍କୁ ପରିବାର ସହ ପୁନର୍ମିଳନ




ପୁରୀ,:ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ୨୦୨୬ ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁ ପୁରୀକୁ ଆସୁଥିବା ବେଳେ ସେମାନଙ୍କ ସୁରକ୍ଷା, ସହାୟତା ଏବଂ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୁରୀ ପୋଲିସ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ପୁରୀ ପୋଲିସ ଫାସିଲିଟେସନ୍ ସେଣ୍ଟରଗୁଡ଼ିକ ନିରନ୍ତର ଭାବେ ଶ୍ରଦ୍ଧାଳୁମାନଙ୍କୁ ସହାୟତା ପ୍ରଦାନ କରୁଛି। ପୁରୀ ପୋଲିସ ଫାସିଲିଟେସନ୍ ସେଣ୍ଟର ଦ୍ୱାରା ନିଖୋଜ ହୋଇଯାଇଥିବା ଦୁଇଜଣ ଶିଶୁଙ୍କୁ ସୁରକ୍ଷିତ ଭାବେ ଠାବ କରାଯାଇ ସେମାନଙ୍କ ପରିବାର ସହ ଶୀଘ୍ର ପୁନର୍ମିଳନ କରାଯାଇଛି। ସେହିପରି ଭଦ୍ରକ ଜିଲ୍ଲାର ୫୫ ବର୍ଷୀୟା ଶ୍ରୀମତୀ ମିନତି ବାରିକ ନାମକ ଜଣେ ନିଖୋଜ ମହିଳାଙ୍କୁ ମଧ୍ୟ ଫାସିଲିଟେସନ୍ ସେଣ୍ଟରର ଟିମ୍ ସୁରକ୍ଷିତ ଭାବେ ଖୋଜି ବାହାର କରି ତାଙ୍କ ପରିବାରଙ୍କ ହସ୍ତରେ ଦିଆଯାଇଛି । ପୁରୀ ପୋଲିସର ପ୍ରଶିକ୍ଷିତ କର୍ମଚାରୀମାନେ ଫାସିଲିଟେସନ୍ ସେଣ୍ଟରରେ ସର୍ବଦା ଉପସ୍ଥିତ ରହି ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ, ପରିବାର ସହ ଯୋଗାଯୋଗ, ଆବଶ୍ୟକ ସହାୟତା, ବୃଦ୍ଧ, ମହିଳା ଓ ଶିଶୁମାନଙ୍କ ପ୍ରତି ବିଶେଷ ଯତ୍ନ ସହ ବିଭିନ୍ନ ପ୍ରକାରର ଜନସେବା କାର୍ଯ୍ୟ ନିରନ୍ତର ଭାବେ କରିଆସୁଛନ୍ତି। ଏହା ସହିତ ଫାସିଲିଟେସନ୍ ସେଣ୍ଟରରେ ଯାତ୍ରୀମାନଙ୍କ ଅଭିଯୋଗ ଗ୍ରହଣ, ସୂଚନା ପ୍ରଦାନ, ମାର୍ଗଦର୍ଶନ ଓ ଜରୁରୀ ସହାୟତା ମଧ୍ୟ ଉପଲବ୍ଧ କରାଯାଉଛି। କୌଣସି ଶ୍ରଦ୍ଧାଳୁଙ୍କର କୌଣସି ସମସ୍ୟା, ଅଭିଯୋଗ କିମ୍ବା ପ୍ରଶ୍ନ ଥିଲେ ସେମାନେ ନିକଟସ୍ଥ ପୁରୀ ପୋଲିସ ଫାସିଲିଟେସନ୍ ସେଣ୍ଟରକୁ ଯାଇପାରିବେ କିମ୍ବା ପୁରୀ ପୋଲିସ ସହାୟକ +୯୧ ୮୭୬୩୧୯୯୪୦୦ ନମ୍ବରରେ ଐସ ପଠାଇ ତୁରନ୍ତ ସହାୟତା ପାଇପାରିବେ। ରଥଯାତ୍ରା ସମୟରେ ବିପୁଳ ଜନସମାଗମ ମଧ୍ୟରେ ଯଦି କୌଣସି ବ୍ୟକ୍ତି ତାଙ୍କ ପରିବାରଠାରୁ ଅଲଗା ହୋଇଯାଆନ୍ତି, ତେବେ ଆତଙ୍କିତ ନ ହୋଇ ନିକଟସ୍ଥ ପୋଲିସ କର୍ମଚାରୀ କିମ୍ବା ଫାସିଲିଟେସନ୍ ସେଣ୍ଟର ସହ ଯୋଗାଯୋଗ କରିବାକୁ ପୁରୀ ପୋଲିସ ଅନୁରୋଧ କରୁଛି। ପୁରୀ ପୋଲିସ ରଥଯାତ୍ରା ୨୦୨୬ ସମୟରେ ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କ ସୁରକ୍ଷା, ସେବା ଓ ସୁବିଧା ସୁନିଶ୍ଚିତ କରିବା ପାଇଁ ସଦା ସର୍ବଦା ପ୍ରତିବଦ୍ଧ ଏସ୍ପି ପୁରୀ ଶ୍ରୀ ପ୍ରତୀକ ସିଂ କହିଛନ୍ତି ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ଆନ୍ଧ୍ରପ୍ରଦେଶରେ ଚିହ୍ନଟ ହେଲା କରୋନାର ନୂଆ ସବ୍-ଭାରିଆଣ୍ଟ

ଆନ୍ଧ୍ରପ୍ରଦେଶ : ଆନ୍ଧ୍ରପ୍ରଦେଶରେ ଚିହ୍ନଟ ହେଲା କରୋନାର ନୂଆ ସବ୍-ଭାରିଆଣ୍ଟ 'ଜଋ.୫' । ସତର୍କ ରହିବାକୁ ସରକାର ପରାମର୍ଶ ଦେଇଛନ୍ତି ।



ଆନ୍ଧ୍ରପ୍ରଦେଶ ସ୍ୱାସ୍ଥ୍ୟ ବିଭାଗ ରାଜ୍ୟରେ କରୋନା ଭୂତାଣୁର ଓମିକ୍ରନ୍ ପ୍ରଜାତିର ଏକ ନୂଆ ସବ୍-ଭାରିଆଣ୍ଟ 'ଡଙ୍କସମକ୍ସକ୍ଟଭ ଜଋ.୫' ଚିହ୍ନଟ କରିଛି। ଜିନୋମ୍ ସିକ୍ୱେନ୍ସିଂ ପରେ ଏହି ସବ୍-ଭାରିଆଣ୍ଟ ବିଷୟରେ ଜଣାପଡ଼ିଛି। ତେବେ ଏହାକୁ ନେଇ ଆତଙ୍କିତ ନହେବାକୁ ଏବଂ ସତର୍କ ରହିବାକୁ ପ୍ରଶାସନ ତରଫରୁ କୁହାଯାଇଛି। ରାଜ୍ୟର କଡ଼ପା ଜିଲ୍ଲାରୁ ଚାରୋଟି କୋଭିଡ୍ ନମୁନା ପୁଣେର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ପଠାଯାଇଥିଲା, ଯେଉଁଥିରେ ଏହି 'ଜଋ.୫' ଭାରିଆଣ୍ଟ ଥିବା ସ୍ପଷ୍ଟ ହୋଇଛି। କିଛି ରିପୋର୍ଟ ଅନୁସାରେ ରାଜ୍ୟରେ ଏହି ପ୍ରଜାତି ସହ ଜଡ଼ିତ ପ୍ରାୟ ୧୬ଟି ମାମଲା ସାମ୍ନାକୁ ଆସିଛି। ନିକଟରେ ୪ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ପରେ ସରକାର ସର୍ଭେଲାନ୍ସ ବା ନଜର ରଖିବା ପ୍ରକ୍ରିୟାକୁ ଜୋରଦାର କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ୱାଇ. ସତ୍ୟ କୁମାର ଯାଦବ ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରି ରାଜ୍ୟର ପ୍ରସ୍ତୁତିର ତଦାରଖ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ କରୋନା ସଂକ୍ରମଣ ବହୁତ କମ୍ ରହିଛି । ଏହି ମାମଲାଗୁଡ଼ିକ ଖୁବ୍ କମ୍ ଜାଗାରେ ଦେଖିବାକୁ ମିଳୁଛି । ବିଶେଷଜ୍ଞଙ୍କ କହିବା ଅନୁସାରେ, ଜଋ.୫ ହେଉଛି ଓମିକ୍ରନର ଏକ ରୂପ । ଯାହା ସାରା ବିଶ୍ୱରେ ଅଳ୍ପ ବହୁତ ଦେଖାଯାଉଛି। ବର୍ତ୍ତମାନ ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ, ଏହା ଅନ୍ୟ ଓମିକ୍ରନ୍ ଭାରିଆଣ୍ଟ ତୁଳନାରେ ଅଧିକ ବିପଜ୍ଜନକ କିମ୍ବା ମାରାତ୍ମକ ନୁହେଁ। ଏହା କୌଣସି ବଡ଼ ମହାମାରୀର ସଙ୍କେତ ନୁହେଁ, ବରଂ ରୁଟିନ୍ ଚେକଅପ୍ ବେଳେ ଏହା ସାମ୍ନାକୁ ଆସିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଏହା ଉପରେ ନଜର ରଖିଛି। ରାଜ୍ୟରେ କୌଣସି ଲକଡାଉନ୍ କିମ୍ବା ବଡ଼ କଟକଣା ଲାଗୁ କରାଯାଇନି। କେବଳ ସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି । ଭିଡ଼ ସ୍ଥାନରେ କିମ୍ବା ବନ୍ଦ ଜାଗାରେ ମାସ୍କ ପିନ୍ଧନ୍ତୁ। ହାତ ସଫା ରଖନ୍ତୁ ଏବଂ କରୋନା ଲକ୍ଷଣ ଦେଖାଦେଲେ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସନ୍ତୁ ନାହିଁ। ବୃଦ୍ଧବୃଦ୍ଧା ଏବଂ ପୂର୍ବରୁ ଅନ୍ୟ କୌଣସି ରୋଗରେ ପୀଡ଼ିତ ଥିବା ହାଇ-ରିସ୍କ ବ୍ୟକ୍ତିମାନେ ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ।

## ସରକାରୀ ହସପିଟାଲରେ ରହିବେ ସୋନମ ୱାଙ୍ଗଚୁକ୍, ଦିଲ୍ଲୀ ହାଇକୋର୍ଟ ପତ୍ନୀ ଗୀତାଞ୍ଜଳିଙ୍କ ଆବେଦନକୁ କଲେ ଖାରଜ

ନୂଆଦିଲ୍ଲୀ : ଦିଲ୍ଲୀ ହାଇକୋର୍ଟ ସୋନମ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳିଙ୍କ



ଯାଚିକାରେ ଅନ୍ତରୀମ ଜାମିନ ଆବେଦନକୁ ଖାରଜ କରିଛନ୍ତି । କୋର୍ଟ ସଫଦରଜଙ୍ଗ ହସପିଟାଲରେ ଭର୍ତ୍ତି ହୋଇଥିବା ସୋନମଙ୍କୁ ପ୍ରାଇଭେଟ ହସପିଟାଲକୁ ସିଫ୍ଟ କରିବା ଆବେଦନକୁ ଖାରଜ କରିଛନ୍ତି । ଗତ ୩ ସପ୍ତାହ ଧରି ଆମରଣ ଅନଶନ କରୁଥିବା ସୋନମ ଏବେ ଦିଲ୍ଲୀର ସଫଦରଜଙ୍ଗ ହସପିଟାଲରେ ଭର୍ତ୍ତି ହୋଇଛନ୍ତି । ଏହାକୁ ନେଇ ତାଙ୍କ ପତ୍ନୀ ଦିଲ୍ଲୀ ହାଇକୋର୍ଡରେ ଯାଚିକା ଦାୟର କରିଥିଲେ । ଯାଚିକାରେ ୱାଙ୍ଗଚୁକଙ୍କ ପତ୍ନୀ ଦାବି କରିଥିଲେ କି, ସୋନମଙ୍କୁ କୌଣସି ପ୍ରାଇଭେଟ ହସପିଟାଲରେ ଭର୍ତ୍ତି କରାଯାଉ । କୋର୍ଟ ଶୁଣାଣି ସମୟରେ ବରିଷ୍ଠ ଓକିଲ କପିଲ ସିବଲ ୱାଙ୍ଗଚୁକଙ୍କ ପତ୍ନୀଙ୍କ ପକ୍ଷ ରଖିଥିଲେ । ସେ କହିଥିଲେ କି, ସୋନମଙ୍କ ଅଧିକାର ଅଛି, ସେ କୌଣସି ଡାକ୍ତର ଏବଂ କୌଣସି ହସପିଟାଲରେ ରହିବାକୁ ଚାହାନ୍ତି, ସେ ନିଷ୍ପତ୍ତି ନେଇପାରିବେ ।

ଏହାକୁ ନେଇ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଦଲିଲରେ କହିଛନ୍ତି, ସୋନମଙ୍କୁ ସମସ୍ତ ପ୍ରକାରର ସୁବିଧା ସଫଦରଜଙ୍ଗ ହସପିଟାଲରେ କରାଯାଇଛି । ଏଠାରେ ରାଷ୍ଟ୍ରପତିଙ୍କର ଚିକିତ୍ସା ମଧ୍ୟ ହେଉଛି । ତେଣୁ ପ୍ରାଇଭେଟ ହସପିଟାଲକୁ ସ୍ଥାନାନ୍ତର କରିବାର ଦାବି କିଛି ଯଥାର୍ଥ ନୁହେଁ । ତେବେ ଶନିବାର ରାତିରେ ସଫଦରଜଙ୍ଗ ହସପିଟାଲ ପକ୍ଷରୁ ସୋନମଙ୍କ ହେଲଥ ବୁଲେଟିନ ଜାରି କରାଯାଇଛି, ଯେଉଁଥିରେ କୁହାଯାଇଛି କି, ସୋନମ ୱାଙ୍ଗଚୁକ ହୋସରେ ରହିଛନ୍ତି । ତାଙ୍କ ରକ୍ତଚାପ, ଅକ୍ସିଜେନ ସ୍ତର ସାମାନ୍ୟ ରହିଛି । ଦୀର୍ଘଦିନରୁ ଆମରଣ ଅନଶନରେ ବସିଥିବା ଯୋଗୁଁ ଶରୀରରେ ଜଳୀୟ ଅଂଶର ଅଭାବ ଦେଖାଦେଇଛି । ତାଙ୍କୁ ତୁରନ୍ତ ତରଳ ପଦାର୍ଥ ଏବଂ ଇଲେକ୍ଟ୍ରୋଲାଇଟ୍ ଦିଆଯିବା ଜରୁରୀ । ଗତ ୨୮ ଜୁନରୁ ଅନିଶ୍ଚିତକାଳୀନ ଆମରଣ ଅନଶନରେ ବସିଥିବା ଯୋଗୁଁ ତାଙ୍କ ଅବସ୍ଥା ଗୁରୁତର ହୋଇଛି । ତେଣୁ ପୋଲିସ ତାଙ୍କୁ ଏଠାରେ ଭର୍ତ୍ତି କରିଛି ।

## ଲକ୍ଷ୍ନୌର ଆଲିଗଞ୍ଜ ଅଗ୍ନିକାଣ୍ଡ ଘଟଣା, ଅଭିଯୁକ୍ତଙ୍କ ଆଗୁଆ ଜାମିନକୁ ଖାରଜ କଲେ କୋର୍ଟ

ନୂଆଦିଲ୍ଲୀ : ଲକ୍ଷ୍ନୌର ଆଲିଗଞ୍ଜ ଅଗ୍ନିକାଣ୍ଡ ଘଟଣାର ଅଭିଯୁକ୍ତ ସୁରେନ୍ଦ୍ର ପ୍ରସାଦ ଶୁକ୍ଲାଙ୍କ ଆଗୁଆ ଜାମିନ ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି । ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜିଲ୍ଲା ବିଚାରପତି ମାଲଖାନ ସିଂହ ଅଭିଯୁକ୍ତଙ୍କୁ ଆଗୁଆ ଜାମିନ ଦେବାକୁ ମନା କରିଦେଇଛନ୍ତି । ସୂଚନାନୁଯାୟୀ, ଏହି ମାମଲାରେ ଲଗାଯାଇଥିବା ଅଭିଯୋଗଗୁଡ଼ିକ ଜରୁରୀ ଆଇନ ଏବଂ ସୁରକ୍ଷା ନିୟମ ପାଳନ ନକରି ପରିସର ପରିଚାଳନା ସହିତ ଜଡ଼ିତ ବୋଲି କୋର୍ଟ କହିଛନ୍ତି । ଏଥିସହ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଅଭିଯୋଜନ ପକ୍ଷ ଏବଂ ତଦନ୍ତ ରେକର୍ଡ ଅନୁସାରେ ଅଭିଯୁକ୍ତଙ୍କ ଭୂମିକାକୁ ସ୍ପଷ୍ଟ ଭାବେ ଦର୍ଶାଉଛି । ମାମଲାର ବିଚାର କରି ଆଗୁଆ ଜାମିନ ଆବେଦନକୁ ଖାରଜ କରାଯାଇଛି । ସୂଚନାଯୋଗ୍ୟ ଜୁନ୍ ୨୨ ତାରିଖ ୨୦୧୬ ମସିହାରେ ଲକ୍ଷ୍ନୌର ଆଲିଗଞ୍ଜ ଅଞ୍ଚଳରେ ଏକ ତିନି ମହଲା ବିଶିଷ୍ଟ ବାଣିଜ୍ୟିକ କୋଠାରେ ଅଗ୍ନିକାଣ୍ଡ ଘଟିଥିଲା । ଯେଉଁଥିରେ ଅତି କମରେ ୧୫ ଜଣଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ଅନ୍ୟ ୭ ଜଣ ଆହତ ମଧ୍ୟ ହୋଇଥିଲେ ।

# ହିମାଚଳରେ ମୌସୁମୀ ତାଣ୍ଡବ ୪ ଦିନ ପାଇଁ ଅତି ପ୍ରବଳ ବର୍ଷା ଆଲର୍ଟ

ହିମାଚଳ ପ୍ରଦେଶ : ପାହାଡ଼ିଆ ରାଜ୍ୟ ହିମାଚଳ ପ୍ରଦେଶରେ ପ୍ରକୃତିର ପ୍ରକୋପ ଦେଖିବାକୁ ମିଳିଛି। ଆଗାମୀ ୪ ଦିନ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶ ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ହୋଇଛି ହାଇ ଆଲର୍ଟ । ବିଶେଷ କରି ଜୁଲାଇ ୧୯ରୁ ୨୨ ତାରିଖ ମଧ୍ୟରେ ଅତି ପ୍ରବଳରୁ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କୁ ସତର୍କ ରହିବାକୁ ଚେତାବନୀ ଦିଆଯାଇଛି। ହିମାଚଳ ପ୍ରଦେଶରେ ଆଗକୁ ଆହୁରି ବିପଦ। ପାଣିପାଗ ବିଭାଗର ଆଲର୍ଟ ପରେ ଏବେ ସାରା ରାଜ୍ୟରେ ଆଶଙ୍କାର ବାତାବରଣ। ଜୁଲାଇ ୧୯ରୁ



୨୨ ତାରିଖ ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ଜୁଲାଇ ୧୮ ଏବଂ ୨୩ ତାରିଖରେ ମଧ୍ୟ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ପାଣିପାଗ ବିଭାଗ ଅନୁସାରେ ଚମ୍ବା, କାଙ୍ଗଡା, ମାଣ୍ଡି, ଶିମଲା, କୁଲୁ ଏବଂ ସିରମୌର ଭଳି ପାର୍ବତ୍ୟ ଜିଲ୍ଲାଗୁଡ଼ିକରେ ବର୍ଷାର ପ୍ରକୋପ ସବୁଠୁ ଅଧିକ ରହିବ। ଏହା ସହିତ କିନ୍ନୌର ଏବଂ ଲାହୌଲ-ସ୍ପିତି ଭଳି ଉଚ୍ଚ ପାହାଡ଼ିଆ ଅଞ୍ଚଳରେ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପ୍ରବଳ ପବନ ବହିବାର ପୂର୍ବାନୁମାନ କରାଯାଇଛି। ବିଜୁଳି ଘଡ଼ଘଡ଼ି ସହ ଝଡ଼ବର୍ଷା ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ପ୍ରବଳ ବର୍ଷା ଯୋଗୁଁ ପାହାଡ଼ ଧସିବା ବା ଭୂସ୍ଖଳନ ହେବାର ଆଶଙ୍କା ସବୁଠୁ ଅଧିକ ରହିଛି। ଏହାସହ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଉପୁଜିପାରେ। ରାସ୍ତାରେ ଦୃଶ୍ୟମାନତା ବା ଭିଜିବିଲିଟି କମିଯିବା ଯୋଗୁଁ ଦୁର୍ଘଟଣାର ଭୟ ମଧ୍ୟ ରହିଛି। ସେଥିପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଅନାବଶ୍ୟକ ଯାତ୍ରା ନକରିବାକୁ ଏବଂ ସୁରକ୍ଷିତ ସ୍ଥାନରେ ରହିବାକୁ ଅପିଲ୍ କରାଯାଇଛି ।

## ଅଭିଷେକ ବାନର୍ଜୀଙ୍କୁ ଆଶ୍ୱସ୍ତି

ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ଅଭିଷେକ ବାନର୍ଜୀଙ୍କୁ ରବିବାର କୋଲକାତା ହାଇକୋର୍ଟଙ୍କଠାରୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଦକ୍ଷିଣ ୨୪ ପ୍ରଗଣାର ଆମତଲାସ୍ଥିତ ତାଙ୍କ ଲୋକସଭା ନିର୍ବାଚନ ମଣ୍ଡଳୀ କାର୍ଯ୍ୟାଳୟ ଉପରେ ଚାଲିଥିବା ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଉପରେ ହାଇକୋର୍ଟ ତୁରନ୍ତ ରୋକ ଲଗାଇଛନ୍ତି। ଜଷ୍ଟିସ ରାଜା ବାସୁ ଚୌଧୁରୀଙ୍କ ସ୍ୱତନ୍ତ୍ର ବେଞ୍ଚ ଏହି ମାମଲାର ଜରୁରୀ ଶୁଣାଣି କରି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେଠାରେ ସ୍ଥିତାବସ୍ଥା ବଜାୟ ରଖିବାକୁ ସମସ୍ତ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାନର୍ଜୀଙ୍କ ସଂସ୍ଥା 'ଲିପ୍ସ ଆଣ୍ଡ ବାଉଣ୍ଡସ' ପକ୍ଷରୁ କୋର୍ଟରେ ଜରୁରୀ ଆବେଦନ କରାଯିବା ପରେ ଏହି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଆସିଛି। ଜମିର ବୈଧ ଦସ୍ତାବିଜ୍ ଥାଇ ମଧ୍ୟ ଏହି କାର୍ଯ୍ୟାଳୟକୁ ବେଆଇନ ଭାବେ ଭଙ୍ଗାଯାଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ଏହି ଉଚ୍ଛେଦକୁ ନେଇ ପଶ୍ଚିମବଙ୍ଗରେ ତୀବ୍ର ରାଜନୈତିକ ବିବାଦ ଦେଖାଦେଇଛି। ଟିଏମସି ଅଭିଯୋଗ କରିଛି ଯେ ବିଜେପି ନେତାଙ୍କ ଉପସ୍ଥିତିରେ ଏହି ଭଙ୍ଗାରୁଜା କରାଯାଇଛି। ସାଂସଦ ଅଭିଷେକ ବାନର୍ଜୀ ସୋସିଆଲ ମିଡିଆ ''ଏକ୍ସ'' ରେ ପୋଷ୍ଟ କରି ପଶ୍ଚିମବଙ୍ଗ ପୋଲିସକୁ ତୀବ୍ର ସମାଲୋଚନା କରିଛନ୍ତି ।

# ରୁଷ ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ, ୯ ମୃତ, ୮୦ରୁ ଅଧିକ ଆହତ

ନୂଆଦିଲ୍ଲୀ : ରୁଷ ଉପରେ ଆକ୍ରମଣ କରିଛି ୟୁକ୍ରେନ । ରୁଷ ରାଜଧାନୀ ମସ୍କୋ ଉପରେ ୩୭୦ରୁ ଅଧିକ ଡ୍ରୋନ ମାଡ଼ କରି ଅଗ୍ନିବର୍ଷା କରିଛି । ୟୁକ୍ରେନ ଆକ୍ରମଣ ରୁଷର ଅନଲାଇନ ସପିଂ କମ୍ପାନୀର ଦୁଇଟି ୱେୟାର ହାଉସ୍, ଏବଂ ଅଏଲ ଡିପୋ ଏବଂ ଅନ୍ୟ ଆଡ୍ଡା ଉପରେ ଆକ୍ରମଣ କରିଛି । ଏହି ଆକ୍ରମଣରେ ୯ ଜଣଙ୍କ ଜୀବନ ଯାଇଥିବା ବେଳେ ୮୦ରୁ ଅଧିକ ଆହତ ହୋଇଛନ୍ତି । ଖବର ମୁତାବକ, ୟୁକ୍ରେନ ୱାଇଲ୍ଡବେରିଜର ୱେୟାରହାଉସ ଉପରେ ଆକ୍ରମଣ କରିବା ନେଇ ଦେଶର ରାଷ୍ଟ୍ରପତି ଭ୍ଲାଦାମିର ଜେଲେନସ୍କି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଡ୍ରୋନ ଓ ନାଭିଗେସନ ଉପକରଣ ତିଆରି ଲାଗି ପ୍ରତିବନ୍ଧିତ ସାମଗ୍ରୀ ଯୋଗାଣ ଲାଗି ଉକ୍ତ ଲଜିଷ୍ଟିକ୍ସ କେନ୍ଦ୍ରକୁ ରୁଷ ବ୍ୟବହାର କରୁଥିଲା । ଏହି ଆକ୍ରମଣକୁ ଘୋର ନିନ୍ଦା କରି ଏହାକୁ ସାଧାରଣ



ନାଗରିକଙ୍କ ବିରୋଧରେ ଯୋଜନାବଦ୍ଧ ଆତଙ୍କବାଦୀ ଆକ୍ରମଣ ବୋଲି ଅଭିହିତ କରିଛନ୍ତି । ପ୍ରଥମ ଆକ୍ରମଣ ତାମ୍ବୋଭ୍ ଅଞ୍ଚଳରେ ହୋଇଥିବା ଆକ୍ରମଣରେ ୭ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଏହି ଆକ୍ରମଣରେ ନୋଗିନସ୍କଠାରେ ଥିବା ଏକ ପ୍ରମୁଖ ତୈଳ ଡିପୋରେ ନିଆଁ ଲାଗିଯାଇଥିଲା । ଫଳରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିଲା । ବିସ୍ଫୋରଣ ପରେ ଭୟଙ୍କର ଅଗ୍ନିକାଣ୍ଡ ହୋଇଥିଲା । ଏଥିରୁ ନିର୍ଗତ ଧୂଆଁ ମାଇଲ ମାଇଲ ଦୂରରୁ ଦେଖାଯାଉଥିଲା । ରୁଷଠାରୁ କ୍ରିମିଆକୁ ବିଚ୍ଛିନ୍ନ କରିଦେଇଛି ୟୁକ୍ରେନ । ରୁଷ ସରକାରଙ୍କ ସହାୟତା ସତ୍ତ୍ୱେ ଏଠାରେ ସ୍ଥିତି ସ୍ୱାଭାବିକ ହେବାର କୌଣସି ସମ୍ଭାବନା ନାହିଁ । ଏହାଯୋଗୁ କ୍ରିମିଆରେ ଶକ୍ତି ସଙ୍କଟ ଆହୁରି ଗମ୍ଭୀର ହୋଇଛି । କ୍ରିମିଆକୁ ରୁଷଠାରୁ ବିଚ୍ଛିନ୍ନ କରିବା ଲାଗି ୟୁକ୍ରେନ ଜୁଲାଇ ୬ରୁ 'ମୋଲୋଚକା ଅଭିଯାନ ଆରମ୍ଭ କରିଥିଲା । ଜୁଲାଇ ୧୩ ସୁଦ୍ଧା କେର୍ଚ୍ଚ ପ୍ରଣାଳୀ ଦେଇ ହେଉଥିବା ଚଳାଚଳ ବନ୍ଦ ହୋଇଯାଇଛି । ରୁଷ ରକ୍ଷା ମନ୍ତ୍ରଣାଳୟ ଦାବି କରିଛି କି, ଏୟାର ଡିଫେନ୍ସ ସିଷ୍ଟମ ରାତିସାରା କ୍ରିମିଆ, ଆଜୋବ ସାଗର ଏବଂ ବ୍ଲାକ ସି ଉପରେ ୩୭୯ ୟୁକ୍ରେନ ଡ୍ରୋନକୁ ଖସାଇଛି । ଏହାସତ୍ତ୍ୱେ ଅନେକ ଡ୍ରୋନ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚି ୱେୟାର ହାଉସ, ଅଏଲ ଡିପୋ, ପରିବହନ ଢାଞ୍ଚା ଏବଂ ଅନ୍ୟ ଠିକଣାକୁ କ୍ଷତି ପହଞ୍ଚାଇଛି ।

## ଅସ୍ଥାୟୀ ଭାବେ ବୈଷ୍ଣୋ ଦେବୀ ଯାତ୍ରା ସ୍ଥଗିତ, ତୀର୍ଥଯାତ୍ରୀଙ୍କ ସୁରକ୍ଷା ପାଇଁ ପ୍ରଶାସନ ନେଲେ ନିଷ୍ପତ୍ତି



ଜମ୍ମୁ କାଶ୍ମୀର : ଜମ୍ମୁ କାଶ୍ମୀରରେ ଲଗାତାର ବର୍ଷା ଜାରି ରହିଛି । ଅମରନାଥ ଯାତ୍ରାକୁ ସ୍ଥଗିତ କରିବା ପରେ ଆଜିଠାରୁ ମାତା ବୈଷ୍ଣୋ ଦେବୀଙ୍କ ଯାତ୍ରାକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି । ତୀର୍ଥଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏହି ସତର୍କତାମୂଳକ ପଦକ୍ଷେପ ନିଆଯାଇଛି । ପାଗ ସ୍ୱାଭାବିକ ଏବଂ ରାସ୍ତା ସୁରକ୍ଷିତ ବୋଲି ବିବେଚିତ ହେବା ପରେ ହିଁ ତୀର୍ଥଯାତ୍ରା ପୁଣି ଆରମ୍ଭ ହେବ । ଭାରତ ପାଣିପାଗ ବିଭାଗ ୧୯ରୁ ୨୩ ଜୁଲାଇ ମଧ୍ୟରେ ଜମ୍ମୁ କାଶ୍ମୀରରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ଏହାକୁ ଦୃଷ୍ଟିରେ ରଖି ତୀର୍ଥଯାତ୍ରୀମାନଙ୍କୁ ପରବର୍ତ୍ତୀ ସୂଚନା ନ ମିଳିବା ପର୍ଯ୍ୟନ୍ତ ତୀର୍ଥଯାତ୍ରାରେ ନ ଯିବାକୁ ଏବଂ କେବଳ ସରକାରୀ ସୂଚନା ଉପରେ ନିର୍ଭର କରିବାକୁ ଅନୁରୋଧ କରାଯାଇଛି । ତୀର୍ଥଯାତ୍ରୀଙ୍କ ସୁରକ୍ଷା ହେଉଛି ସର୍ବୋଚ୍ଚ ପ୍ରାଥମିକତା ବୋଲି ଅଧିକାରୀମାନେ କହିଛନ୍ତି । ଖରାପ ପାଗ ସତର୍କତାକୁ ଦୃଷ୍ଟିରେ ରଖି, ତୀର୍ଥଯାତ୍ରୀଙ୍କ ସୁରକ୍ଷା ଏବଂ ମଙ୍ଗଳ ସୁନିଶ୍ଚିତ କରିବା ପାଇଁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଶ୍ରୀ ମାତା ବୈଷ୍ଣୋଦେବୀ ଯାତ୍ରା କିଛି ସମୟ ପାଇଁ ସ୍ଥଗିତ ରଖାଯିବ ବୋଲି ସ୍ପଷ୍ଟ କରିଛନ୍ତି ଜଣେ ଜମ୍ମୁ ଅଧିକାରୀ । ଏଥିସହ ତୀର୍ଥଯାତ୍ରା ପୁନଃ ଆରମ୍ଭ ହେବା ସମ୍ପର୍କରେ ସୂଚନା ପାଇଁ ତୀର୍ଥଯାତ୍ରୀମାନଙ୍କୁ ସରକାରୀ ଗଣମାଧ୍ୟମ ସହିତ ଅପଡେଟ୍ ରହିବାକୁ ପ୍ରଶାସନ ଅନୁରୋଧ କରିଛି ।

## ସଫଳତାର ସହ ଉଡ଼ାଣ ରକେଟ୍ ବିକ୍ରମ-୧

ନୂଆଦିଲ୍ଲୀ : ପୁଣି ଥରେ ମହାକାଶରେ ଇତିହାସ ସୃଷ୍ଟି କରିଛି ଭାରତ । ଭାରତର ପ୍ରଥମ ଘରୋଇ ମାଲିକାନାରେ ଥିବା ରକେଟ୍ ବିକ୍ରମ-୧ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ସଫଳତାର ସହ ଉତକ୍ଷେପଣ କରାଯାଇଛି । ଯାହା ହାଇଦ୍ରାବାଦସ୍ଥିତ ସ୍କାଏରୁଟ୍ ଏରୋସ୍ପେସ୍ ଦ୍ୱାରା ବିକଶିତ । ପ୍ରଥମ ଘରୋଇ ଭାବରେ ନିର୍ମିତ ରକେଟର ଉଡ଼ାଣକୁ ମିଶନ ଆଗମନ କୁହାଯାଏ । ଏହା ଭାରତର ଘରୋଇ ମହାକାଶ ପାଇଁ ଏକ ପ୍ରମୁଖ ଏବଂ ଐତିହାସିକ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ବିକ୍ରମ-୧ ଉତକ୍ଷେପଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୋନ୍ ମାଧ୍ୟମରେ ସ୍କାଏରୁଟ୍ ଏରୋସ୍ପେସ୍କୁ ଅଭିନନ୍ଦନ ଜଣାଇଥିଲେ । ଏହା ସହିତ ଭାରତର ପ୍ରଥମ ଘରୋଇ ଭାବରେ ବିକଶିତ କକ୍ଷପଥ ରକେଟ୍ ବିକ୍ରମ-୧, ଏହାର ଅନ୍ତିମ ଜଳନ ସମାପ୍ତ କରିଛି ଏବଂ ସଫଳତାର ସହିତ କକ୍ଷପଥରେ ପ୍ରବେଶ କରିଛି ।

# ଜମ୍ମୁ କଶ୍ମୀରରେ ବର୍ଷା ତାଣ୍ଡବ, ଚାଲିଗଲାଣି ୧୦ରୁ ଅଧିକ ଜୀବନ

ଜମ୍ମୁ କଶ୍ମୀର : ଜମ୍ମୁ କଶ୍ମୀରରେ ବର୍ଷା ତାଣ୍ଡବ ରଚିଛି । ରାଜୌରୀ, ଅନନ୍ତନାଗ ଏବଂ ଉଧମପୁର ସମେତ ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ଦେଖାଦେଇଛି । ବନ୍ୟା ସହରର ଅନେକ ଅଞ୍ଚଳକୁ ଜଳମଗ୍ନ କରିଦେଇଛି । ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଅଲଗା ଅଲଗା ଘଟଣା ଯୋଗୁଁ ୧୦ ଜଣଙ୍କ ଜୀବନ ଚାଲିଯାଇଛି । ନିଖୋଜ ଥିବା ବ୍ୟକ୍ତିମାନଙ୍କୁ ପ୍ରଶାସନ ପକ୍ଷରୁ ଖୋଜା ଚାଲିଛି । ପ୍ରବଳ ବର୍ଷା ଯୋଗୁଁ ରଜୌରୀ ଅଞ୍ଚଳରେ ପାର୍କିଂ ଷ୍ଟାଣ୍ଡର ଥିବା ଅନେକ ଗାଡ଼ି ଭାସିଯାଇଛି । ଏହାଛଡା ଅନେକ ଘରକୁ କ୍ଷତି ପହଞ୍ଚିଛି । ଖବର ମୁତାବକ, ରାଜୌରୀ, ପୁଞ୍ଚ ଜିଲ୍ଲାର ସୁରନକୋଟ ଅଞ୍ଚଳରେ ଆକସ୍ମିକ ବନ୍ୟା ଏବଂ ଖରାପ ପାଗ ଯୋଗୁଁ ୧୦ ଜଣଙ୍କ ଜୀବନ ଯାଇଛି । ଏପର୍ଯ୍ୟନ୍ତ ଉଭୟ ଜିଲ୍ଲାରେ ମୋଟ



୧୧ ଜଣଙ୍କ ମୃତ୍ୟୁ ହୋଇଛି । ପ୍ରଶାସନ, ସେନା, ଏନଡିଆରଏଫ ଏବଂ ଏସଡିଆରଏଫର ଦଳ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି । ରାଜୌରୀ ଜିଲ୍ଲାରେ ବେଲା ବସ୍ ଷ୍ଟାଣ୍ଡର ତଳିଆ ଅଞ୍ଚଳ ସମ୍ପୂର୍ଣ୍ଣ ବୁଡ଼ି ଯାଇଛି, ପ୍ରବଳ ସ୍ରୋତରେ ଅନେକ ପାର୍କିଂ ହୋଇଥିବା ଗାଡ଼ି ଭାସି ଯାଇଛି । ଅନେକ ଯାନବାହନ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଉଛି । ବନ୍ୟାରେ ସାତଟି ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ସ୍ଥାନୀୟ ବାସିନ୍ଦା ପ୍ରଶାସନକୁ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି। ଜମ୍ମୁ ଏବଂ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି ଯେ, ସେ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି । ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି କହିଛନ୍ତି, ରବିବାର ସକାଳ ଠାରୁ, ମୁଁ ଜମ୍ମୁର କିଛି ଅଂଶରେ, ବିଶେଷକରି ରାଜୌରୀ ସହର ଏବଂ ଏହାର ଆଖପାଖରେ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ଉପରେ କଡ଼ା ନଜର ରଖିଛି । ମୁଁ ଅଞ୍ଚଳର ସ୍ଥାନୀୟ ବିଧାୟକଙ୍କ ସହ ଯୋଗାଯୋଗରେ ଅଛି । କଶ୍ମୀର ପ୍ରଶାସନ ଲୋକଙ୍କୁ ଅନାବଶ୍ୟକୀୟ ଯାତ୍ରା କରିବାକୁ ମନା କରିଛି । ଲୋକଙ୍କୁ ନଦୀ, ନାଳ ଏବଂ ବନ୍ୟା ଆଶଙ୍କା ଥିବା ଅଞ୍ଚଳରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ପାଣିପାଗ ବିଭାଗ ୧୯ରୁ ୨୩ ଜୁଲାଇ ଯାଏଁ ପ୍ରବଳ ବର୍ଷା ଆକଳନ କରିଛି । ବିଶେଷ ଭାବେ ଜମ୍ମୁ, କଠୁଆ, ସାମ୍ବା, ରାଜୌରୀ, ଡୋଡା, ରାମବନ ଏବଂ କିସ୍ତୱାଡ ଜିଲ୍ଲାରେ ହାଇଆଲର୍ଟ ଜାରି କରାଯାଇଛି ।

# ବ୍ରୋଞ୍ଜ ମ୍ୟାଚ୍‌ରେ ଦମଦାର ୧୦ ଗୋଲ୍

## ଫ୍ରାନ୍ସକୁ ହରାଇ ତୃତୀୟ ସ୍ଥାନରେ ରହିଲା ଇଂଲଣ୍ଡ

ନୂଆଦିଲ୍ଲୀ, ୧୯/୦୭: ଫିଫା ବିଶ୍ୱକପ୍ ୨୦୨୬ର ତୃତୀୟ ସ୍ଥାନ ପାଇଁ ମ୍ୟାଚ୍‌ରେ ଫ୍ରାନ୍ସକୁ ପରାସ୍ତ କରିଛି ଇଂଲଣ୍ଡ । ମ୍ୟାଚ୍‌ରେ ଅନେକ ଗୋଲ ହୋଇଥିଲା, ଯେଉଁଥିରେ ଇଂଲଣ୍ଡ ଶେଷରେ ବାଜି ମାରି ନେଇଛି । ମିଆମି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ମୋଟ ୧୦ ଗୋଲ୍ ହୋଇଥିଲା, ଯେଉଁଥିରୁ ୬ ଗୋଲ୍ ଇଂଲଣ୍ଡ କରିଥିଲା । ଫ୍ରାନ୍ସ ୪ ଗୋଲ୍ କରିଥିଲା । ଫ୍ରାନ୍ସକୁ ୬-୪ ଗୋଲରେ ପରାସ୍ତ କରି, ଇଂଲଣ୍ଡ ତୃତୀୟ ସ୍ଥାନରେ ରହି ଫିଫା ବିଶ୍ୱକପ୍ ୨୦୨୬ରେ ତା'ର ଯାତ୍ରା ଶେଷ କରିଛି । ୧୯୬୬ ପରେ ଟୁର୍ଣ୍ଣାମେଣ୍ଟ ଇତିହାସରେ ଏହା ଇଂଲଣ୍ଡର ସର୍ବୋତ୍ତମ ଫଳାଫଳ । ୧୯୬୬ରେ, ଇଂଲଣ୍ଡ ଦଳ ଚାମ୍ପିଅନ୍ ହୋଇଥିଲା ।



୪୪ ବର୍ଷ ପରେ ଏପରି ମ୍ୟାଚ୍ ଖେଳାଗଲା- ଯେତେବେଳେ ମ୍ୟାଚ୍ ଆରମ୍ଭ ହୋଇଥିଲା, କେହି କଳ୍ପନା କରିନଥିଲେ ଯେ ଏହା ୪୪ ବର୍ଷ ପୂର୍ବ ଫିଫା ବିଶ୍ୱକପ୍ ଇତିହାସରେ ଶେଷ ଥର ପରି ଶେଷ ହେବ । ଏଠାରେ, ଫଳାଫଳ ଗୋଟିଏ ମ୍ୟାଚ୍‌ରେ ହୋଇଥିବା ୧୦ ଗୋଲ୍ ବୁଝାଏ । ଏପର୍ଯ୍ୟନ୍ତ, କେବଳ ଛଅଟି ମ୍ୟାଚ୍‌ରେ ଫିଫା ବିଶ୍ୱକପ୍ ୧୦ କିମ୍ବା ତା'ଠାରୁ ଅଧିକ ଗୋଲ ହୋଇଛି । ମିଆମି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଇଂଲଣ୍ଡ ଏବଂ ଫ୍ରାନ୍ସ ମଧ୍ୟରେ ମ୍ୟାଚ୍ ସେହି ତାଲିକାରେ ଷଷ୍ଠ ସ୍ଥାନରେ ଅଛି । ପୂର୍ବରୁ, ୧୯୮୨ ଫିଫା ବିଶ୍ୱକପ୍‌ରେ ହଙ୍ଗେରୀ ଏବଂ ଏଲ୍ ସାଲଭାଡୋର ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ ୧୧ ଗୋଲ୍ ହୋଇଥିଲା । ହଙ୍ଗେରୀ ସେହି ମ୍ୟାଚ୍‌କୁ ୧୦-୧ରେ ଜିତିଥିଲା ।

ପ୍ରଥମାର୍ଦ୍ଧରେ ଇଂଲଣ୍ଡ ନିୟନ୍ତ୍ରଣ ରଖିଥିଲା । ଫ୍ରାନ୍ସ ୦-୪ରେ ପଛୁଆ ରହିଥିଲା । ମ୍ୟାଚ୍‌ର ତୃତୀୟ ମିନିଟ୍ରେ ଇଂଲଣ୍ଡ ପାଇଁ ରାଇସ୍ ପ୍ରଥମ ଗୋଲ ସ୍କୋର କରିଥିଲେ । ୧୫ ମିନିଟ୍ ପରେ କୋନସା ଗୋଲ ଦେଇଥିଲେ । ୧୮ତମ ମିନିଟ୍ରେ ହୋଇଥିବା ସେହି ଗୋଲ ଇଂଲଣ୍ଡକୁ ଫ୍ରାନ୍ସ ଉପରେ ୨-୦ର ଅଗ୍ରଣୀ ଦେଇଥିଲା । ଇଂଲଣ୍ଡ ମ୍ୟାଚ୍‌ର ତୃତୀୟ ଏବଂ ଚତୁର୍ଥ ଗୋଲ ମଧ୍ୟ ସ୍କୋର କରିଥିଲା, ଯାହା ବୁକାୟୋ ସାକା ୩୮ତମ ଏବଂ ୪୬ତମ ମିନିଟ୍ରେ କରିଥିଲେ । ଏହିପରି, ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା, ଇଂଲଣ୍ଡ ଫ୍ରାନ୍ସ ଉପରେ ୪-୦ର ଅଗ୍ରଣୀ ହାସଲ କରିଥିଲା ।

ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧ ଆରମ୍ଭ ହେବା ମାତ୍ରେ, ଫ୍ରାନ୍ସ ପ୍ରତିଆକ୍ରମଣ ଆରମ୍ଭ କଲା । ଅଧିନାୟକ କାଇଲିଆନ୍ ମ୍ବାପ୍ପେ ୪୮ତମ ମିନିଟରେ ଇଂଲଣ୍ଡର ପୋଷ୍ଟ ବାହାରେ ଫ୍ରାନ୍ସ ପାଇଁ ପ୍ରଥମ ଗୋଲ ଦେଇଥିଲେ । ୬ ମିନିଟ୍ ପରେ, ବାର୍କୋଲା ଆଉ ଏକ ଗୋଲ ଦେଇ ମ୍ୟାଚ୍‌ରେ ଉତ୍ସାହ ବଢାଇଥିଲେ । ୫୪ତମ ମିନିଟରେ ଫ୍ରାନ୍ସ ପାଇଁ ସେହି ଗୋଲ ସ୍କୋରକୁ ୨-୪ କରିଦେଇଥିଲା । ୬୬ତମ ମିନିଟରେ, କାଇଲିଆନ୍ ଏମ୍ବାପ୍ପେ ତାଙ୍କର ଦ୍ୱିତୀୟ ଏବଂ ଫ୍ରାନ୍ସ ପାଇଁ ତୃତୀୟ ଗୋଲ କରି ମ୍ୟାଚ୍‌ରେ ଜୀବନ ଭରିଥିଲେ । ସ୍କୋର ଏବେ ୩-୪ ହୋଇଗଲା ।

ଦ୍ୱିତୀୟାର୍ଦ୍ଧରେ ଫ୍ରାନ୍ସ ପ୍ରତିଆକ୍ରମଣ ମଧ୍ୟରେ, ଇଂଲଣ୍ଡ ଶେଷରେ ୮୭ତମ ମିନିଟରେ ଗୋଲ୍ ପାଇଲା । ଏହି ଗୋଲଟି ମଧ୍ୟ ସାକା କରିଥିଲେ, ଯାହା ଫିଫା ବିଶ୍ୱକପ୍ ୨୦୨୬ରେ ତାଙ୍କର ହ୍ୟାଟ୍ରିକ୍ ପୂରଣ କରିଥିଲେ । ଏହା ପରେ ଫ୍ରାନ୍ସ ଅତିରିକ୍ତ ସମୟରେ ଆଉ ଏକ ଗୋଲ କରିଥିଲା, କିନ୍ତୁ ଇଂଲଣ୍ଡ ତୁରନ୍ତ ଜୁଡ୍ ବେଲିଂହାମ ଷଷ୍ଠ ଗୋଲ କରି ଏହା ପରେ ଆସିଥିଲା । ମ୍ୟାଚ୍ ଶେଷରେ, ଫ୍ରାନ୍ସ ୪ ଗୋଲରେ ସମାନ ଥିଲା, ଯେତେବେଳେ ଇଂଲଣ୍ଡ ୬ ଗୋଲ ସହିତ ବିଜୟୀ ହୋଇଥିଲା ।

## ବୁଦାପେଷ୍ଟ କୁସ୍ତି ରାଙ୍କିଂ ସିରିଜ୍: କାଜଲଙ୍କୁ ସ୍ୱର୍ଣ୍ଣ

ବୁଦାପେଷ୍ଟ୧୯।୭ :ଭାରତର ୨୦ ବର୍ଷରୁ କମ୍ ବିଶ୍ୱବିଜୟିନୀ କୁସ୍ତିବିତ୍ କାଜଲ ଏଠାରେ ଚାଲିଥିବା ବୁଦାପେଷ୍ଟ କୁସ୍ତି ରାଙ୍କିଂ ସିରିଜ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତି ଦେଶ ପାଇଁ ଗର୍ବ ଓ ଗେରବ ଆଣିଛନ୍ତି । ରବିବାର ମହିଳା ୭୬ କିଲୋଗ୍ରାମ ଫାଇନାଲ୍‌ରେ ଏହି ଭାରତୀୟ ଯୁବତୀ ଆମେରିକାର ଡାଇମଣ୍ଡ ଗୁଇଲଫୋର୍ଡଙ୍କୁ ପରାସ୍ତ କରିଥିଲେ । ଏହି କଡା ସଂଘର୍ଷପୂର୍ଣ୍ଣ ଫାଇନାଲ୍ ଏକଦା ସ୍ଥିତି ୩-୩ରେ ରହିଥିଲା । ହେଲେ କାଜାଲ ଚମତ୍କାର ପ୍ରଦର୍ଶନ ସହ ଭାରତ ପାଇଁ ଏହି ତୃତୀୟ ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଥିଲେ । ୫୩ କିଲୋଗ୍ରାମ୍ ଫାଇନାଲ୍‌ରେ ସ୍ୱିଡେନ୍ ପ୍ରତିଦ୍ୱନ୍ଦ୍ୱୀ ଇମା ଜୋନ୍ନା ଡେନିସ୍‌ଙ୍କ ବିପକ୍ଷ ମ୍ୟାଚ୍ ବେଳେ ଆହତ ଯୋଗୁଁ ବାଧ୍ୟରେ ଓହରିଯିବାରୁ ଭାରତୀୟ ତାରକା ଅନ୍ତିମ ପଙ୍ଘଲ ରେପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ । ଏହି ଓଜନ ବର୍ଗର କାଂସ୍ୟ ମୁକାବିଲାରେ ନିଶୁ ୨-୨ (ଭିଫିଓ୧)ରେ ରୋମାନିଆର ଆନ୍ଦ୍ରିୟା ବିଟ୍ରାଇସ୍ ଆନାଙ୍କୁ ହରାଇ ଦେଇ ପୋଡିୟମ୍ ଫିନିସ୍ କରିଥିଲେ । ୫୭ କିଲୋଗ୍ରାମ୍ ବର୍ଗରେ ନେହା ଶର୍ମା ୦-୪ରେ ଚୀନ୍‌ର କେକ୍ସିନ୍ ହଙ୍ଗଙ୍କଠୁ ପରାଜିତ ହୋଇ ରେପ୍ୟ ପାଇଥିଲେ । ଭାରତଏହି ପ୍ରତିଯୋଗିତା ଏପର୍ଯ୍ୟନ୍ତ ୩ ସ୍ୱର୍ଣ୍ଣ ସହ ୧୨ ପଦକ ଜିତିଛି ।

## ଇତିହାସ ରଚିଲେ ସିନ୍ଧୁ, ଜାପାନ ଓପନ୍ ଜିତିଥିବା ପ୍ରଥମ ଭାରତୀୟ

ନୂଆଦିଲ୍ଲୀ, ୧୯।୦୭: ଇତିହାସ ରଚିଲେ ଭାରତୀୟ ବ୍ୟାଡମିଣ୍ଟନ ଷ୍ଟାର ପିଭି ସିନ୍ଧୁ । ଚଳିତ ଜାପାନ ଓପନ ସୁପର ୭୫୦ ବ୍ୟାଡମିଣ୍ଟନରେ ଭାରତର ପିଭି ସିନ୍ଧୁ ବିଜୟ ଜାରି ରଖି ଫାଇନାଲ୍‌ରେ ବାଜି ମାରି ନେଇଛନ୍ତି । ଜାପାନର ଆକାନେ ୟାମାଗୁଚିଙ୍କୁ ହରାଇ ପ୍ରଥମ ଭାରତୀୟ ଭାବେ ଜାପାନ ଓପନ୍ ଟାଇଟଲ୍ ଜିତି ଇତିହାସ ରଚିଛନ୍ତି । ଫାଇନାଲ ମୁକାବିଲାରେ ଆୟୋଜକ ଜାପାନର ଆକାନେ ୟାମାଗୁଚିଙ୍କୁ ୨୧-୧୭, ୨୧-୧୭ ସିଧାସଳଖ ଗେମରେ ପରାସ୍ତ କରି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଚାମ୍ପଅନ୍ ହୋଇଛନ୍ତି । ବ୍ୟାଡମିଣ୍ଟନ୍ କୋର୍ଟରେ ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ଏହା ୩୦ତମ ମୁକାବିଲା ଥିଲା, ଯେଉଁଥିରେ ପିଭି ସିନ୍ଧୁ ଏବେ ୧୬-୧୪ରେ ବିଜୟୀ ହୋଇଛନ୍ତି ।



ଗତକାଲି (ଶନିବାର) ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମି ଫାଇନାଲ ସେ ୨୧-୧୯, ୧୫- ୧୦ ଗେମ୍‌ରେ ଆଗୁଆ ରହିଥିବାବେଳେ ପ୍ରତିପକ୍ଷ ଚୀନ ଖେଳାଳି ଚେନ୍ ୟୁଫେଇ ଆହତ ହୋଇ ଓହରି ଯାଇଥିଲେ । ଫଳରେ ସିନ୍ଧୁଙ୍କୁ ବିଜୟୀ ଘୋଷଣା କରାଯାଇଥିଲା । ଏହି ବିଜୟ ସହ ସେ ପ୍ରଥମ ଭାରତୀୟ ମହିଳା ଖେଳାଳି ଭାବେ ଜାପାନ ଓପନ ଫାଇନାଲ୍‌ରେ ପ୍ରବେଶ କରିଥିଲେ । ଆଜି ଫାଇନାଲରେ ସେ ଜାପାନର ଆକାନେ ୟାମାଗୁଚିଙ୍କୁ ଭେଟିଥିଲେ । ସିନ୍ଧୁ ଦୀର୍ଘ ୨ବର୍ଷ ପରେ ପ୍ରଥମ ଥର କୌଣସି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ଖେଳିଛନ୍ତି ସିନ୍ଧୁ । ଆଉ ବିଜୟୀ ମଧ୍ୟ ହୋଇଛନ୍ତି ।

୨୦୨୪ରେ ସେ ସୟଦ ମୋଦି ଇଣ୍ଟରନ୍ୟାସନାଲ୍ ଚାମ୍ପିଅନ୍ ହୋଇଥିଲେ । ଏହାପରଠୁ ସେ ଆଉ ଗୋଟିଏ ହେଲେ ଟାଇଟଲ୍ ଜିତି ପାରିନଥିଲେ । ଜାପାନ ଓପନରେ ସେ କ୍ୱାର୍ଟର ଫାଇନାଲ୍ ରାଉଣ୍ଡରେ ୱାକ୍ ଓଭର ପାଇଥିଲେ । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ବିଶ୍ୱ ଚାମ୍ପିଅନ୍ ନୋଜୋମି ଓକୁହାରା ଆହତ ହୋଇ ଓହରି ଯାଇଥିଲେ । ସେମିରେ ସେ ଅଲିମ୍ପିକ୍ ଚାମ୍ପିଅନ୍ ୟୁଫେଇକୁ ସାମ୍ନା କରିଥିଲେ । ମ୍ୟାଚ୍ ବେଳେ ୟୁଫେଇଙ୍କ ଜଙ୍ଘ ପଛପାର୍ଶ୍ୱରେ ମାଂସପେଶୀ ଟାଣି ହୋଇଯିବାରୁ ସେ ଓହରି ଯାଇଥିଲେ । ଏଥିସହ ସିନ୍ଧୁ ଚୀନ ତାରକା ୟୁଫେଇଙ୍କ ବିପକ୍ଷରେ ୫ମ୍ୟାଚ୍ ପରାଜୟଧାରାରେ ବ୍ରେକ୍ ବି ଲଗାଇଥିଲେ ।

ସିନ୍ଧୁଙ୍କ ପାଇଁ କାହିଁକି ଖାସ୍ ଜାପାନ ଓପନ୍- ଏହା ପିଭି ସିନ୍ଧୁଙ୍କ ପ୍ରଥମ ଇଭର ୭୫୦ ଟାଇଟଲ୍ । ୨୦୨୪ ମସିହାରେ ସୟଦ ମୋଦି ଟୁର୍ଣ୍ଣାମେଣ୍ଟ ଜିତିବା ପରେ ଏହା ବ୍ୟାଡମିଣ୍ଟନ କୋର୍ଟରେ ତାଙ୍କର ପ୍ରଥମ ଟାଇଟଲ୍ । ଏହା ଚାରି ବର୍ଷ ମଧ୍ୟରେ ଭାରତ ବାହାରେ ତାଙ୍କର ପ୍ରଥମ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ବିଜୟ ମଧ୍ୟ । ସେ ଟୋକିଓରେ ଫାଇନାଲ୍ ଜିତି ଜାପାନ ଓପନ୍ ଟାଇଟଲ୍ ଜିତିଛନ୍ତି । ଜାପାନ ଓପନରେ ପିଭି ସିନ୍ଧୁଙ୍କ ଏହି ବିଜୟ ଖାସ୍ କାରଣ ସେ ଫାଇନାଲରେ ବିଶ୍ୱ ଚାମ୍ପିଅନକୁ ହରାଇଛନ୍ତି । ଏହି ବିଜୟ ସହିତ ପିଭି ସିନ୍ଧୁ ୧୯ ମାସର ଟାଇଟଲ ମରୁଡ଼ିର ଅନ୍ତ ଘଟାଇଛନ୍ତି । ସେ ୧୯ ମାସରେ ବିଡବ୍ଲୁଏଫ ବିଶ୍ୱ ଟୁର୍ ଟାଇଟଲ ଜିତିଛନ୍ତି । ତାଙ୍କର ଶେଷ ଟାଇଟଲ ଡିସେମ୍ବର ୨୦୨୪ରେ ସୟଦ ମୋଦି ଇଣ୍ଟରନ୍ୟାସନାଲରେ ଆସିଥିଲାସ । ଏହି ବିଜୟ ସିନ୍ଧୁଙ୍କ ଜବରଦସ୍ତ କମବ୍ୟାକ୍ । ସେ ଦୀର୍ଘ ଦିନ ଧରି ଫିଟନେସ୍ ଏବଂ ଫର୍ମ ସହିତ ସଂଘର୍ଷ କରୁଥିଲେ ।

ଜାପାନ ଓପନ୍ ଜିତିବା ରାଙ୍କିଙ୍ଗରେ ଲାଭ ଦେବ । ବର୍ଷ ଆରମ୍ଭରେ, ପିଭି ସିନ୍ଧୁଙ୍କ ରାଙ୍କିଙ୍ଗ ବିଶ୍ୱର ୧୮ ନମ୍ବରକୁ ଖସି ଆସିଥିଲା । ତଥାପି, ତାଙ୍କର ଦୃଢ଼ ପ୍ରଦର୍ଶନ ପାଇଁ ସେ ଶ୍ରେଷ୍ଠ ୧୦ ରେ ପ୍ରବେଶ କରିଛନ୍ତି ଏବଂ ବର୍ତ୍ତମାନ ବିଶ୍ୱର ୯ ନମ୍ବର ସ୍ଥାନରେ ଅଛନ୍ତି । ଜାପାନ ଓପନ୍ ଫାଇନାଲରେ ବର୍ତ୍ତମାନର ବିଶ୍ୱ ଚାମ୍ପିଅନ୍ ଆକାନେ ୟାମାଗୁଚିଙ୍କୁ ପରାସ୍ତ କରିବା ପରେ ତାଙ୍କ ରାଙ୍କିଙ୍ଗରେ ଆହୁରି ବୃଦ୍ଧି ଘଟିପାରେ ।

## ନାଇଟ୍ ରାଇଡର୍ସଙ୍କୁ ପ୍ରଥମ ଏମ୍ଏଲସି ମୁକୁଟ




ଲସ୍‌ଏଞ୍ଜେଲ୍‌ସ, ୧୯।୭: ଚଳିତ ମେଜର ଲିଗ୍ କ୍ରିକେଟ୍ (ଏମ୍ଏଲ୍‌ସି)ରେ ଲସ୍‌ଏଞ୍ଜେଲ୍‌ସ ନାଇଟ୍ ରାଇଡର୍ସ ବିଜେତା ହୋଇଛି । ରବିବାର ଫାଇନାଲ୍‌ରେ ଏହି ଦଳ ନାଟକୀୟ ଭାବେ ୧ ରନ୍‌ରେ ୱାସିଟନ୍ ଫ୍ରିଡମ୍‌କୁ ପରାସ୍ତ କରି ପ୍ରଥମ ଥର ଲାଗି ଏହି ଟ୍ରଫି ହାସଲ କରିବାରେ ସଫଳ ହୋଇଛି । ଗତ ୩ ଋତୁରେ କେବଳ ୫ ବିଜୟ ପାଇଥିବା ଏହି ଦଳ ଚଳିତ ଋତୁରେ ୮ ବିଜୟ ସହ ଏହି ସଫଳତା ପାଇଛି ଭାରତୀୟଙ୍କ ମାଲିକାନାରେ ଥିବା ଏହି ଦଳ ।

ଶେଷ ଓଭରରେ ୱାସିଂଟନ୍ ଦଳକୁ ବିଜୟ ଲାଗି ୧୪ ରନ୍ ଆବଶ୍ୟକ ଥିଲା । ସାଡ୍‌ଲେ ଭାନ୍ ଷ୍ଟାଲକ୍‌ୱିକ୍ ପ୍ରଥମ ବଲ୍ ଛକା ମାରି ନିକଟବର୍ତ୍ତୀ କରାଇଥିଲେ । ହେଲେ ଓବୁସ ପିନରଙ୍କ ଚମତ୍କାର ବୋଲିଂ କରି ପରବର୍ତ୍ତୀ ୫ ବଲ୍‌ରେ ମାତ୍ର ୬ ରନ୍ ବ୍ୟୟ କରି ଦଳକୁ ୧ ରନ୍‌ରେ ବିଜୟ ଭେଟି ଦେଇଥିଲେ । ଶେଷ ବଲ୍‌ରେ ୩ ରନ୍ ଥିଲା ବେଳେ ଲାହିରୁ ମିଲନ୍ଥା ୨ ରନ୍ ନେବାକୁ ଚେଷ୍ଟା କରି ରନ୍‌ଆଉଟ୍ ହେବାରୁ ମ୍ୟାଚ୍ ସୁପର ଓଭର୍‌ରୁ ବଞ୍ଚିତ ହୋଇଥିଲା ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନାଇଟ୍ ରାଇଡର୍ସ ୧୯.୪ ଓଭରରେ ୧୬୪ ରନ୍ କରିଥିଲା । ଜବାବରେ ସୁନିଲ ନାରାୟଣ (୩/ ୧୩)ଙ୍କ ପ୍ରାରମ୍ଭିକ ସଫଳତା ଯୋଗୁଁ ଫ୍ରିଡମ୍ ୨୯/୩ରେ ସଂଘର୍ଷ କରିଥିଲା । ତେବେ ଓବୁସ ପିନାଲଙ୍କ ୫୩, ଆଣ୍ଡ୍ରିସ୍ ଗସ୍‌ଙ୍କ ୪୦ ଓ ନିଖିଳ ଚୌଧୁରୀଙ୍କ ୨୫ ରନ୍ ଯୋଗୁଁ ମ୍ୟାଚ୍‌କୁ ଫେରି ୧୬୩/୯ରେ ଅଟକି ମାତ୍ର ୧ ରନ୍‌ରେ ପରାଜୟ ବରଣ କରିଥିଲା । ନାରାୟଣ ଫାଇନାଲ୍ ସହ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ ।

## ସିରାଜଙ୍କ ସପକ୍ଷରେ ଆକାଶ ଚୋପ୍ରା

ନୂଆଦିଲ୍ଲୀ, ୧୯।୭: ଟିମ୍ ଇଣ୍ଡିଆର ଦ୍ରୁତ ବୋଲର ମହମ୍ମଦ ସିରିଜ ଲଗାତାର ଦିନିକିଆ ଦଳର ବାହାରେ ରହିଛନ୍ତି । ଦକ୍ଷ ବୋଲରଙ୍କ ବାଦ୍ ନେଇ ଉଠିଛି ପ୍ରଶ୍ନ । ସିରାଜଙ୍କ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରା । ସେ ତାଙ୍କର ୟୁଟ୍ୟୁବ ଚ୍ୟାନେଲରେ ସିରାଜଙ୍କୁ ଦିନିକିଆ ଦଳର ବାଦ୍ ଦେବାକୁ ନେଇ ଚୟନକର୍ତ୍ତାଙ୍କ ଉପରେ ବର୍ଷିଛନ୍ତି । ଏହାସହ ଦଳ ପରିଚାଳନାକୁ ସମାଲୋଚନା କରିଛନ୍ତି ।



ଆକାଶ ଚୋପ୍ରା କହିଛନ୍ତି କି, ସିରାଜଙ୍କ ଭଳି ବୋଲରଙ୍କୁ ବିନା କାରଣରେ ଦଳରୁ ବାଦ୍ ଦେବା ପଛର କାରଣ କ'ଣ ଯଦିଓ ପ୍ରଥମେ ସେ ପୁରୁଣା ବଲରେ ଦିନିକିଆରେ ବୋଲିଂ କରିବାରେ ପ୍ରଭାବଶାଳି ନଥିଲେ । ଯେଉଁ କାରଣରୁ ଦଳରୁ ବାଦ୍ ଦିଆଯାଉଥିଲା । ମାତ୍ର ଏବେ ସେଭଳି କେଣସି କାରଣ ନାହିଁ । ତଥାପି କାହିଁକି ଲଗାତାର ବାଦ୍ ଦିଆଯାଉଛି ବୋଲି ପ୍ରଶ୍ନ ଉଠାଇଛନ୍ତି ଆକାଶ ଚୋପ୍ରା ।

ପୂର୍ବତନ ଭାରତୀୟ ଓପନର ଆକାଶ ଚୋପ୍ରା ସିରାଜଙ୍କ ସପକ୍ଷରେ ବାହାରିଛନ୍ତି । ନିଜର ୟୁଟ୍ୟୁବ୍ ଚ୍ୟାନେଲରେ ଚୋପ୍ରା କହିଛନ୍ତି, 'ଗୋଟିଏ ଟୁର୍ଣ୍ଣାମେଣ୍ଟର ଚୟନ ବା ଅଣ-ଚୟନ ସିରାଜଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିପାରିବ ନାହିଁ । ସେ ଜଣେ ଉତ୍କୃଷ୍ଟ ଖେଳାଳି ଏବଂ ଦୀର୍ଘ ଦିନ ଧରି ଦଳ ପାଇଁ ଭଲ ପ୍ରଦର୍ଶନ କରିଆସୁଛନ୍ତି ।'ଚୋପ୍ରାଙ୍କ ମତରେ, ଭାରତୀୟ ଦଳରେ ଜସପ୍ରୀତ ବୁମରାଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବୋଲରଙ୍କ ସ୍ଥାନ ସ୍ଥାୟୀ ନୁହେଁ । ସିରାଜଙ୍କ ପାଖରେ କ୍ଷମତା ଅଛି ଏବଂ ସେ ପୁଣି ଥରେ ଦଳରେ ନିଜର ସ୍ଥାନ ସୁନିଶ୍ଚିତ କରିପାରିବେ । ତାଙ୍କର କଠିନ ପରିଶ୍ରମ ଓ ମନୋଭାବ ତାଙ୍କୁ ପୁଣି ଥରେ ସଫଳତା ଦେବ ବୋଲି ସେ ବିଶ୍ୱାସ ରଖିଛନ୍ତି ।

ମହମ୍ମଦ ସିରାଜଙ୍କ ଡଉଓ ରେକର୍ଡ ବେଶ୍ ପ୍ରଭାବଶାଳୀ ରହିଛି । ସେ ଏପର୍ଯ୍ୟନ୍ତ ଖେଳିଥିବା ମ୍ୟାଚ୍ଗୁଡ଼ିକରେ ନିଜର ସ୍ୱିଙ୍ଗ୍ ଏବଂ ଲାଇନ୍-ଲେନ୍ଥ ଦ୍ୱାରା ଅନେକ ଥର ପ୍ରତିପକ୍ଷ ବ୍ୟାଟରଙ୍କୁ ଚକମା ଦେଇଛନ୍ତି । ତେଣୁ ସିରାଜଙ୍କୁ ଏତେ ଜଲଦି ଦଳରୁ ବାଦ୍ ଦେବା ଉଚିତ୍ ନୁହେଁ ବୋଲି ଚୋପ୍ରା ମତ ଦେଇଛନ୍ତି । କହି ରଖୁଛୁ କି, ୨୦୧୯ ମସିହାରେ ଦିନିକିଆରେ ଡେବ୍ୟୁ କରିଥିଲେ ସିରାଜ । ସେ ୫୦ ମ୍ୟାଚ ଖେଳିଥିବାବେଳେ ୭୬ ୱିକେଟ ଅକ୍ତିଆର କରିଛନ୍ତି ।ତାଙ୍କୁ କେବଳ ଟେଷ୍ଟ ଦଳରେ ସୁଯୋଗ ଦିଆଯାଉଥିବାବେଳେ ଧିରେ ଧିରେ ଦିନିକିଆ ଦଳର ବାଦ୍ ଦିଆଯାଉଛି । ଏଭଳି ମନେ ହେଉଛି କି, ୨୦୨୭ ବିଶ୍ୱକପରେ ତାଙ୍କ ପାଇଁ ଦଳରେ ସ୍ଥାନ ରଖାଯାଇନାହିଁ ।

### ୟନେକ୍ସ - ସନରାଇଜ ଜିଲ୍ଲା ବ୍ୟାଡ ମିଣ୍ଟନ ଚମ୍ପିୟାନସିପ୍ ଉଦ୍‌ଘାଟିତ

## ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ : ପ୍ରଥମ ଦିନରେ ୬୯ ମ୍ୟାଚ୍

ବଲାଙ୍ଗିର, ୧୯।୭ – ଜିଲ୍ଲା ବ୍ୟାଡ ମିଣ୍ଟନ ସଂଘ ବଲାଙ୍ଗିର ଆନୁକୁଲ୍ୟରେ ୟନେକ୍ସ-ସନରାଇଜ ଜିଲ୍ଲା ବ୍ୟାଡ ମିଣ୍ଟନ ଚମ୍ପିୟାନସିପ୍ ଆଜି ଉଦ୍‌ଘାଟନ ହୋଇଯାଇଛି । ଏହି ଚମ୍ପିୟାନସିପ୍ ରେ ସମଗ୍ର ଜିଲ୍ଲାରୁ ୨୫୦ ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି । ଏହି ପ୍ରତିଯୋଗିତାରେ ୯, ୧୧,୧୩,୧୫,୧୭,୧୯ ରୁ କମ୍ ବୟସ ବର୍ଗର ଉଭୟ ବାଳିକ, ବାଳିକା ସିଙ୍ଗଲ, ଡବଲ୍ସ ଓ ମିକ୍ସ ଡବଲ୍ସ , ବରିଷ୍ଠ ମହିଳା ଓ ପୁରୁଷ ସିଙ୍ଗଲ ଡବଲ୍ସ ଓ ମିକ୍ସ ଡବଲ୍ସ ଏବଂ ଭେଟେରାନ ର ବିଭିନ୍ନ ବୟସ ବର୍ଗର ପ୍ରତିଯୋଗିତା ଆୟୋଜନ ହେବ । ଜିଲ୍ଲାର ବିଭିନ୍ନ ବ୍ୟାଡ ମିଣ୍ଟନ କ୍ଲବ ଓ ସ୍କୁଲ କଲେଜର ଛାତ୍ର ଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ଆଜିର ଉଦ୍‌ଘାଟନ ସମାରୋହରେ ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ଏବଂ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରତିଯୋଗିତାର ସଫଳ ରୂପାୟନ ପାଇଁ ଶୁଭେଚ୍ଛା ଜଣାଇବା ସହ ବ୍ୟାଡମିଣ୍ଟନ ଖେଳର ଇତିହାସ ଓ ଜିଲ୍ଲାର ଖେଳାଳିମାନଙ୍କର କୃତିତ୍ୱ ଉପରେ ସେମାନେ ବକ୍ତବ୍ୟ ରଖିବା ସହ ଆଗାମୀ ଦିନରେ ବଲାଙ୍ଗିର ଜିଲ୍ଲା ଆହୁରି ଉତ୍ତମ ଖେଳାଳି ରାଜ୍ୟ ତଥା ଦେଶକୁ ପ୍ରଦାନ କରିବ ବୋଲି କହିଥିଲେ । ଜିଲ୍ଲା ବ୍ୟାଡ ମିଣ୍ଟନ ସଂଘ ସଂପାଦକ ସୁରୁଲାଲ ମଟାରୀଙ୍କ ସଂଯୋଜନାରେ ହୋଇଥିବା ଉଦ୍‌ଘାଟନି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଂଘ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପ-ସଭାପତି ଘନଶ୍ୟାମ ମିଶ୍ର, ଯୁଗ୍ମ ସଂପାଦକ ମାନସ ମହାନ୍ତି, ବରିଷ୍ଠ ଉପଦେଷ୍ଟା ବିରେନ୍ଦ୍ର ମିଶ୍ର, ସୁଧିର ପଣ୍ଡା, ରୋଶନ ଜୈନ, ଉନ୍ନୟନ କମିଟି ସଦସ୍ୟ ଅନନ୍ତ ବେହେରା, ସଦସ୍ୟ ଆଶିଷ ଦର୍ଜୀ ପ୍ରମୁଖ ମଂଚାସିନ ଥିଲେ ।



ଚାରିଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ସଫଳ ରୂପାୟନ ପାଇଁ ଜାତୀୟ ଗ୍ରେଡ-୨ ରେଫରି ହେମନ୍ତ ପ୍ରଧାନ ମୁଖ୍ୟ ରେଫରି ଭାବରେ ଚନ୍ଦ୍ର ଶେଖର ମିଶ୍ର ଡେପୁଟି ରେଫରି ଏବଂ ରାଜ୍ୟ ସ୍ୱିକୃତିପ୍ରାପ୍ତ ଟେକନିକାଲ ଅଫସର ବୈଷ୍ଣବ କବାଟ, ସୁଶାନ୍ତ କୁମାର ମହାନ୍ତି, ଉପେନ୍ଦ୍ର ଚନ୍ଦ୍ର, ପବନ କୁମାର ସାହୁ, କେଶବ ଚନ୍ଦ୍ର ସାହୁ, ରମାଇଁ ରଂଜନ ପାଣିଗ୍ରାହୀ, ଅନନ୍ତ ବେହେରା, ମାନସ ମହାନ୍ତି, ଗଜାନନ ଦାଶ, କାସିମ ଇକ୍‌ବାଲ, ରାକେଶ ଜେସୱାଲ, ପ୍ରକାଶ ସାହୁ, ମାଷ୍ଟର ଅଫ୍ ସେରିମନିରେ ନନ୍ଦିନି ଲାଲ, ଅଂଚଳ ରାଜପୁତ, ସଂପ୍ରିତି ପଟ୍ଟନାୟକ, ଗୁନଗୁନ ପଦ୍ମିନୀ ଏବଂ ଫିଜିଓ ତଥା ଫାଷ୍ଟଏଡ୍ ବିଶେଷଜ୍ଞ ଭାବେ ରାମ ନାରାୟଣ ଦାଶ, ପ୍ରକାଶ ଛନ୍ଦ, ରଶ୍ମିରାଣୀ ଦାଶ ଯୋଗଦାନ କରିଛନ୍ତି । ପ୍ରଥମ ଦିନରେ ୧୧ ବର୍ଷ, ୧୩, ୧୫, ୧୭ ଓ ୧୯ ବର୍ଷରୁ କମ୍ ୬୯ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଆସନ୍ତା କାଲି ଖେଳର ଦ୍ୱିତୀୟ ରାଉଣ୍ଡ ର ସମସ୍ତ ମ୍ୟାଚ ଅନୁଷ୍ଠିତ ହେବ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ